RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-142 ◆TUESDAY ◆18 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୪୨ ◆ମଙ୍ଗଳବାର ◆୧୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ପରଲୋକରେ ହ୍ୟୁମାନ ସାଗର

▶ପୃଷ୍ଠା ୩ ଦେଖନ୍ତୁ...




ସକାଳ THE SAKALA



www.sakalaepaper.com

# ୨୫ ବର୍ଷରେ ସବୁଠୁ ଥଣ୍ଡା ନଭେମ୍ବର

ଭୁବନେଶ୍ୱର,୧୭।୧୧(ସମିସ): ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ଓ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି। ଏହାଦ୍ୱାରା ସାରା ରାଜ୍ୟରେ ପାରଦ ତଳମୁହାଁ ହୋଇଥିବା ବେଳେ ଗତ ୨୫ ମଧ୍ୟରେ ନଭେମ୍ବର ମାସରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ତାପମାତ୍ରା ସବୁଠୁ ତଳେ ପହଞ୍ଚିଛି। ଗତ ୩ ଦିନ ହେବ ରାଜଧାନୀ ଭୁବନେଶ୍ୱରରେ ପାରଦ ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳେ ରହୁଥିବା ହେତୁ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଫଳସ୍ୱରୂପ ରାଜଧାନୀର ନଭେମ୍ବର ଥଣ୍ଡା, ୨୫ ବର୍ଷର ରେକର୍ଡ ଭାଙ୍ଗିଛି। ସେହିପରି କଟକରେ ମଧ୍ୟ ତାପମାତ୍ରା ୧୪ ବର୍ଷର ରେକର୍ଡ ଭାଙ୍ଗିଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ରେକର୍ଡ ହୋଇଥିବା ଥଣ୍ଡା ନଭେମ୍ବର ମାସର ଅଷ୍ଟମ ସର୍ବନିମ୍ନ ତାପମାତ୍ରାର ରେକର୍ଡ କହିଛି।

ଗତ୨୪ଘଣ୍ଟାରେଭୁବନେଶ୍ୱରରସର୍ବନିମ୍ନରାତିରତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ କଟକରେ ୧୩.୨ ଡିଗ୍ରୀ ତାପମାତ୍ରା ରହିଛି। ୨୦୦୦ ମସିହା ପରେ ନଭେମ୍ବର ମାସରେ ଭୁବନେଶ୍ୱରର ରାତିର ତାପମାତ୍ରା ପ୍ରଥମ ଥର ପାଇଁ ଏତେ ତଳକୁ ଖସିଛି। ଏହା ପୂର୍ବରୁ ୨୦୦୯ ନଭେମ୍ବର ୨୯ରେ ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୦୧୮ ନଭେମ୍ବର ୨୫ ୧୩.୬, ୨୦୧୭ ନଭେମ୍ବର ୨୬ରେ ୧୩.୭, ୨୦୨୫ ୧୬ ନଭେମ୍ବରରେ ୧୩.୦ ଓ ଗତ ୨୪ ଘଣ୍ଟାରେ ୧୨.୯ ଡିଗ୍ରୀ ସହ ଏହି



ରେକର୍ଡ ଭଙ୍ଗ ହୋଇଛି। କଟକରେ ୨୦୧୨ ମସିହାରେ ଶେଷ ଥର ପାଇଁ ନଭେମ୍ବରରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଥିଲା।

ଭୁବନେଶ୍ୱର ବ୍ୟତୀତ ଗତ ୨୪ ଘଣ୍ଟାରେ ରାଜ୍ୟର ୬ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ ହୋଇଛି। ଝାରସୁଗୁଡାଠାରେ ଭୀଷଣ ଶୀତ ଲହରୀ ଅନୁଭୂତ ହୋଇଥିବା ବେଳେ କଟକ ଓ ଭୁବେନଶ୍ୱରରେ ଶୀତ ଲହରୀ ଅନୁଭୂତ ହୋଇଛି। ଏହା ବ୍ୟତୀତ ୧୪ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରି ୫.୪ ଡିଗ୍ରୀ ପାରଦ ପହଞ୍ଚିଥିବା ବେଳେ ସେମିଳିଗୁଡାରେ ୬.୧, ଦାରିଙ୍ଗବାଡି ୭, ଫୁଲବାଣୀ ୮ ଏବଂ ଝାରସୁଗୁଡାରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଉରକେଲାରେ ୧୦, କେନ୍ଦୁଝରରେ ୧୧ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ ବିଭାଗ କହିବା ଅନୁସାରେ, ପଶ୍ଚିମ ଉତ୍ତର ପବନା ତୀବ୍ର ହେବା, ଆକାଶ ସଫା ରହିବା ଓ ଆର୍ଦ୍ରତା ହ୍ରାସ କାରଣରୁ ରାତିର ତାପମାତ୍ରା ଦ୍ରୁତ ଭାବେ ତଳକୁ ଖସୁଛି। ତେବେ ମଙ୍ଗଳବାର ରାତିଠାରୁ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ। ତାପମାତ୍ରା ବଢ଼ିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଜାରି ରହିବ।

ଅନ୍ୟପଟେ ଦକ୍ଷିଣ ଭାରତରେ ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସକାଳ ସାଢ଼େ ୮ ଟା ପର୍ଯ୍ୟନ୍ତ ରାଜ୍ୟର ଖୋର୍ଦ୍ଧା, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ର କିଛି କିଛି ଅଞ୍ଚଳରେ ଶୀତ ଲହରୀ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି।

### ପୁଲିସକୁ ଗାଡ଼ି ଚେକିଂ କ୍ଷମତା

# ବସ୍‌ମାଲିକ ସଂଘ-ସରକାର ବିବାଦ ତେଜିଲା

ଭୁବନେଶ୍ୱର,୧୭ ।୧୧(ସମିସ): ରାଜ୍ୟରେ ଗାଡ଼ି ଚେକିଂ କ୍ଷମତା ପୁଲିସକୁ ଦେବା ପାଇଁ ସରକାର ଏକ ପ୍ରକାର ସ୍ଥିର କରି ସାରିଛନ୍ତି। ଆସନ୍ତା ଡିସେମ୍ବର ୧ ତାରିଖରୁ ଏହି ନିୟମ ଲାଗୁ ହେବ। ତେବେ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସରକାରଙ୍କୁ ଏହି ନିୟମ ଲାଗୁ ନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ରାଜ୍ୟ ପରିବହନ ବିଭାଗ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ସ୍ଥିତିରେ ନିଷ୍ପତ୍ତିକୁ ବିରୋଧ କରି ସୋମବାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ

- ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ନିଷ୍ପତ୍ତିର ପୁନଃର୍ବଚାର ଦାବି
- ନିୟମ ଲାଗୁ ହେଲେ ସାରା ରାଜ୍ୟରେ ଚକଅଖ ବନ୍ଦ
- ୨୫ରେ ସାଧାରଣ ପରିଷଦ ବୈଠକ ଡାକିଲା ସଂଘ

ନିବେଦନ କରିଛନ୍ତି। ଏହାସହିତ ସଂଘ ପକ୍ଷରୁ ଆସନ୍ତା ୨୫ ତାରିଖରେ ସାଧାରଣ ପରିଷଦ ବୈଠକ ଡକାଇଯାଇଥିବା ବେଳେ ଯଦି ସରକାର ଏହି ନିୟମ ଲାଗୁ କରନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ସଂଘ ପରୋକ୍ଷରେ ଚେତାବନୀ ଦେଇଛି।

ଗାଡ଼ି ମାଲିକ ସଂଘ ପକ୍ଷରୁ କୁହାଯାଇଛି ଯେ ଏମ୍‌ଭି ଆକ୍ଟ ୧୯୮୮ ଅଧିନିୟମ ଅନୁଯାୟୀ ରାଜ୍ୟରେ ହେଲମେଟ, ସିଟ୍ ବେଲ୍ଟ, ଟ୍ରିପଲ୍ ରାଇଡର୍, ଭୁଲ ପାଶ୍ୱର୍ରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା ଇତ୍ୟାଦି ମୋଟର ଯାନ ଯାଞ୍ଚ ପାଇଁ ପୁଲିସକୁ ପୂର୍ବରୁ କ୍ଷମତା ଦିଆଯାଇଛି। ଦୁର୍ଘଟଣା ଓ ମୃତ୍ୟୁହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ମାତ୍ର ଆଗକୁ ରାଜ୍ୟରେ ମୋଟର ଯାନ ଯାଞ୍ଚ ପାଇଁ ପୁଲିସ ବିଭାଗକୁ ଅଧିକ କ୍ଷମତା ପ୍ରଦାନ କରିବାକୁ ସରକାର ଯୋଜନା କରୁଛନ୍ତି। ସାଧାରଣତଃ, ବିଗତ ଦିନରେ ପୁଲିସ ବିଭାଗକୁ ମଧ୍ୟ ଏହି କ୍ଷମତା ଦିଆଯାଇଥିଲା। କିନ୍ତୁ ଦୁର୍ନୀତି ବୃଦ୍ଧି ଏବଂ କ୍ଷମତାର ଅପବ୍ୟବହାର ହେତୁ ଏହି ଉଦ୍ଦେଶ୍ୟ ବିଫଳ ହୋଇଥିଲା। ଏହାସହିତ ପୁଲିସର ମାନବ ସମ୍ବଳ ଅଭାବ ହେତୁ ଏବେ ସେମାନେ ଅପରାଧ ହ୍ରାସ କରିବାରେ ସକ୍ଷମ ହେଉ ନାହାନ୍ତି। ଫଳସ୍ୱରୂପ ପୂର୍ବ ସରକାର ପୁଲିସ ବିଭାଗକୁ ଦିଆଯାଇଥିବା ଏହି କ୍ଷମତାକୁ ପ୍ରତ୍ୟାହାର କରି ନେଇଥିଲେ। ସେହିପରି ବାରମ୍ବାର ଗାଡି ମାଲିକମାନଙ୍କୁ ଅନାବଶ୍ୟକ ଇ-ଚାଲାଣ କରି ପୁଲିସ ବିଭାଗ ଦ୍ୱାରା ହଇରାଣ ହେବାକୁ ପଡୁଛି।

ନିକଟରେ ଭୁବନେଶ୍ୱରରେ ଘରୋଇ ବସ୍ ମାଲିକଙ୍କ ବସ୍ ବିରୋଧରେ ପୁଲିସ ବିଭାଗ ଦ୍ୱାରା ମନମୁଖୀ ଭାବରେ ୫୦୦ ରୁ ଅଧିକ ଇ-ଚାଲାଣ କରାଯାଇଛି। ଏହାସହ ଗୋଟିଏ ଗାଡ଼ିକୁ ମାର୍ଶାଘାଇ ପୁଲିସ ଦ୍ୱାରା ୩୨୫୦୦ ଟଙ୍କାର ଇ-ଚାଲାଣ କରାଯାଇଛି। ଏହି ଇ-ଚାଲାଣ ବିରୋଧରେ ପୁଲିସ ମହାନିର୍ଦ୍ଦେଶକ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ କମିଶନର, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ସଂଘ ଆପତ୍ତି କରିବା ସହ ମାର୍ଶାଘାଇ ଆଇଆଇସିଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଗାଡି ମାଲିକ ଉପରୋକ୍ତ ଜୋରିମାନା ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ପୁଲିସ ଷ୍ଟେସନରେ ଏଭଳି ଇ-ଚାଲାଣ କରାଯାଉଥିବାରୁ ଗାଡ଼ି ମାଲିକମାନଙ୍କ ପାଇଁ ବୋଝ ସାଜିଛି। ତେଣୁ ସରକାର ଏହି ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି ଘଟଣାକୁ ନେଇ ଆଜି ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ପରିବହନ ଆୟୁକ୍ତଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ଯଦି ସରକାର ଏହି ନିଷ୍ପତ୍ତିରୁ ନ ଓହରନ୍ତି ତେବେ ରାଜ୍ୟରେ ବସ୍ ମାଲିକ ସଂଘ କଠୋର ନିଷ୍ପତ୍ତି ନେବ ବୋଲି ମଧ୍ୟ ସଂଘ ଚେତାବନୀ ଦେଇଛି।

### ପୁଣି ଫେରିଲା ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା

# ନେତାଙ୍କ ଧୈର୍ଯ୍ୟଚ୍ୟୁତି: ଧନୁରେ ମିଳିବ ନିଗମ ମୁଆଁ!

ଭୁବନେଶ୍ୱର,୧୭।୧୧(ସମିସ): ବେଶ କିଛିଦିନର ନିରବତା ପରେ ପୁଣି ଚର୍ଚ୍ଚାକୁ ଫେରିଛି ରାଜ୍ୟରେ ବୋର୍ଡ, ନିଗମ ନିଯୁକ୍ତି ପ୍ରସଙ୍ଗ। କିଛିମାସର ବ୍ୟବଧାନ ପରେ ରାଜ୍ୟରେ ଖୁବଶୀଘ୍ର ବୋର୍ଡ, ନିଗମ ନିଯୁକ୍ତି ଦିଆଯିବ ବୋଲି ପୁଣି ଦୋହରାଇଛନ୍ତି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର। ରାଜ୍ୟସ୍ତରରେ ଚର୍ଚ୍ଚା, ଆଲୋଚନା ସରିବା ସହ ସମସ୍ତ ପ୍ରକ୍ରିୟା ସରିଛି ଓ କେନ୍ଦ୍ରୀୟ ନେତୃତ୍ୱ ଏ ନେଇ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେଣୁ ଧନୁ ମାସରେ ଆଶାୟୀଙ୍କୁ ନିଗମ ମୁଆଁ ବଣ୍ଟା ହେବା ଆଶା ଉଜ୍ୱଳ ହୋଇଛି ।

ରାଜ୍ୟରେ ସରକାର ଗଠନ କରିବାକୁ ବିଜେପିକୁ ୧୭ ମାସ ପୂରିଲାଣି। ମାତ୍ର ଏଯାଏଁ ଦଳ ବୋର୍ଡ, ନିଗମ ଏବଂ ବିଭିନ୍ନ ଅକାଦେମୀରେ ନିଯୁକ୍ତି ଦେଇପାରୁ ନାହିଁ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ ହୋଇପାରୁନଥିବା ବେଳେ ଏହାକୁ ନେଇ ରାଜ୍ୟ ବିଜେପି ସରକାର ଏବଂ ସଂଗଠନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି। ଏପଟେ ଥଇଥାନ ହେବା ପାଇଁ ଅନେକ ଦିନ ଅପେକ୍ଷା କରି ଆଶାୟୀଙ୍କ ଧୈର୍ଯ୍ୟଚ୍ୟୁତି ହେଲାଣି। ଜୁଲାଇରୁ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ଏକାଧିକବାର ଦିଲ୍ଲୀ ଗସ୍ତ କରିଥିଲେ। ଦିଲ୍ଲୀରେ ପ୍ରମୁଖ ପଦରେ ଦଳୀୟ ନେତାଙ୍କୁ ଥଇଥାନ ଏବଂ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରତିଟି ଗସ୍ତ ବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ମାତ୍ର ଶେଷ ମୂହୂର୍ତ୍ତରେ କୌଣସି ନା କୌଣସି କାରଣ ପାଇଁ ଏହା ସମ୍ଭବପର ହୋଇପାରୁ ନଥିଲା। ତେବେ ନୂଆପଡ଼ା ନିର୍ବାଚନ ପାଇଁ ବୋର୍ଡ, ନିଗମ ନିଯୁକ୍ତି ଚର୍ଚ୍ଚା କିଛି ସମୟ ପାଇଁ ରାଜ୍ୟରେ ଥମି ଯାଇଥିବା ବେଳେ ଶ୍ରୀ ତୋମାରଙ୍କ ବୟାନ ଏହି ଚର୍ଚ୍ଚାକୁ ପୁଣିଥରପେ ଖୋରାକ୍ ଯୋଗାଇଛି। ନିଗମ ନିଯୁକ୍ତି ଖୁବଶୀଘ୍ର ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିବା ବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ କିଛି ସମୟ ଲାଗିବ ବୋଲି କହିଛନ୍ତି।

### ଦଳ ସଭାପତିଙ୍କ ସୁପାରିସ ଆପାତତଃ ଚୂଡ଼ାନ୍ତ

ତେବେ ବର୍ତ୍ତମାନ ରାଜ୍ୟ ବିଜେପି ରାଜନୀତିକୁ ଦୃଷ୍ଟି ରଖି ଶ୍ରୀ ତୋମାରଙ୍କ କଥାରେ ଦମ୍ ରହିଥିବା କହିଛନ୍ତି ରାଜନୈତିକ ସମୀକ୍ଷକ। ନୂଆପଡ଼ାରେ ମୋହନ-ମନମୋହନଙ୍କ ଯୋଡ଼ି ବେଶ୍ ସଫଳତା ପାଇଥିବାରୁ ଦିଲ୍ଲୀରେ ସେମାନଙ୍କର ପ୍ରଭାବ ବଢ଼ିଛି। ଏପରିସ୍ଥଳେ ନିଗମ ବଣ୍ଟନ ବେଳେ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ପାଖେ ମୋହନ-ମନମୋହନ ଏବେ ଅଧିକ ବିଶ୍ୱାସଭାଜନ ହୋଇପାରିଛନ୍ତି। ଉଭୟଙ୍କ ପରାମର୍ଶକୁ ଭିତ୍ତି କରି ରାଜ୍ୟର ତାଲିକାକୁ କେନ୍ଦ୍ର ସବୁଜ ସଙ୍କେତ ଦେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ତେବେ ରାଜ୍ୟ ବିଜେପି ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଥିବାରୁ ଏନେଇ କୌଣସି ସ୍ପଷ୍ଟ ପୂର୍ବାନୁମାନ କରିବା କଷ୍ଟକର ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

# କମ୍ବୁପାଣି ପାଢ଼ୀ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟ ନିର୍ବଚିତ

କଟକ, ୧୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଖାଲି ପଡ଼ିଥିବା ଏକ ସଦସ୍ୟ ପଦ ପାଇଁ ହୋଇଥିବା ନିର୍ବାଚନରେ ଟିଟଲାଗଡର ଆଇନଜୀବୀ କମ୍ବୁପାଣି ପାଢ଼ୀ ନିର୍ବାଚିତ ହୋଇଛନ୍ତି। ଉକ୍ତ



ନିର୍ବାଚନରେ ଶ୍ରୀ ପାଢ଼ୀଙ୍କ ବିପକ୍ଷରେ କଟକର ଆଇନଜୀବୀ ଆଭାସ ମହାନ୍ତି ପ୍ରାର୍ଥୀ ଥିଲେ। ଆଇନଜୀବୀ ପରିଷଦର ମୋଟ ୨୪ଜଣଙ୍କ ମଧ୍ୟରୁ ୧୬ଜଣ ଶ୍ରୀ ପାଢ଼ୀଙ୍କୁ ସମର୍ଥନ ଜଣାଇ ମତଦାନ କରିଛନ୍ତି। ଆଜି ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନବନିର୍ବାଚିତ ସଦସ୍ୟ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ପୀତବାସ ପଣ୍ଡାଙ୍କ ପରଲୋକ ପରେ ଏହି ପଦ ଖାଲି ପଡ଼ିଥିଲା। ଶ୍ରୀ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ ତାରିଖ ଦିନ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଖାଲି ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇ ନଭେମ୍ବର ୧୬ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ଭଦ୍ରକ/ତିହିଡି, ୧୭।୧୧(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଜାଫରାବାଦ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪)। ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମସ୍ଥିତ ବନ୍ଧୁ ଘରକୁ ଆସିଥିଲେ। ମଧ୍ୟାହ୍ନ ୧ଟା ବେଳେ ଦୁହେଁ ସାଙ୍ଗ ହୋଇ ଖେଳୁଥିବା ବେଳେ ପାଖରେ ଥିବା ଏକ ପୋଖରୀରେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ଉଭୟଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

### ହାଇକୋର୍ଟରେ ହୀରାକୁଦ ସଟର ଗେଟ୍ କାର୍ଯ୍ୟ ଦୁର୍ନୀତି ପ୍ରସଙ୍ଗ

# ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ୨ ଲକ୍ଷ ତଣ୍ଡ ଗଣିବେ ଆବେଦନକାରୀ

କଟକ,୧୭ ।୧୧(ସମିସ): ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ଏଭଳି ଭିତ୍ତିହୀନ ଜନସ୍ୱାର୍ଥ ମାମଲା ପାଇଁ ଆବେଦନକାରୀ ୨ଲକ୍ଷ ଟଙ୍କା ତଣ୍ଡ ଗଣିବେ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨ଲକ୍ଷ ଟଙ୍କା ତଣ୍ଡରାଶିକୁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏମଏସ୍ ଏମକେ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ହୀରାକୁଦ ମେକାନିକାଲ ଡିଭିଜନ୍ ଅଧୀନରେ ସଟର୍ ଗେଟ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଗତ ମେ' ମାସରେ ଆବେଦନକାରୀ ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୭ଏପ୍ରିଲ ୧ରୁ ୨୦୨୦, ଜୁଲାଇ ୩୧ରେ ମଧ୍ୟ ଏହି କାର୍ଯ୍ୟ ପାଇଁ ବେଆଇନ ଭାବେ ବିପୁଳ ସରକାରୀ ଅର୍ଥ ବ୍ୟୟ କରାଯିବା ସହ ନିୟମ ଅନୁସାରେ ଟେଣ୍ଡର୍ କରାଯାଇନଥିଲା। ଡିଭିଜନ୍‌ର ଜନୈକ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ଏଥିରେ ସଂପୃକ୍ତି ଥିବା ଦର୍ଶାଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ତଦନ୍ତ କରାଯାଇ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଦୋଷମୁକ୍ତ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା।

### ତରିକୁନ୍ଦରେ ବୁଲିଲା ବୁଲ୍‌ଡୋଜର୍

# ମାଟିରେ ମିଶିଲା ବେହେରାମପୁର ବସ୍ତି





ଜଗତସିଂହପୁର, ୧୭।୧୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ବସ୍ତିରେ ଗତକାଲି ମାରଣାସ୍ତ୍ର ମିଳିବା ପରେ ଆଜି ବସ୍ତିରେ ବୁଲିଛି ବୁଲ୍‌ଡୋଜର। ଫଳରେ ମାଟିରେ ମିଶିଯାଇଛି ଏହି ବସ୍ତିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଘର। ଗତକାଲି ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ରାତିରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ସେହିପରି

- ଆଧାର କାର୍ଡ ସହିତ ବିଭିନ୍ନ କାଗଜପତ୍ର ଜବତ
- ସନ୍ଦିଗ୍ଧଙ୍କ ପ୍ରକୃତ ବାସସ୍ଥାନ ସଂପର୍କରେ ଚାଲିଛି ଅନୁସନ୍ଧାନ

ଅନ୍ୟ କିଛି ପୁରୁଷ ଓ ମହିଳାଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମଙ୍କ ସହ ଅନ୍ୟ ୮/୧୦ ଜଣ ପୁଲିସ ଚଢ଼ଉ ଖବର ପାଇ ଫେରାର୍ ହୋଇଯାଇଛି। ଚଢ଼ଉ ସମୟରେ ପୁଲିସ ସହ ଧସ୍ତାଧସ୍ତି ହେବାରୁ ଜଣେ ମହିଳା କନଷ୍ଟେବଳ ଆହତ ହୋଇଥିବା ପୁଲିସ୍ ସୂଚନା ଦେଇଛି।

ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି ବଡ଼ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡ଼ିବା ପରେ ଆଜି ବୁଲ୍‌ଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଆଜି ସନ୍ଧ୍ୟାରେ ଡିଆଇଜି ସତ୍ୟଜିତ ନାୟକ ଜଗତସିଂହପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଯେଉଁମାନେ ଚଢ଼ଉ ସମୟରେ ଫେରାର ହୋଇଯାଇଛନ୍ତି, ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିବା ଡିଆଇଜି ସୂଚନା ଦେଇଥିଲେ। ୩ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ସମଗ୍ର ଜିଲ୍ଲାରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ଅଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ରହୁଥିବା ସନ୍ଦିଗ୍ଧ ପରିବାରଙ୍କ ଉପରେ ନଜର ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜେ. ସୋନାଲ ସୂଚନା ଦେଇଛନ୍ତି। ବେହେରାମପୁର ବସ୍ତିରୁ ଜବତ ହୋଇଥିବା ସମସ୍ତ କାଗଜପତ୍ର ଅନୁସନ୍ଧାନ କରାଯାଉଛି ଏବଂ ଅଟକ ଥିବା ସନ୍ଦିଗ୍ଧମାନେ ପଶ୍ଚିମବଙ୍ଗର ଯେଉଁ ଜିଲ୍ଲାର ବାସିନ୍ଦା ବୋଲି ଦର୍ଶାଉଛନ୍ତି, ସେହି ଜିଲ୍ଲା ପ୍ରଶାସନକୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କର ହେଲା ପଇତାଲାଗି

ପୁରୀ,୧୭ ।୧୧(ସମିସ): ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ୫ଟା ୪୦ରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମଇଲମ ହୋଇଥିଲା। ୫ଟା ୫୫ରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ। ସନ୍ଧ୍ୟା ୬ଟା ୫ରେ ଜୟ



ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଆରମ୍ଭ ହୋଇଥିଲା ପଇତାଲାଗି ନୀତି। ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ଏହି ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ଚାରିଥର ପଇତାଲାଗି କରାଯାଏ। ଦୈନନ୍ଦିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

# ହାଇୱା-ସ୍କର୍ପିଓ ମୁହାଁମୁହିଁ; ଜଣେ ମୃତ

ଯୋଡ଼ା, ୧୭।୧୧ (ସମିସ): ଆଜି ସନ୍ଧ୍ୟାରେ ଯୋଡ଼ାସ୍ଥିତ ଫ୍ଲାଏଓଭର୍‌ରେ ଉପରେ ହାଇୱା ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ବଡ଼ବିଲର ସୋନାଲି ଓଝା। ସେ ସ୍କର୍ପିଓରେ ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମ୍ନାପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ସ୍କର୍ପିଓଟି ପୂରା ଚୂରମାର୍ ହୋଇଯାଇଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ହାଇୱାଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଯୋଡ଼ା ପୁଲିସ ସ୍କର୍ପିଓରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଛି। ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓରେ ଚାଳକ ସହ ମହିଳାଙ୍କ ଭାଇ ଥିବା ବେଳେ ଉଭୟ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

### ଆଇଟମ୍ ଡ୍ୟାନ୍ସରୁ ଯାଇ ପୌରାଣିକ ମଞ୍ଚରେ ପହଞ୍ଚିଲା ଅଶ୍ଳୀଳତା

# କୁଆଡ଼େ ଗଲା ସଂସ୍କୃତି ସୁରକ୍ଷା ନିର୍ଦ୍ଦେଶାବଳୀ?

ଭୁବନେଶ୍ୱର, ୧୭।୧୧(ସମିସ): ଦର୍ଶକ ସଂଖ୍ୟା ବୃଦ୍ଧି କରିବା ନିଶାରେ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଭୁଲି ଯାଉଛନ୍ତି ଯାତ୍ରା କମିଟି ଓ ଯାତ୍ରା କଳାକାର। ଟଙ୍କା ପାଇଁ ହଜାର ହଜାର ଦର୍ଶକଙ୍କ ସାମ୍ନାରେ ଅର୍ଦ୍ଧନଗ୍ନ ହେବାକୁ ପଛାଉ ନାହାନ୍ତି। ଆଇଟମ୍ ଡ୍ୟାନ୍ସ ନାଁରେ ଯେଭଳି ନୃତ୍ୟ ହେଉଛି, ପରିବାର ସହ ଯାଉଥିବା ଲୋକେ ମୁଣ୍ଡଟେକି ମଞ୍ଚକୁ ଚାହିଁ ପାରୁନାହାନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ପରେ ଲୋକଙ୍କ ଚାପରେ ସରକାର ନୂଆ ମାର୍ଗଦର୍ଶିକା (ଏସ୍‌ଓପି) ଆଣିବେ ବୋଲି କହିଥିଲେ। ଏଥିପାଇଁ ଥରକୁ ଥର ବୈଠକ ହେଲା, ଗଣମାଧ୍ୟମରେ ବି ମନ୍ତ୍ରୀ ବୟାନବାଜି କରି ନିଜ ପିଠି ଥାପୁଡ଼େଇଲେ। କିନ୍ତୁ, କିଛି ଦିନ ଚର୍ଚ୍ଚାରେ ରହିବା ପରେ ପୂରା ପ୍ରସଙ୍ଗ କୁଆଡ଼େ ହଜିଗଲା। ସରକାର ବି ପାସୋରିଗଲେ। ମାର୍ଗଦର୍ଶିକା ଜାରି ହେବା ତ ଦୂରର କଥା, ତା'ର ନାଁ ଗନ୍ଧ ମଧ୍ୟ ନାହିଁ। ସେପଟେ, ମଞ୍ଚରେ ପୂର୍ବଭଳି ସେମିତି ନଗ୍ନତାର ତାଣ୍ଡବ ଜାରି ରହିଛି। ଯାତ୍ରାରେ ଅଶ୍ଳୀଳତା ଦିନକୁ ଦିନ ସୀମା ଟପୁଥିବା ବେଳେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନ ନେବା ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାମାୟଣ ଭଳି ପବିତ୍ର କଥାବସ୍ତୁରେ ବି ଏବେ ଅଶ୍ଳୀଳତା ଧସେଇ ପଶିଲାଣି। ସୀତାହରଣ ଭଳି ଦୃଶ୍ୟରେ ଅଶ୍ଳୀଳତା ସବୁ ସୀମା ଲଂଘିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି

- ନିଜ ପିଠି ଥାପୁଡ଼ାଇ ଚୁପ୍ ବସିଗଲେ ସରକାର
- ସୀମା ଟପୁଛନ୍ତି ଆଇଟମ୍ ଡ୍ୟାନସର୍ ଓ କଳାକାର

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ମୌଳଭଣଜା ଗାଁରେ। ଦୁଇ ଦଳ ମଧ୍ୟରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ପୂର୍ବରୁ ଗୋଟିଏ ଦଳ ପକ୍ଷରୁ ଜଣେ ଚର୍ଚ୍ଚିତ ଆଇଟମ୍ ଡ୍ୟାନସରଙ୍କୁ ନିଆଯାଇଥିଲା। ସେଠାରେ ସେ ଅର୍ଦ୍ଧନଗ୍ନ ହୋଇ ନୃତ୍ୟ ପରିବେଷଣ କରିଥିବା ବେଳେ ଆଉ ଏକ ଦଳ ପକ୍ଷରୁ ତାଙ୍କ ସହ ପ୍ରତିଯୋଗିତା କରି ସୀତାହରଣ ଦୃଶ୍ୟରେ ଅତ୍ୟନ୍ତ ଅଶ୍ଳୀଳତା ପ୍ରଦର୍ଶନ କରିଥିଲେ। ଆଧ୍ୟାତ୍ମିକ ଓ ପୌରାଣିକ କଥାବସ୍ତୁକୁ ଏଭଳି କଦର୍ଥ କରାଯାଇଥିବାରୁ ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଏଭଳି ସ୍ଥିତିରେ ସରକାରଙ୍କ ଭୂମିକା ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ୨ଜଣ ମନ୍ତ୍ରୀ ଯଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂସ୍କୃତିର ସୁରକ୍ଷା ପାଇଁ ଏକ କଡ଼ା ଏସ୍‌ଓପି ଅଣାଯିବ ବୋଲି କହିଥିଲେ। ଏହି ଏସ୍‌ଓପି ଜରିଆରେ ରାଜ୍ୟରେ ଯାତ୍ରା ପେଣ୍ଡାଲ ହେଉ ଅବା ଅନ୍ୟ ସ୍ଥାନରେ, ଯେପରି ଅଶ୍ଳୀଳତା ପ୍ରଦର୍ଶନ ହେବନି, ତାହା ସୁନିଶ୍ଚିତ ହେବ ବୋଲି ଦୁଇ ମନ୍ତ୍ରୀ କହିଥିଲେ। ହେଲେ ଦୁଇ ମନ୍ତ୍ରୀଙ୍କ କଥାକୁ ପ୍ରାୟ ବର୍ଷଟେ ବିତିଯାଇଥିଲେ ହେଁ ଏଯାଏଁ କୌଣସି ଏସ୍‌ଓପି ଆସିପାରିନାହିଁ। ଫଳରେ ରାଜ୍ୟରେ ପ୍ରତ୍ୟେକ ଦିନ ବିଭିନ୍ନ ଜିଲ୍ଲାରେ ମଞ୍ଚଗୁଡ଼ିକରେ କଳକାରମାନେ ଅଶ୍ଳୀଳତାର ସୀମା ଟପୁଛନ୍ତି।

ନିକଟରେ ଏକ ଯାତ୍ରା ମଞ୍ଚରେ ଜଣେ ଆଇଟମ ଡ୍ୟାନସର୍ ଦର୍ଶକଙ୍କ ଆଗରେ ପୋଷାକ ଖୋଲିବା ସହ ଅନ୍ତଃବସ୍ତ୍ର ମଧ୍ୟ ଖୋଲି ଦେଇଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟରେ ଘୂରି ବୁଲୁଛି। ସମାଜ ଉପରେ ଏହାର କୁ-ପ୍ରଭାବ ପଡ଼ିବା ସହ ସପରିବାର ଏକାଠି ବସି ଯାତ୍ରା ବା ମଞ୍ଚ ନାଟକ ଦେଖିବା ସମ୍ଭବ ହୋଇପାରୁନାହିଁ।

ଦିଗପହଣ୍ଡି ଅଞ୍ଚଳର ଏହି ଘଟଣାକୁ ଓଡ଼ିଶା ଯାତ୍ରା କମିଟି ମହାସଂଘ ଦୃଢ଼ ନିନ୍ଦା କରିଛି। ଯାତ୍ରା ପରିବେଷଣ ପାଇଁ ସରକାର ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗାଯାଇପାରିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।



ରେକର୍ଡ ୪୪.୯ କୋଟି ଜିତିଲେ ସିନ୍ନର୍
▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-142 ◆TUESDAY ◆18 NOVEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪୨ ◆ମଙ୍ଗଳବାର ◆୧୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ଇଣ୍ଟରନ୍ୟାସନାଲ୍ କ୍ରାଇମ୍ ଟ୍ରିବ୍ୟୁନାଲ୍‌ଙ୍କ ରାୟ**

## ହସିନାଙ୍କୁ ଫାଶୀ ଦଣ୍ଡାଦେଶ

**ହସିନାଙ୍କୁ ତୁରନ୍ତ ହସ୍ତାନ୍ତର ଲାଗି ଭାରତକୁ ବାଂଲାଦେଶର ପରାମର୍ଶ**

**ବାଂଲାଦେଶରେ ଶାନ୍ତି, ସ୍ଥିରତା ଓ ଗଣତନ୍ତ୍ରର ସୁରକ୍ଷାକୁ ଭାରତର ଗୁରୁତ୍ୱ**



■ **ଢାକା, ୧୭।୧୧ (ଏଜେନ୍ସି):** ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିଛି ବାଂଲାଦେଶର କୋର୍ଟ। ମାନବିକତା ବିରୋଧରେ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ହସିନାଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି। ତାଙ୍କ ସହିତ ତାଙ୍କର ଦୁଇ ଜଣ ଘନିଷ୍ଠ ସହଯୋଗୀ ତତ୍କାଳୀନ ଗୃହ ମନ୍ତ୍ରୀ ଓ ପୁଲିସ ମୁଖ୍ୟଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହି ଦଣ୍ଡାଦେଶକୁ ରାଜନୈତିକ ପ୍ରତିଶୋଧ ବୋଲି ବର୍ଣ୍ଣନା କରିଛନ୍ତି ହସିନା। ଅନ୍ୟପକ୍ଷରେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି ବାଂଲାଦେଶ ସରକାର। ତେବେ ଭାରତ ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହିଁ।

ଗତବର୍ଷ ତାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ଲାଗି ତତ୍କାଳୀନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ▶ପୃଷ୍ଠା-୭

**ଟ୍ୟାଙ୍କର ସହ ଧକ୍କା ପରେ ମଦିନାରେ ଜଳିଗଲା ବସ୍**

## ୪୫ ଭାରତୀୟ ଶ୍ରଦ୍ଧାଳୁ ଦଗ୍ଧ

**ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ସଦସ୍ୟ ମୃତ**

**ଜଳିଗଲେ ବସ୍‌ର ସମସ୍ତ ଯାତ୍ରୀ; ବଞ୍ଚିରହିଲେ କେବଳ ଚାଳକ**



■ **ରିୟାଦ, ୧୭।୧୧ (ଏଜେନ୍ସି):** ସାଉଦି ଆରବରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ହାଇଦରାବାଦର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ଥିବା ଜଣାପଡ଼ିଛି। 'ଉମରା' ପାଇଁ ଭାରତୀୟ ଶ୍ରଦ୍ଧାଳୁଙ୍କୁ ନେଇ ମଦିନା ଯାଉଥିବା ବସ୍‌ଟି ଏକ ଡିଜେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ବିସ୍ଫୋରଣ ଘଟିଥିଲା। ଏହାପରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୁର୍ଘଟଣାରୁ କେବଳ ବସ୍ ଚାଳକ ବଞ୍ଚିଯାଇଥିବା ବେଳେ ଅନ୍ୟ ସମସ୍ତ ୪୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ୧୮ ମହିଳା, ୧୭ ପୁରୁଷ ଓ ୧୦ଜଣ ▶ପୃଷ୍ଠା-୭

# ବିହାର ରାଜନୀତିରେ 'ହାଇଡ୍ରାମା'

**ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେନାହିଁ ନୀତୀଶ**

**ଜେଡିୟୁ ବିଧାୟକ ଦଳ ବୈଠକ ଆକସ୍ମିକ ସ୍ଥଗିତ**

**ଦୁଇଦିନ ପରେ ମନ୍ତ୍ରିମଣ୍ଡଳ ଭାଙ୍ଗିବାକୁ ସୁପାରିସ**

**୩ ଦିନ ହେଲା ହୋଇପାରୁନି ମୁଖ୍ୟମନ୍ତ୍ରୀ ଚେହେରା ନିଷ୍ପତ୍ତି**



■ **ପାଟନା, ୧୭।୧୧ (ଏଜେନ୍ସି):** ନିର୍ବାଚନ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିହାରରେ ଆରମ୍ଭ ହୋଇଛି ରାଜନୈତିକ ଖେଳ। ଅତୀତରେ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଏନ୍‌ଡ଼ିଏ ନିର୍ବାଚନ ଲଢ଼ି ବିଜୟୀ ହେବା ପରେ ଯେଉଁ ନାଟକର ଅବତାରଣା ହୋଇଥିଲା, ଏବେ ବିହାରରେ ଠିକ୍ ସମାନ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି। ଏନ୍‌ଡ଼ିଏର ଅଂଶୀଦାର ଦଳ ଭାବରେ ନୀତିଶ କୁମାରଙ୍କ ଜେଡ଼ିୟୁ ତୁଳନାତ୍ମକ ଭାବରେ ବିଜେପିଠାରୁ କମ୍ ଆସନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପି ପ୍ରଥମ ଦାବିଦାର ବୋଲି ଯେଉଁ ପ୍ରାୟୋଜିତ ରାଜନୈତିକ ଚର୍ଚ୍ଚା ବିହାରରେ ଆରମ୍ଭ ହୋଇଛି; ତାହା ହିଁ ସବୁ ଗଣ୍ଡଗୋଳର ମୂଳ ବୋଲି କୁହାଯାଉଛି। ସେଥିପାଇଁ ନୀତିଶ କୁମାର ସୋମବାର ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଭେଟି ଇସ୍ତଫା ଦେବାକୁ ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟିଥିଲେ ମଧ୍ୟ ଇସ୍ତଫା ଦେଇ ନାହାନ୍ତି। ଆସନ୍ତା ୧୯ ତାରିଖରେ ସେ ମନ୍ତ୍ରିମଣ୍ଡଳ ଭଙ୍ଗ କରିବାକୁ ସୁପାରିସ କରିବା ସହ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ନିର୍ବାଚନ ଫଳ ପ୍ରକାଶର ୩ ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏନ୍‌ଡ଼ିଏ ବିଧାୟକ ଦଳ ନେତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଏହା ପଛରେ କିଛି କେଁ ଥିବା ସ୍ୱାଭାବିକ ମନେ ହେଉଛି।

ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପ୍ରସଙ୍ଗରେ ବିଜେପିର ରହସ୍ୟମୟ ନିରବତା ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି। ବିଜେପିର ନିର୍ବାଚନ ପ୍ରଭାରୀ ବିନୋଦ ତାୱଡ଼େ ଓ ନୀତିନ ନବୀନଙ୍କ ବୟାନ ଏହି ପ୍ରସଙ୍ଗକୁ ଅଧିକ ସ୍ପର୍ଶକାତର କରିଛି। ଏବେ ବିଜୟ ଉତ୍ସବ ପାଳନ ସମୟ, ସମୟ ଆସିଲେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ତାୱଡ଼େ ଦେଇଥିବା ଟିପ୍ପଣୀରୁ ବିଜେପି ଯେ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶତ ପ୍ରତିଶତ ରାଜି ନୁହେଁ, ତାହା ସ୍ପଷ୍ଟ ହୋଇ ଯାଇଛି। ସେହିପରି ଦଳର ଅନ୍ୟତମ ବରିଷ୍ଠ ନେତା ନୀତିନ ନବୀନ ବିହାରରେ ମହାରାଷ୍ଟ୍ର ପରି ସବୁକିଛି ଠିକ୍ ଥିଲା ଓ ସବୁକିଛି ଠିକ୍ ହେବ ବୋଲି ଦେଇଥିବା ମନ୍ତବ୍ୟ ପରେ ନୀତିଶକୁମାରଙ୍କ ଅବସ୍ଥା ଏକନାଥ ସିନ୍ଦେଙ୍କ ପରି ହେବ ନାହିଁ ତ ବୋଲି ଅନେକ ଆଶଙ୍କା କରୁଛନ୍ତି। ଏହି ସମୟରେ ବିଜେପିର ଜାତୀୟ ନେତୃତ୍ୱ 'ବିଜେପିର ବିଧାୟକମାନେ ମୁଖ୍ୟମନ୍ତ୍ରୀ ବାଛିବେ' ବୋଲି ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି।

ଅନ୍ୟପକ୍ଷରେ ବିଜେପିର ଗତିବିଧି ଦେଖି ନୀତିଶ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। ଜେଡ଼ିୟୁ ବିଧାୟକ ଦଳ ବୈଠକ ନଭେମ୍ବର ୧୭ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିବାରୁ ଦଳର ସମସ୍ତ ୮୫ ବିଧାୟକ ପାଟନାରେ ପହଞ୍ଚିଥିଲେ। ମାତ୍ର ନୀତିଶ ଶେଷ ମୁହୂର୍ତ୍ତରେ ବୈଠକକୁ ସ୍ଥଗିତ ରଖିଛନ୍ତି, ତେବେ ସମସ୍ତ ଦଳୀୟ ବିଧାୟକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ରାଜଧାନୀ ନ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଆଜି କ୍ୟାବିନେଟ୍ ବୈଠକ ପରେ ନୀତିଶ ଇସ୍ତଫା ଦେବା ଚୂଡ଼ାନ୍ତ ହୋଇଥିଲେ ହେଁ ସେପରି କିଛି ଘଟିନାହିଁ। ନୀତିଶ କ୍ୟାବିନେଟ୍ ବୈଠକ ଡ଼ାକିଥିଲେ, ନିଜ ସହଯୋଗୀଙ୍କ ସହ ଆଲୋଚନା ପରେ ସେ ରାଜଭବନକୁ ବାହାରିଥିଲେ ମଧ୍ୟ ରାସ୍ତାରେ ଇସ୍ତଫା ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ। ନଭେମ୍ବର ୧୯ ତାରିଖରେ ସେ ▶ପୃଷ୍ଠା-୭

**ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦**

## ଏଥର କମ୍ ଟିକଟ



**ଚାଲିଛି ୭ ଗ୍ୟାଲେରୀର ନବୀକରଣ କାର୍ଯ୍ୟ**

**ସିଟ୍ ନମ୍ବରିଂ ପରେ ଜଣାପଡ଼ିବ ଷ୍ଟାଡିୟମ୍‌ର ଦର୍ଶକ କ୍ଷମତା**

**ଡିସେମ୍ବର ୧ରୁ ଅନ୍‌ଲାଇନ୍ ଓ ୫ରୁ କାଉଣ୍ଟର ଟିକଟ**

■ **କଟକ, ୧୭।୧୧ (ସମିସ):** ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ୍। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି। ତେବେ ଆଗାମୀ ମ୍ୟାଚ୍‌ରେ ଷ୍ଟାଡିୟମର ଦର୍ଶକ କ୍ଷମତା ପୂର୍ବାପେକ୍ଷା ହ୍ରାସ ପାଇବ। ୭ଟି ଯାକ ଗ୍ୟାଲେରୀର ସିଟ୍‌କୁ ଚଉଡା କରାଯାଉଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍ ଗୁଡ଼ିକୁ ୨୨ ଇଞ୍ଚ କରାଯାଉଛି। ଗ୍ୟାଲେରୀ ନଂ-୫ ଏବଂ ଗ୍ୟାଲେରୀ ନଂ-୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡ଼ିକର ନବୀକରଣ କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ଦର୍ଶକ ସୁବିଧାରେ ବସି କିଭଳି ମ୍ୟାଚ୍ ଉପଭୋଗ କରିପାରିବେ ତାହାକୁ ଉପଲବ୍ଧି କରି ଓସିଏ ଏଭଳି ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ମୋଟ୍ କେତେ ସଂଖ୍ୟକ ଟିକଟ ଏଥର ଛପା ଯିବ ତାହା ମଧ୍ୟ ସ୍ଥିର ହୋଇ ପାରିନାହିଁ। ନବୀକରଣ ପ୍ରକ୍ରିୟାରେ ଗ୍ୟାଲେରୀର ସମସ୍ତ ସିଟ୍‌କୁ ଚଉଡା କରାଯାଇ ପ୍ରଥମେ ନମ୍ବରିଂ ହେବ। ଏହା ପରେ ସମୁଦାୟ ଟିକଟ ସଂଖ୍ୟା ଜଣାପଡିବ। ପ୍ରକାଶଯୋଗ୍ୟ, ବାରବାଟୀରେ ପ୍ରାୟ ୪୫ହଜାର ଦର୍ଶକ ▶ପୃଷ୍ଠା-୭


# ଅଫେରା ରାଇଜରେ ହ୍ୟୁମାନ୍ ସାଗର

■ **ଭୁବନେଶ୍ୱର, ୧୭।୧୧ (ସମିସ):** ଓଡ଼ିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ଜଗତର ୟୁଥ୍ ଆଇକନ୍ ହ୍ୟୁମାନ ସାଗରଙ୍କ ଆଜି ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୩୫ ବର୍ଷ କରିଛନ୍ତି। ଶୋକବାର୍ତ୍ତାରେ ମୋହନ ଉଲ୍ଲେଖ କରିଛନ୍ତି ଯେ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ମୁଁ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶା ସଙ୍ଗୀତ ଓ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ

**ସଙ୍ଗୀତ ଜଗତ ସ୍ତବ୍ଧ**

**ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ**

**ଶୋକବ୍ୟକ୍ତ କଲେ ମୋହନ-ନବୀନ**



ହୋଇଥିଲା। ଏକାଧିକ ରୋଗରେ ପୀଡ଼ିତ ହ୍ୟୁମାନ୍‌ଙ୍କୁ ଗତ ୧୪ ତାରିଖରେ ଏମସ୍‌ରେ ଭର୍ତ୍ତି କରାଯାଇଥିଲା। କିଡ୍‌ନୀ ଓ ଲିଭର୍ ଜନିତ ସମସ୍ୟା ସମେତ ତାଙ୍କର ଏକାଧିକ ଅଙ୍ଗପ୍ରତ୍ୟଙ୍ଗ କାମ କରୁନଥିଲା। ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ସୋମବାର ସଂଧ୍ୟାରେ ସେ ଜୀବନଯୁଦ୍ଧରେ ହାରି ଯାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମା', ପତ୍ନୀ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳି ଯାଇଛି। ବହୁସଂଖ୍ୟାରେ ସିନେ କଳାକାର, କଣ୍ଠଶିଳ୍ପୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଏମ୍‌ସରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ 'ଏକ୍ସ' ଜରିଆରେ ଶୋକ ପ୍ରକଟ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ହ୍ୟୁମାନ୍‌ଙ୍କ ମନଛୁଆଁ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି। ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାଯାଇଛି।

୧୯୯୦ନଭେମ୍ବର ୨୫ ତାରିଖରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ରେ ଜନ୍ମିତ ହ୍ୟୁମାନ୍ ସଙ୍ଗୀତ ପରିବାରରୁ ଆସିଥିଲେ। ତାଙ୍କ ପିତା-ମାତା, ଦୁହେଁ ଗାୟକ ▶ପୃଷ୍ଠା-୭

## ଜାଲରେ ପଡ଼ିଲା ୩ କ୍ୱିଣ୍ଟାଲ୍‌ର ଶାଙ୍କୁଚ



■ **ଅସ୍ତରଙ୍ଗ, ୧୭।୧୧ (ସମିସ):** ଦେବୀନଦୀରୁ ଆଜି ସ୍ଥାନୀୟ ଅଞ୍ଚଳର ୨୦ ଜଣ ମତ୍ସ୍ୟଜୀବୀଙ୍କ ଜାଲରେ ୩ କ୍ୱିଣ୍ଟାଲ୍ ଓଜନର ଏକ ଶାଙ୍କୁଚ ପଡ଼ିଛି। ପ୍ରାୟ ଦୁଇଘଣ୍ଟାର ପରିଶ୍ରମ ପରେ ଏହି ଶାଙ୍କୁଚକୁ ମତ୍ସ୍ୟଜୀବୀମାନେ ଡଙ୍ଗାରେ କୂଳକୁ ଆଣିଥିଲେ। ଶାଙ୍କୁଚଟିର ଓସାର ପ୍ରାୟ ୧୨ଫୁଟ୍ ହେବ। ସମୁଦ୍ର ଭିତରୁ ମାଛ ଅନ୍ୱେଷଣ କରି ମୁହାଣ ଦେଇ ଦେବୀ ନଦୀ ଭିତରକୁ ପଶି ଆସିବା ପରେ ଏହା ଧରାଳିଙ୍କ ଜାଲରେ ପଡ଼ିଥିବା କୁହାଯାଉଛି। ଏହା ବିରାଟକାୟ ଶାଙ୍କୁଚକୁ ଦେଖିବା ପାଇଁ ଦେବୀ ମୁହାଣରେ ଆଜି ପ୍ରବଳ ଭିଡ଼ ଲାଗିଥିଲା।

## ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକିଦେଲେ

**ପୀଡ଼ିତାଙ୍କ ମଧ୍ୟରେ ମହିଳା, ଶିଶୁ, ନାବାଳିକା**

■ **ନୟାଗଡ଼/ଗଣିଆ, ୧୭।୧୧ (ସମିସ):** ଦାଦନ ଖଟାଇବାକୁ ନେଇ ବିକିଦେଲେ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ଏପରି ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗଣିଆ ବ୍ଲକ୍ ଆଡ଼କଟା ପଞ୍ଚାୟତ ଆଡ଼କଟା ଗ୍ରାମରୁ ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ଜଣେ ନାବାଳିକା ଓ ଦୁଇଜଣ ମହିଳା ରହିଛନ୍ତି। ଗ୍ରାମର ଚନ୍ଦ୍ରମଣି ପ୍ରଧାନ ଓ ମୀନା ପ୍ରଧାନ ଏ ସଂପର୍କରେ ଅଭିଯୋଗ କରିବା ପରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଗଣିଆ ଥାନା ପୁଲିସକୁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି।

ସୂଚନାନୁସାରେ, ତିନି ମାସ ତଳେ ଆଡ଼କଟା ଗ୍ରାମର ବୁଲୁ ପ୍ରଧାନ, ବୌଦ୍ଧ ଅଞ୍ଚଳର ଚନ୍ଦନ ଗଡ଼ତିଆ ଗ୍ରାମରୁ ଅନେକ ଲୋକଙ୍କୁ ହାଇଦ୍ରାବାଦ ନିକଟସ୍ଥ ପାଇଜାପଲ୍ଲୀ ଅଞ୍ଚଳକୁ ଦାଦନ ଖଟାଇବାକୁ ନେଇଥିଲେ। ଏ ନେଇ ପ୍ରତ୍ୟେକ ବ୍ୟକ୍ତି ପିଛା ମଜୁରି ଆକାରରେ ୪୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ। ତେବେ ସେଠାରେ ଅକଥନୀୟ ନିର୍ଯାତନା ଦିଆଯିବାରୁ ଅନେକ ଲୋକ ଖସି ଆସିଥିବା ବେଳେ ଦଲାଲମାନେ ଗ୍ରାମର ୭ ଜଣଙ୍କୁ ଅନ୍ୟତ୍ର ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ଚନ୍ଦ୍ରମଣି ପ୍ରଧାନଙ୍କ ନାବାଳିକା ଝିଅ, ତାଙ୍କ ସମ୍ପର୍କୀୟ କିରଣ ପ୍ରଧାନ, ବର୍ଷା ପ୍ରଧାନ ଏବଂ ମୀନା ପ୍ରଧାନଙ୍କ ଭାଇ କିଶୋର ପ୍ରଧାନ, ଭାଉଜ ସଞ୍ଜୁ ପ୍ରଧାନ ଏବଂ ଛୋଟ ପୁତୁରା ଶିଶିର ପ୍ରଧାନ ନିଖୋଜ ଥିବା ଅଭିଯୋଗ ହୋଇଛି। ଏହାସହ ଆଡ଼କଟା ଗ୍ରାମର ପପୁନ ଗଡ଼ିତିଆ ମଧ୍ୟ ସେମାନଙ୍କ ସହ ନିଖୋଜ ରହିଛି। ଏ ସଂପର୍କରେ ଆଜି ଚନ୍ଦ୍ରମଣି ଓ ମୀନା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି।

ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଭିଯୋଗକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣା ଶୁଣାଣି କରିବା ପରେ ଗଣିଆ ଥାନା ଅଧିକାରୀଙ୍କୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଚନ୍ଦ୍ରମଣିଙ୍କ କହିବାନୁସାରେ, ୪୦ ହଜାର ଟଙ୍କାରେ ନେଇ ସେମାନଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଦିଆଯାଇଛି। ସେମାନଙ୍କଠାରୁ ମୋବାଇଲ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଛି। ଫଳରେ ସେମାନେ କାହା ସହ ଯୋଗାଯୋଗ କରିପାରୁନାହାନ୍ତି ସେଠାରୁ ଖସି ଆସି ପାରୁନାହାନ୍ତି। ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ଚନ୍ଦ୍ରମଣି କହିଛନ୍ତି।

**ଆଜି ରାଜଧାନୀର ସବୁଠାରୁ ବଡ଼ ଉଚ୍ଛେଦ**

# ମାଟିରେ ମିଶିବ ସାଲିଆସାହି



**ଉତ୍ତେଜନା ଆଶଙ୍କାରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ**

**ବିଜେପି ଜମିଦେବା ନିର୍ବାଚନ ପ୍ରତିଶ୍ରୁତିକୁ ଗଣ୍ଠି କରିଛନ୍ତି ବସ୍ତିବାସିନ୍ଦା**

■ **ଭୁବନେଶ୍ୱର, ୧୭।୧୧ (ସମିସ):** ରାଜଧାନୀର ସବୁଠାରୁ ବଡ଼ ବସ୍ତି ସାଲିଆସାହିକୁ ଉଚ୍ଛେଦ କରିବାକୁ ଯାଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବାମ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ଏହି ଉଚ୍ଛେଦ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ମଙ୍ଗଳବାର ପ୍ରାୟ ୫୨୧ଟି ଘରକୁ ଭାଙ୍ଗିବାକୁ ଟାର୍ଗେଟ କରାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସମରସଜ୍ଜା। ଉଚ୍ଛେଦ ପାଇଁ ସମସ୍ତ ପ୍ରସ୍ତୁତି ଏକପ୍ରକାର ଶେଷ ହୋଇଛି। ଏହି ଉଚ୍ଛେଦରେ ବିଏମ୍‌ସି, ବିଡିଏ, ୱାଟକୋ, ବିଦ୍ୟୁତ ବିଭାଗ ଏବଂ ପୁଲିସ ବିଭାଗ ସାମିଲ ହେବ। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନାକୁ ଆଖିଆଗରେ ରଖି ୭ପ୍ଲାଟୁନ୍ ଫୋର୍ସ ମୁତୟନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ବିଏମ୍‌ସି ପକ୍ଷରୁ ଭଙ୍ଗାଯିବାକୁ ଥିବା ଘରଗୁଡ଼ିକୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକଙ୍କୁ ଅପରାହ୍ଣରେ ଏସମ୍ପର୍କରେ ଅବଗତ କରାଯାଇଥିଲା। ଡାକବାଜୀ ଯନ୍ତ୍ର ଘର ଘର ବୁଲି ଏସମ୍ପର୍କରେ ଅବଗତ କରାଇଛି। ନିଜ ନିଜର ଆସବାବପତ୍ର ବାହାର କରିବାକୁ କୁହାଯାଇଛି। ବିଏମ୍‌ସିର ଡାକବାଜୀ ଯନ୍ତ୍ର ପ୍ରଚାର କରିବା ପରେ ସାଲିଆସାହିରେ ଚାପା ଉତ୍ତେଜନା ଦେଖାଦେଇଛି। ଥଇଥାନ ନ କରି କେମିତି ଉଚ୍ଛେଦ କରାଯିବ। ଏହା ଆଇନ୍ ବିରୋଧୀ ବୋଲି ବସ୍ତିବାସିନ୍ଦା କହିଛନ୍ତି। ତେବେ ଉଚ୍ଛେଦ ହେଲେ ଘର ନୁହେଁ ଜମି ଦିଆଯିବ ବୋଲି ବିଜେପି ୨୦୨୪ରେ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା। ହେଲେ ଭୋଟ୍ ନେଇ ସରକାରକୁ ଆସିଲା ପରେ ପ୍ରତିଶ୍ରୁତି ପାଳନ କାହିଁକି କରୁନାହିଁ ବୋଲି ବସ୍ତିବାସିନ୍ଦା ଗଣ୍ଠି ▶ପୃଷ୍ଠା-୭

**୨୮ରୁ ଧାନକ୍ରୟ ଆରମ୍ଭ**

# ଚାଷୀ କହିଲେ ୨୦, ଶୁଣିଲାନି ପ୍ରଶାସନ

**ସମ୍ବଲପୁର, ୧୭।୧୧ (ସମିସ)**

ଆସନ୍ତା ୨୮ ତାରିଖରୁ ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନସଂଗ୍ରହ ଆରମ୍ଭ ହେବ ବୋଲି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚାଷୀ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଧାନକ୍ରୟ ଆରମ୍ଭ ତାରିଖକୁ ନେଇ ଟଣାଓଟରା ହୋଇଥିଲା। ଚାଷୀମାନଙ୍କ ଅନୁଯାୟୀ, ଆଗୁଆ ମୌସୁମୀ ଯୋଗୁଁ ଧାନ ଅମଳ ଆରମ୍ଭ ହୋଇଯାଇଥିବାରୁ ନଭେମ୍ବର ୧ ତାରିଖରୁ ଧାନକ୍ରୟ ଆରମ୍ଭ ହେବା କଥା। କିନ୍ତୁ ଡିଏଲ୍‌ପିସି ବୈଠକ ବିଳମ୍ବ ହୋଇଥିବାରୁ ଆଉ କାଳବିଳମ୍ବ ନକରି ନଭେମ୍ବର ୨୦ରୁ ଖରିଫ୍ ଧାନକ୍ରୟ ଆରମ୍ଭ କରିବାକୁ ଚାଷୀମାନେ ପ୍ରସ୍ତାବ ଦେଇଥିଲେ। ତେବେ, ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧି ମାନେ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। ନଭେମ୍ବର ୨୮ ତାରିଖ ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଘୋଷଣା କରିଥିଲେ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଯଦି ଭୁବନେଶ୍ୱରରୁ ଧାନକିଣା ତାରିଖ ଧାର୍ଯ୍ୟ କରାଯାଇ ନିର୍ଦ୍ଦେଶ ରହିଛି ତେବେ ଏଭଳି ଡିଏଲ୍‌ପିସି ବୈଠକ ଡାକିବାର ଆବଶ୍ୟକତା କ'ଣ ବୋଲି ଚାଷୀମାନେ ପ୍ରଶ୍ନ କରିଥିଲେ।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଯେତେଦିନ ପର୍ଯ୍ୟନ୍ତ ଡିଏଲ୍‌ପିସିକୁ ଶକ୍ତିଶାଳୀ ନକରିବେ, କ୍ଷମତା ନଦେବେ, ତାହାହେଲେ ଓଡ଼ିଶାରେ ଧାନସଂଗ୍ରହ ଆଗକୁ ଯିବାରେ କଷ୍ଟକର ହେବ। ଆଜି ବି ସେହି ଜଳସେଚିତ ୧୯ କ୍ୱିଣ୍ଟାଲ ଓ ଅଣଜଳସେଚିତ ୧୩ କ୍ୱିଣ୍ଟାଲ ରହିଛି, ଯେଉଁ ବମ୍ପର କ୍ରପ୍ ହେଉଛି ଅଧିକ ଉତ୍ପାଦନ ହେଉଛି, ତାହା ଯିବ କୁଆଡ଼େ ବୋଲି ସେ ପ୍ରଶ୍ନ କରିଥିଲେ। ଛୋଟରୁ ଛୋଟ କଥା ଯେହେତୁ ଭୁବନେଶ୍ୱରରରେ ନିଷ୍ପତ୍ତି ହେଉଛି, ଏହି ପ୍ରକାର ଜିଲ୍ଲାସ୍ତରୀୟ ଡିଏଲପିସି ବୈଠକରୁ ବିଶେଷ କିଛି ଆଶା କରାଯାଇପାରିବ ନାହିଁ। ଏଣୁ ଧାନକ୍ରୟର ସବୁକିଛି ଜିଲ୍ଲା ପ୍ରଶାସନର ପରିଚାଳନା ଉପରେ ନିର୍ଭର କରେ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଙ୍ଗଠନ ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଲେ ଯେ, ଡିଏଲପିସିରେ ଚାଷୀମାନଙ୍କୁ ଡକାଯାଉଛି ଏବଂ ସେଥିରେ ଭୁବନେଶ୍ୱରରେ ହୋଇଥିବା ନିଷ୍ପତ୍ତିକୁ ଜଣାଇ ଦିଆଯାଉଛି। ସମ୍ବଲପୁର ଜିଲ୍ଲା କେନ୍ଦ୍ରାପଡ଼ା, ଜଗତସିଂପୁର, ନବରଙ୍ଗପୁର ବା କଳାହାଣ୍ଡି ଏପରିକି ବରଗଡ଼ ଜିଲ୍ଲାର ମାଟି, ପରିବେଶ, ଚାଷ ପଦ୍ଧତି ଆଦି ସମାନ ନୁହେଁ ତେଣୁ କେନ୍ଦ୍ରୀୟସ୍ତରରେ ଭୁବନେଶ୍ୱରରେ ନିଷ୍ପତ୍ତି କାହିଁକି ନିଆଯାଉଛି ବୋଲି ସେ ପଚାରିଛନ୍ତି। ଚଳିତବର୍ଷ ଧାନ ହୋଇଗଲାଣି ବୋଲି ଡିଏଲପିସି ବୈଠକରେ କହିବାପରେ ବି ଧାନ ଶୀଘ୍ର ଧାନକିଣା ଗଲାନାହିଁ, ଚାଷୀର ବୈଠକରେ ଚାଷୀର କଥା ରହିଲା ନାହିଁ ବୋଲି ସେ କହଛନ୍ତି।

ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ମଣ୍ଡିରେ ଧାନ ସଂଗ୍ରହ କଲାବେଳେ ଚାଷୀମାନେ ଯେପରି କୌଣସି ଅବ୍ୟବସ୍ଥାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ସଂଖ୍ୟାରେ ଚାଷୀ ପଞ୍ଜିକୃତ ହୋଇଛନ୍ତି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଧାନସଂଗ୍ରହ କରି ଯେପରି ଚାଷୀମାନେ ତାଙ୍କ ପ୍ରାପ୍ୟ ଯଥାଶୀଘ୍ର ପାଇପାରିବେ, ତାହା ଉପରେ ଧ୍ୟାନ ଦିଆଯିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଚାଷୀ ଉତ୍ପାଦନ ବୃଦ୍ଧିକୁ ଦୃଷ୍ଟିରେ ରଖି ଧାନସଂଗ୍ରହ କରିବାପାଇଁ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଆମେ ବ୍ୟବସ୍ଥା କରୁଛୁ ବୋଲି ସେ କହିଥିଲେ।

ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ, ଏଫ୍‌ସିଆଇ ଗତବର୍ଷର ଚାଉଳ ଉଠାଇ ନଥିବାରୁ ରଖିବା ପାଇଁ ଜାଗା (ସ୍ପେସ୍) ଏକ ବିଶେଷ ଗୁରୁତ୍ୱ ବହନ କରୁଛି। ଉତ୍ପାଦନ ବଢ଼ୁଛି, ସରକାରଙ୍କ କ୍ରୟ ମଧ୍ୟ ବଢୁଛି, ବର୍ଷ ବର୍ଷ ଧରି ଭିତ୍ତିଭୂମିର ବିକାଶ କରାଯାଉନାହିଁ। ଆର୍‌ଏମ୍‌ସି ଗୁଡ଼ିକ ପାଖରେ ଟଙ୍କା ଅଛି, ମାତ୍ର ତାହାର ବିନିଯୋଗ ହେଉନାହିଁ। ଯେତେ ଚାଷୀଙ୍କ ପଞ୍ଜୀକରଣ ସଂଖ୍ୟା ବଢ଼ିଲା ବୋଲି ଦର୍ଶାଯାଉଛି ସେହି ଅନୁପାତରେ ଚାଷ ଜମିର ପରିମାଣ ବଢ଼ିଛି କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ। ଧାନ ପକାଇଲା ପରେ ମଣ୍ଡି ମାନଙ୍କରେ ଦିନ ଦିନ ଧରି ଧାନ ଉଠୁନାହିଁ ଏବଂ ତାହାକୁ ଚାଷୀମାନଙ୍କୁ ବର୍ଷା, ଶୀତରେ ଜଗିବାକୁ ପଡୁଛି, ତେଣୁ ସବୁ କଥାରେ ସରକାରଙ୍କୁ ନକହି ଆର୍‌ଏମସି ପାଖରେ ଥିବା ପାଣ୍ଠିରେ ମାର୍କେଟୟାର୍ଡର ଭିତ୍ତିଭୂମି ବିକାଶ କରାଯାଉ ବୋଲି ରେଢ଼ାଖୋଲ ବିଧାୟକ ଅନୁରୋଧ କରିଥିଲେ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁଯାୟୀ ଧାନ ମହଜୁଦ (ଷ୍ଟୋରେଜ) ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଅସ୍ଥାୟୀ ମଣ୍ଡି ମାନଙ୍କରେ ମଧ୍ୟ ଚାଷୀମାନଙ୍କୁ ମହଜୁଦ ରଖିବା ପାଇଁ ଜାଗା, ପାନୀୟ ଜଳ ଏବଂ ଶୌଚାଳୟ ବ୍ୟବସ୍ଥା କରାଯିବ। ଆବଶ୍ୟକ ସ୍ଥାନ ମାନଙ୍କରେ ନୂତନ ମଣ୍ଡି ଆରମ୍ଭ କରିବାକୁ ସମ୍ପୃକ୍ତ ଅଞ୍ଚଳରେ ତଦାରଖ କରାଯିବ। ସମ୍ବଲପୁର ଜିଲ୍ଲାର ଧାନକିଣା ସମୟରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇ ଅନ୍ୟ ଜିଲ୍ଲାର ଧାନ ସମ୍ବଲପୁର ଜିଲ୍ଲାକୁ ଆସିବ ନାହିଁ ବୋଲି ସେ କହିଥିଲେ।

ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଡିଏଲପିସି ଅଧକ୍ଷ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ, ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ, ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଚାଷୀ ପ୍ରତିନିଧି ଭାବରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ହରିଶଙ୍କର ପୁରୋହିତ, ସୁଶାନ୍ତ ପଣ୍ଡା, ବିପିନ ଭୋଇ, ଭୈରବ ପଧାନ, ଯୋଗ ବିହାରୀ ପରିଡ଼ା, ସରୋଜ ପଧାନ, ଜୟନାରାୟଣ ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ।






## ଖରିଫ୍ ଧାନକ୍ରୟ ୨୦୨୫-୨୬

ଚଳିତ ୨୦୨୫-୨୬ ଖରିଫରେ ଧାନବିକ୍ରୟ ପାଇଁ ୬୫, ୧୪୩ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଯାଞ୍ଚପରେ ୬୦, ୬୧୪ ଜଣ ଚାଷୀ ରହିଛନ୍ତି। ଜିଲ୍ଲାର ୪, ୩୪୬ ଜଣ ଚାଷୀଙ୍କ ପଞ୍ଜୀକରଣ ଡିଆରସିଏସ୍ତରରେ ପୁନଃ-ଯାଞ୍ଚ କରାଯିବାକୁ ବିଚାରାଧୀନ ରହିଛି। ଗତବର୍ଷ ୨୦୨୪-୨୫ ଖରିଫ୍‌ରେ ୬୦, ୩୫୯ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ଚଳିତବର୍ଷ ସାଟେଲାଇଟ୍ ସର୍ଭେରେ ୭୯, ୩୦୯ଟି ପ୍ଲଟ୍ ସନ୍ଦିଗ୍ଧ ରହିଥିବାବେଳେ ତାହାର ସରଜମିନ ଯାଞ୍ଚ ଜାରିରହିଛି। ଜିଲ୍ଲାରେ ୪୫ଟି ପ୍ୟାକ୍ସ / ଲ୍ୟାମ୍ପସ୍ ଏବଂ ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସ୍‌ଏଚ୍‌ଜି) ଜରିଆରେ ୧୨୭ଟି ଧାନ କ୍ରୟ କେନ୍ଦ୍ର / ମାର୍କେଟ୍ ୟାର୍ଡରେ ଧାନକ୍ରୟ କରାଯିବ। ଏଥିରେ ୪୬ ଜଣ ମିଲର୍‌ଙ୍କୁ ନିଯୋଜିତ କରାଯାଇଛି। ଧାନସଂଗ୍ରହ ତଦାରଖ ପାଇଁ ୧୨୫ ଜଣ ମଣ୍ଡି ନୋଡାଲ ଅଧିକାରୀ ଏବଂ ୩୨ ଜଣ ମଣ୍ଡି ସୁପର୍‌ଭାଇଜିଂ ଅଧିକାରୀ ରହିବେ। ଖରିଫ ଧାନ ସଂଗ୍ରହ ୨୦୨୫-୨୬ ପାଇଁ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୬୯ ଟଙ୍କା ଥିବାବେଳେ ଗ୍ରେଡ୍ 'ଏ' ଧାନ କ୍ୱିଣ୍ଟାଲ ପ୍ରତି ୨୩୮୯ ଟଙ୍କା ରହିଛି।

## ବନ୍ଧୁକ ଓ ଗୁଳି ଜବତ, ୨ ଗିରଫ

**ସମ୍ବଲପୁର, ୧୭।୧୧ (ସମିସ) :** ଅଇଁଠାପାଲି ଥାନାଞ୍ଚଳରେ ପିସ୍ତଲ ରଖିଥିବା ଅଭିଯୋଗରେ ଦୁଇଜଣଙ୍କୁ ପୁଲିସ ଗିରଫ କରିବାସହ ସେମାନଙ୍କଠାରୁ ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରିଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲ୍ଲା ଅତାବିରା ଥାନା ପିଠାପୋତଲ ଗାଁର ରାଜୁ ପ୍ରଧାନ (୩୦) ଓ ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ସିଲିପଥର ଗାଁର ଶାନ୍ତନୁ ସୁହୁରା (୩୬)। ସେମାନଙ୍କଠାରୁ ଦୁଇଟି ଦେଶୀ ପିସ୍ତଲ (ମେଗାଜିନ ସହ), ୭ଟି ୭.୬୫ ମିମିର ଜୀବନ୍ତ ଗୁଳି, ଦୁଇଟି ମୋବାଇଲ ଫୋନ ଏବଂ ଗୋଟିଏ ଇଣ୍ଡିଗୋ କାର ପୁଲିସ ଜବତ କରିଛି। ଅଇଁଠାପାଲି ଥାନାରେ କେସ ନଂ. ୩୭୬ ତା ୧୭.୧୧.୨୦୨୫ ଦଫା ୨୫ (୧-ଏଏ), ୩୫ ଆର୍ମସ୍ ଆକ୍ଟରେ ମାମଲା ରୁଜୁକରି ପୁଲିସ ଉଭୟଙ୍କୁ ଗିରଫ କରିଛି।






ଏସ୍‌ପି ଶ୍ରୀ ଭାମୁଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ପିସ୍ତଲ ଧରି ଏକ କାରରେ ବୁର୍ଲାପଟୁ ସମ୍ବଲପୁର ପଟକୁ ଇଣ୍ଡିଗୋ କାର୍‌ରେ ଯାଉଥିବା ଅଇଁଠାପାଲି ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଇନ୍ସପେକ୍ଟର ଫିରୋଜ ଏକ୍କା ଫୋର୍ସ ସହ ସେମାନଙ୍କ ପିଛାକରି କାର୍ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ କରିବା ସମୟରେ ସେମାନଙ୍କଠାରୁ ଦେଶୀ ପିସ୍ତଲ ଓ ଜୀବନ୍ତ ଗୁଳି ପାଇଥିଲେ। ସେମାନେ ଏହାର ଲାଇସେନ୍ସ କାଗଜାତ ଦେଖାଇ ପାରିନଥିଲେ। ପଚରାଉଚୁରା ସମୟରେ ବର୍ଷକ ତଳେ ବିହାରରୁ ଜଣେ ବ୍ୟକ୍ତିଙ୍କ ଠାରୁ ଏହି ପିସ୍ତଲକୁ କିଣିଥିବା ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି। ଜମିଜମା ଗଣ୍ଡଗୋଳଜନିତ ସୁରକ୍ଷା ପାଇଁ ସେମାନେ ପିସ୍ତଲ ରଖିଥିଲେ ବୋଲି କହିଥିବା ପ୍ରକାଶ। ପିସ୍ତଲ ବିକ୍ରୟ କରିଥିବା ବ୍ୟକ୍ତିଙ୍କ ବିଷୟରେ ପୁଲିସ ତଦନ୍ତ କରୁଛି। ଏହାର ତଦନ୍ତ ପାଇଁ ଉଭୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରାଯିବ ବୋଲି ଶ୍ରୀ ଭାମୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ଆଜି ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର, ୧୭।୧୧ (ସମିସ) :** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ସମ୍ବଲପୁର ଏବଂ ମାନେଶ୍ୱର ଗ୍ରୀଡ୍ ସବଷ୍ଟେସନ ରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଭାଲୁପାଲି, କାଇଁସିର ରୋଡ଼, ମାଝିପାଲି, ଏନ. ଗୁହାଲେନ୍, ସିଏସ୍ କଲୋନୀ, ପିଏଚଡି କଲୋନୀ, ରେଲୱେ ଷ୍ଟେସନ୍ ଅଞ୍ଚଳ, ଶାସନ, ବଡବଜାର, ବାଲିବନ୍ଧା, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, ଫାର୍ମ ରୋଡ୍, ଭୁତାପଡ଼ା, ଧନୁପାଲି, ମାନେଶ୍ୱର, ପଡ଼ିଆବାହଲ, ବଲବସପୁର, ବରମୁଣ୍ଡା, ମୁରା, ସାକ୍ଷୀପଡ଼ା, ସିନ୍ଦୁରପଙ୍କ, ସୁନାପିଲା, ବଡଶିର, ଧମା, ବରଙ୍ଗାମାଲ, ହିରୋ, ଜୟନ୍ତପୁର, ଝାଙ୍କରପାଲି, ତାଳପାଲି ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆସନ୍ତାକାଲି ଅର୍ଥାତ ୧୮ ତାରିଖ (ମଙ୍ଗଳବାର) ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ଟଣା ହେଲା ୧୦୮ ଆମ୍ବୁଲାନ୍ସ

କୁଚିଣ୍ଡା, ୧୭।୧୧(ସମିସ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରା ଠାରେ ରୋଗାକ୍ରାନ୍ତ ହୋଇ ପଡ଼ି ରହିଛି ଆମ୍ବୁଲାନ୍ସ ସେବା। ରୋଗୀ ଆଣିବାକୁ ଯାଉଥିବା ୧୦୮ ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ିଥିବା ବେଳେ ଏକ ବୋଲେରୋ ସାହାଯ୍ୟରେ ଆମ୍ବୁଲାନ୍ସ ଟଣା ଯାଇଥିବା ଦେଖିବାକୁ ମିଳିଛି। ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଉକ୍ତ ୧୦୮ ଆମ୍ବୁଲାନ୍ସ ବାରମ୍ବାର ଅଚଳ ହେବା ଯୋଗୁଁ ଅଞ୍ଚଳରେ ରୋଗୀ ସେବାବାଧାପ୍ରାପ୍ତ ହେଉଥିବା ଅଭିଯୋଗ ରହିଛି। ସୂଚନା ଅନୁସାରେ ରବିବାର ଦିନ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସ ଉଚକାପାଟ ଗ୍ରାମକୁ ଯାଉଥିବା ବେଳେ ବାମରା ଡାକବଙ୍ଗଳା ନିକଟରେ ଆମ୍ବୁଲାନ୍ସ ଅଚଳ ହୋଇ ଯାଇଥିଲା। ଶେଷରେ ଏକ ବୋଲେରୋ ଗାଡ଼ିରେ ରସି ବାନ୍ଧି ଆମ୍ବୁଲାନ୍ସକୁ ଗୋବିନ୍ଦପୁର ଡାକ୍ତରଖାନାକୁ ଫେରାଇ ନିଆଯାଇଥିଲା। ଉଲ୍ଲେଖ ଯୋଗ୍ୟ ଯେ ଗତ ଏକ ମାସରୁ ଗୋବିନ୍ଦପୁର ଡାକ୍ତରଖାନାରେ ଥିବା ଉକ୍ତ ଆମ୍ବୁଲାନ୍ସ ଅଚଳ ହୋଇ ରହିଥିବା ବେଳେ ମରାମତି ପରେ ଗତ ୭ ତାରିଖ ଦିନ ପୁଣି ଏହା ଡାକ୍ତରଖାନାକୁ ଫେରିଥିବା। ମାତ୍ର ପୁଣି ଠାରେ ଉକ୍ତ ଆମ୍ବୁଲାନ୍ସ ସେବା ଅଚଳ ହୋଇପଡ଼ିଛି। ବାରମ୍ବାର ଆମ୍ବୁଲାନ୍ସ ଅଚଳ ହେବା ଯୋଗୁଁ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ଲୋକେ ଅଭିଯୋଗ ଆଣିବା ସହ ଏକ ନୂତନ ଆମ୍ବୁଲାନ୍ସ ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସନ୍ଧ୍ୟା ୬ଟାରେ ଆମ୍ବୁଲାନ୍ସର ଭିଡିଓ ଭାଇରାଲ ହେବା ପରେ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


## ୨୪ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା

**ସମ୍ବଲପୁର, ୧୭।୧୧ (ସମିସ) :** ଆସନ୍ତା ୨୪ ତାରିଖ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଏବଂ ରାଜ୍ୟବ୍ୟାପୀ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ଡାକରା ଦେଇଛି ସର୍ବଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏସନ୍। ସୋମବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ତରଫରୁ ଅଙ୍ଗନୱାଡି ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କର ବିଭିନ୍ନ ନ୍ୟାୟୋଚିତ ଦାବି ସମ୍ବନ୍ଧରେ ବହୁବାର ଦାବିପତ୍ର ମାଧ୍ୟମରେ ସରକାରଙ୍କୁ ଅବଗତ କରାଯାଇଛି। କିନ୍ତୁ ଆଜିପର୍ଯ୍ୟନ୍ତ ସେହି ଦାବିଗୁଡ଼ିକ ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହା ଫଳରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଆସନ୍ତା ୨୩ ତାରିଖ ମଧ୍ୟରେ ସରକାରଙ୍କ ତରଫରୁ ସଂଗଠନର ଦାବିଗୁଡ଼ିକ ଉପରେ ସକାରାତ୍ମକ ପଦକ୍ଷେପ ନିଆନଯାଏ, ତେବେ ୨୪ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଏବଂ ଏହିଦିନ ସମଗ୍ର ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସଂଗଠନର ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଆଇସିଡିଏସ୍ ନାମ ଉଚ୍ଛେଦ କରାଯାଉ ଏବଂ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରାଯାଉ। ସରକାରୀକରଣ ନହେବା ପର୍ଯ୍ୟନ୍ତ କର୍ମୀଙ୍କୁ ମାସିକ ୨୬ହଜାର ଏବଂ ସହାୟିକାଙ୍କୁ ୧୩ହଜାର ଟଙ୍କା ପ୍ରଦାନ କରାଯାଉ। ଅବସର ପରେ କର୍ମୀଙ୍କୁ ଅନୁକ୍ରମେ ୧୦ ଲକ୍ଷ ଓ ସହାୟିକାଙ୍କୁ ୧୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ। କର୍ମୀଙ୍କୁ ମାସିକ ୧୫, ୦୦୦ ଏବଂ ସହାୟିକାଙ୍କୁ ୧୩ହଜାର ଟଙ୍କା ପେନ୍‌ସନ୍ ଦିଆଯାଉ। ପୋଷଣ ଟ୍ରାକର୍ ସମସ୍ୟା ଓ ସମାଧାନ ନେଟୱାର୍କ ସମସ୍ୟା, ଅପଗ୍ରେଡେଡ୍ ଭର୍ସନ୍‌ରେ ଅସୁବିଧା, ଆଧାର-ମୋବାଇଲ୍ ଲିଙ୍କ୍ ନଥିବା ଇତ୍ୟାଦି ସମସ୍ୟାର ସମାଧାନ କରାଯାଉ ଆଦି ଦାବି ରହିଛି।




## ବିବିସି ଆର୍ଥରେ ଶିଶିର କରଙ୍କ ଫଟୋ

**ସମ୍ବଲପୁର, ୧୭।୧୧ (ସମିସ):** ବିବିସି ଦ୍ୱାରା ଆନ୍ତର୍ଜାତିକ ଭାବେ ବିବିସି ଆର୍ଥ ଇନ୍‌ଫୋକସ୍ ଫଟୋଗ୍ରାଫି ପ୍ରତିଯୋଗିତା ୨୦୨୫ ଆୟୋଜିତ ହେଉଛି। ଏଥିସକାଶେ ସମ୍ବଲପୁରର ଶିଶିର କରଙ୍କ ଦୁଇଟି ଫଟୋ ମନୋନୀତ ହୋଇଛି। ତନ୍ମଧ୍ୟରେ ସିଟି ଲାଇଟ୍‌ସ ଓ କଥକଳି ଡ୍ୟାନ୍ସ ରହିଛି। ମ୍ୟାନେଜମେଣ୍ଟ ଗ୍ରାଜୁଏଟ୍ ଶିଶିରଙ୍କ ଫଟୋଗ୍ରାଫିରେ ୧୮ ବର୍ଷର ଅଭିଜ୍ଞତା ରହିଛି। ଫଟୋଗ୍ରାଫି ପାଇଁ ସେ ଜାତୀୟ ଓ ଆର୍ନ୍ତଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ତାଙ୍କ ସାକ୍ଷାତକାର ସ୍ମାର୍ଟ ଫଟୋଗ୍ରାଫି ପତ୍ରିକାରେ ପ୍ରକାଶିତ ହୋଇଥିବା ବେଳେ ଚିଜ୍ ଆନ୍ତର୍ଜାତିକ ପତ୍ରିକା ଓ ନେସନାଲ ଜିଓଗ୍ରାଫିରେ ତାଙ୍କ ଫଟୋ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଲଳିତ କଳା ଏକାଡେମୀ ପୁରସ୍କାର ସହ ସେ କେନନ୍ ଇଣ୍ଡିଆ ଅଫିସିଆଲ ପୁରସ୍କାର ମଧ୍ୟ ପାଇଛନ୍ତି।





## ଜିଏମ୍‌ୟୁରେ ଜନଜାତି ଗୌରବ ଦିବସ




**ସମ୍ବଲପୁର, ୧୭।୧୧ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଏନସିଏସଟି ମେମ୍ବର, ନୂଆଦିଲ୍ଲୀର ଡକ୍ଟର ଆଶା ଲାକ୍ରା ଯୋଗଦେଇ ଭାରତର ମୁକ୍ତି ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ ସମ୍ପର୍କରେ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଭ୍ୟ ଡା. ପୁରୁଷୋତ୍ତମ ଅଗ୍ରୱାଲ ଯୋଗଦେଇ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ସହ ତାଙ୍କ ସମସାମୟିକ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ, ସଂଘର୍ଷ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାଗତ ଭାଷଣ ଡଃ ପରମତପ ପ୍ରଧାନ ଦେଇଥିବାବେଳେ ଡଃ ମଣ୍ଟି କୁଜୁର ସଭା ପରିଚାଳନା କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପକ ପି. ଯୋଷୀ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବୈଦିକରେ ଫୋଟୋଗ୍ରାଫି କାର୍ଯ୍ୟଶାଳା

**ସମ୍ବଲପୁର, ୧୭।୧୧ (ସମିସ) :** ବୈଦିକ ଇଣ୍ଟରନେସନାଲ ସ୍କୁଲ, ପାବପାଲି, ଶାସନରେ ବୈଦିକରେ ଦୁଇଦିନ ଧରି ହେଉଥିବା ଫୋଟୋଗ୍ରାଫି କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ନୂଆଦିଲ୍ଲୀରୁ ଫୋଟୋଗ୍ରାଫି ଜଗତର ଚର୍ଚ୍ଚିତ ନାମକରା ପ୍ରସିଦ୍ଧ ଫୋଟୋଗ୍ରାଫର ଆଶିଷ ସାହୁ ଓ ତାଙ୍କ ସହଯୋଗୀଗଣ ଯୋଗଦାନ କରି ତାଙ୍କ ସଫଳତାର ମୂଳମନ୍ତ୍ର ଛାତ୍ରଛାତ୍ରୀ ମାନଙ୍କ ସହ ବିନିମୟ କରିଥିଲେ ଓ ଆଜିର କର୍ମଶାଳାରେ ଭବିଷ୍ୟତରେ ଫୋଟୋଗ୍ରାଫି ଉପରେ ନିଜର କ୍ୟାରିୟର ବନେଇବାକୁ ଚାହୁଁଥିବା ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟଶାଳା ସୀମିତ ଅଂଶଗ୍ରହଣକାରୀଙ୍କ ପାଇଁ ହୋଇଥିବା ସତ୍ତ୍ୱେ ଓଡ଼ିଶା ତଥା ଛତିଶଗଡ଼ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଚେୟାରମେନ ଆନନ୍ଦ ଅଗ୍ରୱାଲ ଜୀବନ ଓ ଫୋଟୋଗ୍ରାଫି ମଧ୍ୟରେ ଥିବା ସମ୍ପର୍କ ଓ ଜଣେ କିପରି ଭାବରେ ନିଜ ବ୍ୟକ୍ତିତ୍ୱ ବିକାଶ କରିବା, ସୃଜନଶୀଳ ଚେତନା ଓ ଆତବିଶ୍ୱାସ ବୃଦ୍ଧିରେ ସହାୟକ ହେବ ଓ ଫୋଟୋଗ୍ରାଫି କର୍ମଶାଳାରୁ ବହୁତ କିଛି ଜ୍ଞାନ ଆହରଣ କରି ନିଜକୁ ସଫଳ ତଥା ସୁନାମଧନ୍ୟ ଫୋଟୋଗ୍ରାଫର ବନେଇ ପରିବ ସେ ବିଷୟରେ କହିଥିଲେ। ଆଜିର ଏହି ଫୋଟୋଗ୍ରାଫି କାର୍ଯ୍ୟଶାଳାରେ ଅଧକ୍ଷ ଗୀତା ଧର୍ମରାଜନ, ଉପାଧ୍ୟକ୍ଷ ମୋନେନ ଈଶ୍ୱରୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ।



# ଶିଶୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ସମ୍ବଲପୁର, ୧୭।୧୧ (ସମିସ)**

ସାଇ ଶିକ୍ଷା ପରିଷଦ ଆନୁକୂଲ୍ୟରେ ସମ୍ବଲପୁରରେ ଚାଲିଥିବା ଦୁଇଦିନିଆ ଲିଟିଲ୍ ମିସ୍ ଓ ମାଷ୍ଟର ଏବଂ ମିସ୍ ଓ ମାଷ୍ଟର୍ ଟିନ୍ ଶିଶୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ମିସ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତାରେ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ରରେ ସଜ୍ଜିତ ୨୪ ଜଣ ବାଳିକା ଓ ବାଳକ ରେମ୍ପରେ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ମିସ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତା ବାଳିକା ଓ ବାଳକଙ୍କ ପାଇଁ ଦୁଇଟି ପୃଥକ ବର୍ଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଶନିବାର ଅନୁଷ୍ଠିତ ଉଭୟ ବର୍ଗ ଲିଟିଲ୍ ମିସ୍ ଓ ମାଷ୍ଟର ଏବଂ ରବିବାର ଅନୁଷ୍ଠିତ ଉଭୟ ବର୍ଗ ମିସ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତାରେ ଭାଗ ନେଇଥିବା ୪୮ ଜଣ ଶିଶୁ ତଥା ବାଳକ ଓ ବାଳିକା ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ମିଳିତ ରେମ୍ପ୍ ୱାକରେ ଭାଗ ନେଇଥିଲେ। ଚଳିତବର୍ଷର ଲିଟିଲ ମିସ୍ ସମ୍ବଲପୁର ୨୦୨୫ ବିଜେତା ଆରାଧ୍ୟା ମହାପାତ୍ର, ପ୍ରଥମ ରନର୍ସଅପ୍ ଶିବାନ୍ତିକା ବେହେରା ଓ ଦ୍ୱିତୀୟ ରନର୍ସ-ଅପ୍ ସମ୍ପର୍ଣ୍ଣ ପଣ୍ଡା ହୋଇଥିବାବେଳେ ଲିଟିଲ ମାଷ୍ଟର ବିଜେତା ରୋଶନ ମେହେର, ପ୍ରଥମ ରନର୍ସଅପ୍ ପ୍ରଥମେଶ ସାହୁ ଓ ଦ୍ୱିତୀୟ ରନର୍ସଅପ୍ ଲକ୍ଷିତ ସିଂହ ନାଏକ ହୋଇଛନ୍ତି। ସେହପରି ମିସ୍ ଟିନ୍ ସମ୍ବଲପୁର ୨୦୨୫ ବିଜେତା ମନୋଜ୍ଞା ଦ୍ୱିବେଦୀ, ପ୍ରଥମ ରନର୍ସଅପ୍ ଜସ୍ମିନ ସାହୁ ଓ ଦ୍ୱିତୀୟ ରନର୍ସଅପ୍ ସାଲୋନୀ ଦାଶ ଶର୍ମା ହୋଇଥିବାବେଳେ ମାଷ୍ଟର ଟିନ୍ ସମ୍ବଲପୁର ୨୦୨୫ ବିଜେତା ମାନସ ପଟେଲ, ପ୍ରଥମ ରନର୍ସଅପ୍ ରୋନିତ୍ ରାଜ ସାହୁ ଓ ଦ୍ୱିତୀୟ ରନର୍ସଅପ୍ କେଦାର ନାରାୟଣ ସାହୁ ହୋଇଛନ୍ତି।




ରବିବାର ଉଦ୍‌ଯାପନୀ ଉତ୍ସବରେ ବିଜେପି ନେତା ଅନୀଲ ବେହେରା, ସମୀର ରଞ୍ଜନ ବାବୁ, ଶୁଭଶ୍ରୀ ମିଶ୍ର, ସୁଧୀର ରଞ୍ଜନ ବହିଦାର, ସୁଶାନ୍ତ ପୁରୋହିତ, ଶ୍ୟାମ ମେଟାଲିକ୍ସ ଏଚ୍‌ଆର୍ ମୁଖ୍ୟ ଭୁପିନ୍ଦର ସିଂ ଶିଖାୱତ, ଏନ୍‌ଏଲ୍‌ସି ଡିଜିଏମ୍ ସୁବ୍ରତ ବିଶ୍ୱାଳ, ହିଣ୍ଡାଲ୍‌କୋ ସିଏସ୍‌ଆର୍ ଉପଦେଷ୍ଟା ସୁଶାନ୍ତ ମହାପାତ୍ର, ସରୋଜ ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜନ କମିଟିର ଅଧ୍ୟକ୍ଷ ଇଂ ସୁଶାନ୍ତ ଗୁରୁ, ଭକ୍ତପ୍ରସାଦ ନନ୍ଦ, ମୁଖ୍ୟ ସଂଯୋଜକ ମହମ୍ମଦ ପରଭେଜ ଅଲ୍ଲୀ ଖାନଙ୍କ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମର ପୂର୍ବତନ ଉପାଧ୍ୟକ୍ଷ ସିଦ୍ଧାର୍ଥ ସାହା ମଧ୍ୟ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ୫ଟି ରାଉଣ୍ଡରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅସିତ ଶତପଥୀ, ଅସୀମ ପ୍ରଧାନ, ରାନୀ ଦାଶ, ହେମନ୍ତ ପ୍ରଧାନ, ତନୁଜା ମହାପାତ୍ର, ସୁବ୍ରତ ଷଡ଼ଙ୍ଗୀ, ସୁଚିସ୍ମିତା ଷଡ଼ଙ୍ଗୀ, ରେସ୍ମା ଶ୍ରୀକୁମାର, ସୀମାନ୍ତିକା ଦାଶ, ଶିଶିର କର ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଭାଗ୍ୟଶ୍ରୀ ପାଣିଗ୍ରାହୀ, ତନିଷ୍କା ଗୁରୁ, ତର୍ପଣ ପ୍ରଧାନ, ଜ୍ୟୋତିରାଦିତ୍ୟ ମହାନ୍ତି, ମିନାକ୍ଷୀ ପାଣିଗ୍ରାହୀ, ଉମାଶଙ୍କର ଦାଶ, ଅମୃତସାଗର ପଣ୍ଡା, ବର୍ଷା ପ୍ରମୁଖ ପ୍ରତିଯୋଗିତାକୁ ବିଭିନ୍ନ ରାଉଣ୍ଡରେ ସଂଯୋଜନା କରିଥିବାବେଳେ ପାୟଲ ଭୋଇ, ନୁପୁର ଭୋଇ, ଉମେଶ କୁମାର, ସୋମନାଥ ଜାଲ, ସରୋଜ ମିଶ୍ର, ସ୍ୱୟଂସିଦ୍ଧା ପଟ୍ଟନାୟକ, ତର୍ପଣ, ଚନ୍ଦ୍ର, ଜିତୁ, ଧରଣୀଧର ନାଥ ସହଯୋଗ କରିଥିଲେ। ପ୍ରାରମ୍ଭରେ ସାଇ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ମହମ୍ମଦ ପରଭେଜ୍ ଅଲ୍ଲୀ ଖାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ତ୍ରିଲୋଚନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

**ବରଗଡ଼, ୧୭।୧୧(ସମିସ):** ବରଗଡ଼ର ଯଦୁମଣି ଅଡିଟୋରିୟମ ଠାରେ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସଭାପତିତ୍ୱରେ ଜନଜାତୀୟ ଗୌରବ ଦିବସରୂପେ ମଧ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ ଏବଂ ସମ୍ମାନିତ ଅତିଥିରୂପେ ବରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ଜିଲ୍ଲା ମଙ୍ଗଳ ଅଧିକାରୀ ମଳୟ ଶତପଥୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅତିଶ ଭୋଇଏବଂ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଗଣ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତଥା ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ଜନଜାତିର ଅଧିବାସୀ ବୃନ୍ଦ ଏବଂ ବହୁସଂଖ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଫୁଟବଲ ଖେଳରେ ନିପୁଣତା ପ୍ରଦର୍ଶନ କରିଥିବା ଜନଜାତିର କ୍ରୀଡାବିତ ବରପାଲି ବ୍ଲକ ଅନ୍ତର୍ଗତ କଦଳୀପାଲିର ନିକିତା ବିଶିଙ୍କୁ ମାନପତ୍ର ଓ ଉପଢ଼ୌକନ ସହ ସମ୍ମାନିତ କରାଯାଇଥିଲା। ବିଜେପୁର ବ୍ଲକ ଅନ୍ତର୍ଗତ କୁର୍କୁଟା ଗ୍ରାମବାସୀଙ୍କୁ ଏହି ଅବସରରେ ଗୋଷ୍ଠୀ ଜଙ୍ଗଲ ଅଧିକାରର ମାଲିକାନା ପ୍ରଦାନ କରାଯାଇଥିଲା। ଜନଜାତୀୟ ଗୌରବ ଦିବସରେ ବ୍ୟାଣ୍ଡ ଟ୍ରୁପ୍ ବରଗଡ଼ର ଜର୍ଜ ହାଇସ୍କୁଲ, ସ୍ୱାଗତ ସଙ୍ଗୀତରେ ଅମ୍ବାପାଲି ସମଲେଶ୍ୱରୀ ହାଇସ୍କୁଲ, ଜନଜାତି ଲୋକକଳା ଓ ସାଂସ୍କୃତିକ ବିଚିତ୍ରା ପରିବେଷଣରେ ପଦ୍ମପୁର ଅନ୍ୱେଷା ହଷ୍ଟେଲ, ପଦ୍ମପୁର ବାଳିକା ବିଦ୍ୟାଳୟର ଛାତ୍ରୀ, ବରଡୋଲ ଅନ୍ୱେଷା ହଷ୍ଟେଲର ଛାତ୍ରୀ, ବରଡୋଲ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ଓ ଗୋପାଳପୁର ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ ପୂର୍ବକ ପୁରସ୍କୃତ ହୋଇଥିଲେ। ଘେଁସ ଜମିଦାର ଶହୀଦ ମାଧୋ ସିଂହଙ୍କ ଦାୟାଦ ଲୋକେଶ୍ୱର ସିଂ ବରିହାଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ପରିଚାଳନା କରିଥିଲେ ଗୌରଚରଣ ସା। ବରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ଧରତୀ ଅବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ବରଗଡ଼ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହ ଅବସରରେ ଏକ ଭବ୍ୟ ବେଶଭୂଷା, ନୃତ୍ୟ, ଗୀତରେ ଶୋଭାଯାତ୍ରା ବାହାରି ଥିଲା। ବିର୍ସା ମୁଣ୍ଡା ସଂଘର୍ଷ ବାହିନୀର ସଭାପତି ମାରିୟମ ବାର୍ଲା ଓ ସମ୍ବିଧାନ ସୁରକ୍ଷା ମଞ୍ଚ ଆବାହକ ପବିତ୍ର ଦେହେରୀ ଏହି ଜୟନ୍ତୀ କାର୍ଯ୍ୟକ୍ରମକୁ ଆୟୋଜିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନରେନ୍ଦ୍ର ନାଏକ, ସମାଜ ସେବୀକୁଞ୍ଜ ବିହାରୀ ଭୋଇ, ଇନ୍ଦ୍ରମଣି ମୁଣ୍ଡା, ୱିଲିୟମ ଟପ୍ପୋ, ଫାଦର ପିୟୁଷ ଲାକ୍ରା, ରବୀନ ଲୁଗୁନ, ଜଗଦୀଶ ଲୁହା, ଚାଷୀ ନେତା ରମେଶ ମହାପାତ୍ର, ଆପ୍ ନେତା ଭବାନୀ ସାହୁ, ମହିଳା ନେତ୍ରୀ ସୁନିତା ବାଗ, ଅଧ୍ୟାପକ ସଞ୍ଜୀବ ସୁନା, ସାମାଜିକ କର୍ମୀ ସୁରେଖା ଭୁଏ, ଦିଲୀପ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ସୋନପୁର ଜିଲ୍ଲାରୁ ଦିବ୍ୟାଙ୍ଗ ଲକ୍ଷ୍ମୀ ଓ ଆଲମ ଖାନ ଉପସ୍ଥିତ ଥିଲେ।

**ବରଗଡ଼:** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ସହୀଦ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ଜନ ଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକରାମ ହନୁମନ୍ତ ରେ‡ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସମାଜ ସେବିକା ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ପ୍ରଧାନ, କୁଶ ସାହୁ, ଯୋଗ ଦେଇଥିଲେ। ଶିକ୍ଷକ ଉଛବ ଭୁଏ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଗଳ୍ପ କଥନ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ତିମ ଅଧିବେଶନରେ ଅତିଥି ଭାବେ ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ତଥା ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଆଶ୍ରମ ସ୍କୁଲର ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ, ମମତା ସାହୁ, ପଞ୍ଚମୀ ନାଏକ, ତୁଳସୀ ସା, ଜୟନ୍ତୀ ମୁନା, ଶିକ୍ଷକ ଅଷ୍ଟମନ୍ୟୁ ବାରିକ, ଦିଲ୍ଲୀପ ପଧାନ, ରାଜୀବ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନନ୍ତ ସାହୁ, ସଦସ୍ୟ ପଞ୍ଚୁଲାଲ ନାଏକ, କ୍ଷେତ୍ରମୋହନ ସାହୁ, ଅନ୍ତର୍ଯ୍ୟାମୀ ପଧାନ, ଅଶୋକ ସାହୁ, ଈଶ୍ୱର ଭୁଏ, ସଦସ୍ୟା ପଦ୍ମିନୀ ପ୍ରଧାନ, ସୁଦେଷ୍ଣା ସାହୁ, ପଦ୍ମିନୀ ବାଗ, ମହିଳା ସ୍ୱଚ୍ଛୋସେବୀ ମାନସୀ ଷଣ୍ଢ, ସାବିତ୍ରୀ ଭୁଏ, ସବିତା ବାଗ, ସାବିତ୍ରୀ ବାଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଷ୍ଟମନ୍ୟୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି:** ବରପାଲି ମହାବିଦ୍ୟାଳୟ ପରିସରରେ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ଉତ୍ସବ ପରିଚାଳିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗ ଅଧ୍ୟାପକ ଅଶୋକ ପଧାନ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଧ୍ୟାପକ ଶୁଶୀଲ ଶତପଥୀ ଭଗବାନ ବିର୍ସା ମୁଣ୍ଡାଙ୍କ ସାହାସିକତା, ନିର୍ଭୀକତା ଏବଂ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସାମ୍ମାନିତ ଅତିଥି ଇଂରାଜୀ ବିଭାଗ ଅଧ୍ୟାପକ ଧିରୋଜ ତ୍ରିପାଠୀ ଉପସ୍ଥିତ ଥିଲେ। ଅଧ୍ୟାପକ ଅଲେଖ ମହାନନ୍ଦ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଓଡିଆ ବିଭାଗ ମୁଖ୍ୟ ଉତ୍ତର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫେସର ଅଶୋକ ଦାଶ, ନିରଞ୍ଜନ ଦାଶ, ଗଣେଶ ପ୍ରଶାଦ ମିଶ୍ର, ଅଧ୍ୟାପିକା ସିମାଞ୍ଜଳି ଦାଶ, ରଞ୍ଜିତା ମେହେର ପ୍ରମୁଖ ସହଯୋଗ କରିଥିଲେ।

# ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭେଡେନ, ୧୭।୧୧(ସମିସ)**



ଭେଡେନ ବ୍ଲକ କାର୍ଯ୍ୟାଳୟକୁ ଅଭିଯୋଗ ଶୁଣାଣି ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଆସୁଥିବା ସମୟରେ ବ୍ଲକ କାର୍ଯ୍ୟାଳୟ ନିକଟରେ ସଂଯୁକ୍ତ କୃଷକ ସଙ୍ଗଠନ ଭେଡେନ ଶାଖାର ଚାଷୀ ଆଜି ରାସ୍ତା ଅବରୋଧ କରଛନ୍ତି। ଫଳରେ ଜିଲ୍ଲାପାଳ ଗୋୟଲ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରଶାସନ ଚାଷୀଙ୍କୁ ସହାୟତା କରୁନଥିବା ଚାଷୀ ଅଭିଯୋଗ କରିଥିଲେ। ଚାଷୀ ଜିଲ୍ଲାପାଳଙ୍କୁ ୭ ଦଫା ଦାବିପତ୍ର ମଧ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିବା ସହ ପ୍ରଶାସନ ସବୁବେଳେ ଚାଷୀଙ୍କ ସହିତ ଅଛି ବୋଲି କହିଥିଲେ। ଧାନ ବିକ୍ରି ପଞ୍ଜୀକରଣରୁ ବାଦ ପଡ଼ିଥିବା ସମସ୍ତ ଚାଷୀଙ୍କ ଧାନକାର୍ଡ ପଞ୍ଜୀକରଣ କରାଯାଉ, କଟନୀ ଛଟଣୀ କରା ନ ଯାଉ, ଚାଷୀଙ୍କ କ୍ଷତିପୂରଣ ବୀମା ତୁରନ୍ତ ପ୍ରଦାନ କରାଯାଉ, ଲୋ ଭୋଲ୍ଟେଜ, ଅଘୋଷିତ ବିଦ୍ୟୁତ କାଟ, ସ୍ମାର୍ଟ ମିଟର ଏବଂ ଅହେତୁକ ବିଲ ସମସ୍ୟାର ସମାଧାନ ପାଇଁ ତୁରନ୍ତ ତ୍ରିପାକ୍ଷିକ ଆଲୋଚନା, ଡିସେମ୍ବର ୧୫ରୁ କେନାଲ ପାଣି ଛଡାଯାଉ, ଆସନ୍ତା ୧୯ରୁ ମାର୍କେଡ ୟାର୍ଡ ଖୋଲାଯାଉ ଆଦି ଦାବିନେଇ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ସମୟରେ ଚାଷୀ ନେତା ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ବୃନ୍ଦାବନ ସାହୁ, ସଦାନନ୍ଦ ଭୋଇ, ନବୀନ ପଧାନ, ଅଚ୍ୟୁତ ସାହୁ, ଅକ୍ଷୟ ସାହୁ, ଅର୍ଜୁନ ବଢ଼େଇ, ରାଧେଶ୍ୟାମ ସାହୁ, ଯାଦବ ସାହୁଙ୍କ ସମେତ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଧାନ କ୍ରୟ କେନ୍ଦ୍ର ପାଇଁ ସରକାରୀ ଜାଗା ଦେବାକୁ ଦାବି

**ଅତାବିରା, ୧୭।୧୧(ସମିସ):** ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ଟୋପ କ୍ରୟ କେନ୍ଦ୍ରରେ ନିଜସ୍ୱ ସ୍ଥାୟୀ ଜାଗା ନ ଥିବାରୁ ଧାନ ସଂଗ୍ରହ ବେଳେ ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନ ହାଇସ୍କୁଲ ପାଖରେ ଅସ୍ଥାୟୀ ଭାବେ ଧାନ କିଣାବିକା ହେଉଛି। ଲୋକଙ୍କ ଖଳା, ବ୍ୟକ୍ତିଗତ ଜାଗାରେ କ୍ରୟ କେନ୍ଦ୍ର ଚାଲୁଛି। କ୍ରୟ କେନ୍ଦ୍ର ପାଇଁ ଅତି କମରେ ୨ଏକର ଜମି ଦେବାକୁ ସୋମବାର ଟୋପ ଗ୍ରାମବାସୀ ତହସିଲଦାର କେରିଚିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନିଜସ୍ୱ ଜାଗା ନଥିବାରୁ ଖରା, ବର୍ଷା, ଶୀତରେ ଆରଏମସି କର୍ମଚାରୀ, ପାକ୍ସ କର୍ମଚାରୀଙ୍କ ଟେବୁଲ, ଲାପଟପ୍ ଆଦି ରଖିବାରେ ଅସୁବିଧା ହେଉଛି। ଧାନ ବସ୍ତା ଗୁଡ଼ିକ ଏଣେ ତେଣେ ପଡ଼ିରହୁଛି। ମଣ୍ଡିର ବିକାଶ, ଭିତ୍ତିଭୂମି ପାଇଁ ଆରଏମ୍‌ସିର ପର୍ଯ୍ୟାପ୍ତ ଅର୍ଥ ଥିବା ବେଳେ ନିଜସ୍ୱ ଜାଗା ନ ଥିବାରୁ ସରକାରୀ ଅର୍ଥ ବିନିଯୋଗ ହୋଇପାରୁ ନାହିଁ। ହାଇସ୍କୁଲ ସଂଲଗ୍ନ ରାସ୍ତା କଡ଼ରେ ବହୁ ସରକାରୀ ଜାଗା ଥିବା ବେଳେ ମଣ୍ଡି ପାଇଁ ଜାଗା ଦେଲେ ମାର୍କେଟ୍ ୟାର୍ଡର କର୍ମଚାରୀ, ପାକ୍ସ କର୍ମଚାରୀ, ଚାଷୀଙ୍କ ସ୍ଥାୟୀ ସମାଧାନ ହେବା ସହ ଟ୍ରାକ୍ଟର, ଟ୍ରକ ଗୁଡ଼ିକ ବ୍ୟବସ୍ଥିତ ଭାବେ ଯିବାଆସିବା କରି ପାରିବ ବୋଲି ଗ୍ରାମବାସୀ ଦାବି ଜଣାଇଥିଲେ। ତହସିଲଦାରଙ୍କ ସହ ଆଲୋଚନା ବେଳେ ସୁପଭାଇଜର ଋଷବ ସାହୁ, ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କର ସମେତ ଗାଁର ଦୁଃଖିଶ୍ୟାମ ପ୍ରଧାନ, ଓକିଲ ଭାତପାହାର, କ୍ଷୀରୋଦ୍ର ପ୍ରଧାନ, ମୁନ୍ନା ମେହେର, କୁଶ ସାହୁ, ସୁଶାନ୍ତ ଗର୍ତିଆ, ସୋନୁ ଭଟପାହାର, ପରମାନନ୍ଦ ସାହୁ, ବଲ୍ଲଭ ପ୍ରଧାନ, ବୁଲୁ ପ୍ରଧାନ, ଜପ ପ୍ରଧାନ, ଧିରେନ ପ୍ରଧାନ, ସୁବାଷ ଗଡ଼ତିଆ, ଭକ୍ତଚରଣ ମଲ୍ଲିକ, ବୃନ୍ଦାବନ ମେହେର, ଅଶୋକ ବାରିକ, ଜୟ ମହାପାତ୍ର, ସୁଶାନ୍ତ ପ୍ରଧାନ, ଗୁଣନିଧି ଗର୍ତିଆ, ଚକ୍ର ଭୁଏ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଗାମୀ ୨ ଦିନ ଭିତରେ ତହସିଲଦାର କ୍ଷେତ୍ର ପରିଦର୍ଶନ କରିଲା ପରେ ସରକାରୀ ନିୟମ ଭିତରେ ଜାଗା ଦେବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



# ଜମନକିରାରେ ଜାତୀୟ ପ୍ରେସ ଦିବସ

**ଜମନକିରା, ୧୭।୧୧ (ସମିସ):** ଜମନକିରା ବ୍ଲକ ସାମ୍ବାଦିକ ୟୁନିଅନ (ଓୟୁଜେ) ଅଫିସ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ଗଙ୍ଗାଧର ମେହେର ୟୁନିଭର୍ସିଟିର ଉପକୁଳ ସଚିବ ଡ଼ ଉମାଚରଣ ପତି, ସମ୍ମାନିତ ଅତିଥି ଭାବେ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ ଓ ବିଡିଓ ରବୀନ୍ଦ୍ର ସେଠୀ ଓ ଜିଲ୍ଲା ସାମ୍ବାଦିକ ୟୁନିଅନ୍ ସଭାପତି ପ୍ରଭାତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ‘ଡିଜିଟାଲ ଯୁଗରେ ଭାରତର ଚତୁର୍ଥ ସ୍ତମ୍ଭକୁ ବଜାୟ ରଖିବା’ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବ୍ଲକ ସାମ୍ବାଦିକ ୟୁନିଅନ ସଭାପତି କ୍ଷିତି ରଞ୍ଜନ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ ଯେଉଁ ଦେଶର ଗଣମାଧ୍ୟମ ଯେତେ ସୁଦୃଢ଼ ସେହି ଦେଶ ସବୁକ୍ଷେତ୍ରରେ ସେତିକି ଅଗ୍ରଣୀ। ବର୍ତ୍ତମାନ ପରିସ୍ଥିତିରେ ଡିଜିଟାଲ ଯୁଗ ସହ ତାଳ ଦେଇ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭର ବିକାଶ ଘଟିଲେ ଯାଇ ରାଷ୍ଟ୍ରର ବିକାଶ ସାଧିତ ହୋଇପାରିବ। ଜିଏମୟୁ ସମ୍ବଲପୁରର ଉପକୁଳସଚିବ ଶ୍ରୀ ପତି ଡିଜିଟାଲ ଯୁଗରେ ଗଣମାଧ୍ୟମର ସ୍ଥିତି ଏବଂ ଜନ ସାଧାରଣଙ୍କୁ ମିଳୁଥିବା ସତ୍ୟ ଆଧାରିତ ସୂଚନା ଏବଂ ଭୁଲ୍ ସୂଚନାର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ କହିଥିଲେ ଡିଜିଟାଲ ଯୁଗରେ ସହଜରେ ସବୁ କାମ ହୋଇପାରୁଛି କିନ୍ତୁ ଏଥିରେ ଝୁଣ୍ଟି ପଡ଼ିବାର ଆଶଙ୍କା ରହିଛି। ଏଣୁ ସତର୍କତାର ସହ କାର୍ଯ୍ୟ ସମ୍ପାଦନ କରିବା ଆବଶ୍ୟକ। ଗଣମାଧ୍ୟମରର ବିଶ୍ୱନୀୟତା ଆଜି ବି ବଜାୟ ରହିଛି। ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କ ଦାୟିତ୍ୱ ପୂର୍ବାପେକ୍ଷା ବୃଦ୍ଧି ପାଇଛି। ସାମ୍ବାଦିକ ନିରପେକ୍ଷ ହେବା ଉଚିତ ନୁହେଁ କିନ୍ତୁ ଦୁର୍ବଳ ସପକ୍ଷରେ ଠିଆ ହୋଇ ତାର ସ୍ୱରକୁ ଆହୁରି ଶାଣିତ କଲେ ବିଶ୍ୱାସଭାଜନ ହେବ। ଦିଲ୍ଲୀପ ବହିଦାର, ଚୁଡାମଣି ପଟେଲ, ସାଲେକରାମ ପଧାନ, ବିରେନ୍ଦ୍ର ପଟେଲ, ଆଦିପ୍ରସାଦ ମହାକୁଲ, ସୁନୀଲ ମୁଦୁଲି, ଧନେଶ୍ୱର ପଧାନ, ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଜୀ, ସ୍ନିଗ୍ଧା ପଟେଲ୍, କଞ୍ଚନ ଜୟପୁରିଆ, ନୃପଲାଲ ପଲେଇ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ପରେ ଶିକ୍ଷା କ୍ଷେତ୍ରରେ ଷଣ୍ଢପଥର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ତୀର୍ଥରାଜ ନାୟକଙ୍କୁ ଶିକ୍ଷକ ଗୌରବ ସମ୍ମାନ, ସ୍ୱାସ୍ଥ୍ୟ କ୍ଷେତ୍ରରେ ନାକଟିଦେଉଳ ବ୍ଲକ ବାଟଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ ଡାକ୍ତର ଦିବ୍ୟରଞ୍ଜନ ବେହେରାଙ୍କୁ ସ୍ୱାସ୍ଥ୍ୟ ସେବା ଗୌରବ ସମ୍ମାନ ଏବଂ ଫାଶୀମାଲ ଗାଁ ର ଚାଷୀ କେଦାରନାଥ ବରିହାଙ୍କୁ କୃଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାମ୍ବାଦିକ ସଞ୍ଜୟ ପଟେଲ ସମସ୍ତଙ୍କୁ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ରାଜେନ୍ଦ୍ର ନାୟକ, ଅମୂଲ୍ୟ ରଞ୍ଜନ ସ୍ୱାଇଁ, ସଚ୍ଚିକାନ୍ତ ସାହୁ, ସୁବାଷ ନାଥ ଶର୍ମା, ଅଶ୍ୱିନୀ ମହାକୁଲ ପ୍ରମୁଖ ସହଯୋଗ କରିଥିଲେ।



# ଏବିସିଡି ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ୧୭।୧୧ (ସମିସ) :** ଏବିସିଡି ଚାରିଟେବଲ୍ ଟ୍ରଷ୍ଟ, ସମ୍ବଲପୁର ଦ୍ୱାରା ‘ବାନ୍ଧ କଳା ଦିବସ ୨୦୨୫’ ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଆର୍‌ଜିଭିଏମ୍ ଶିକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ବସ୍ତ୍ର ପରମ୍ପରାର ପ୍ରବର୍ତ୍ତକ ଓ ସ୍ୱାଧୀନତା ସେନାନୀ ରାଧାଶ୍ୟାମ ମେହେରଙ୍କ ୧୧୭ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହି କଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତା ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା ଏବଂ ସମ୍ବଲପୁର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଶାଲୁ ଚାଣ୍ଡେଲ, ସମୀର ମହାରଣା, ଏଲ୍ ଏନ୍ ପୂଜାରୀ, ଏବିସିଡି ଚାରିଟେବଲ୍ ଟ୍ରଷ୍ଟ ଅଧ୍ୟକ୍ଷ ରାଜେନ୍ଦ୍ର ସତନାମୀ ଯୋଗ ଦେଇଥିଲେ। ଟ୍ରଷ୍ଟ ସଦସ୍ୟ ମୁକେଶ ମେହେର, ଆୟୁଷ ମେହେର, ପ୍ରଦୀପ ମେହେର, ଆୟୁଷୀ, ଆର୍ତ୍ତୀ ଏବଂ ଲୋକସେବା ସମ୍ବଲପୁର ଟିମ୍‌ର ଜ୍ୟୋତିରାଦିତ୍ୟ ସାହୁ, ରୋଶନ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ନିଜ ବୟସ ଅନୁଯାୟୀ ବିଭିନ୍ନ ବିଷୟ ଇଚ୍ଛାଧୀନ ଚିତ୍ର, ସମ୍ବଲପୁରୀ ରୁମାଲ ଡିଜାଇନ୍, ସମ୍ବଲପୁରୀ ଶାଢ଼ୀ ଡିଜାଇନ୍ ଓ ଶ୍ରୀ ରାଧାଶ୍ୟାମ ମେହେରଙ୍କ ପୋର୍ଟ୍ରେଟ୍ ଉପରେ ନିଜ କଳାକୌଶଳ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାର ବିଜେତାମାନଙ୍କୁ ଆସନ୍ତା ନଭେମ୍ବର ୨୦ ତାରିଖ ‘ବାନ୍ଧ କଳା ଦିବସ’ ଅବସରରେ ତପସ୍ୱିନୀ ହଲରେ ସମ୍ମାନିତ କରାଯିବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।




# ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା ସିଜନ୍ ୧୫: ରୋନକ୍ ମହାନ୍ତି ଚାମ୍ପିଅନ

**ସମ୍ବଲପୁର, ୧୭।୧୧ (ସମିସ) :** ରେଙ୍ଗାଲି ମ୍ୟୁଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ‘ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା’ ସିଜନ ୧୫ ଆୟୋଜିତ ହୋଇଯାଇଛି। ଏଥିରେ ବଲାଙ୍ଗୀରର ରୋନକ୍ ଚଳିତ ସିଜନ୍‌ର ବିଜେତା ହୋଇଛନ୍ତି।

ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ପବିତ୍ର କୁମାର ତ୍ରିପାଠୀ ପ୍ରତିଯୋଗିତାକୁ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବାବେଳେ ସମ୍ପାଦକ ଭାଗିରଥୀ ସିଂହଦେଓ ପ୍ରତିଯୋଗିତା ସମ୍ବନ୍ଧରେ ସୂଚନା ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ଫାଇନାଲ ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ହିଣ୍ଡାଲକୋ ଏଫ୍‌ଆର୍‌ପି ମାନବସମ୍ବଳ ମୁଖ୍ୟ ସମୀର ମହାନ୍ତି, ସମାଜସେବୀ ମାଧବ ଡାଲମିଆ, ଶ୍ୟାମ ବିଶ୍ୱାଳ, ଗୋରେଖଲାଲ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫୁଲ୍ଲ କୁମାର ମିତ୍ରଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଏମ୍‌ସିଏଲ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

ପ୍ରତିଯୋଗିତାରେ ବଲାଙ୍ଗିରର ରୋନକ ମହାନ୍ତି ବିଜେତା ହୋଇଥିବା ବେଳେ ଅଡିଏନ୍ସ ଚଏସ୍‌ରେ ଝାରସୁଗୁଡ଼ାର ଦେବସ୍ମିତା ଦାଶ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ତ୍ରିଲୋଚନ ତ୍ରିପାଠୀ, ସ୍ରିନୁ ଦାସ ଓ ସତ୍ୟନାରାୟଣ ତ୍ରିପାଠୀ ସଂଯୋଜନା ଏବଂ ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ଦୀପକ ମିଶ୍ର, ନିରଞ୍ଜନ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବାଗ ଓ ଉମେଶ ସହଯୋଗ କରିଥିଲେ। ସରୋଜ ମହାନ୍ତି ଶବ୍ଦ ଗ୍ରହଣ ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ବିଚାରକ ଭାବେ ଶଙ୍କର ପ୍ରଧାନ, ବେଦଶ୍ରୁତି ମହାପାତ୍ର ଓ ରଞ୍ଜନ ହୋତା ଦାୟିତ୍ୱ ନିର୍ବାହ କରିଥିଲେ। ସୂର୍ଯ୍ୟ, ପ୍ରଭଞ୍ଜନ ରାଜ, ବିଭୂତି ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୭୮ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୧୭।୧୧(ସମିସ):** ବରଗଡ଼ ରୋଟାରୀ ପବ୍ଲିକ ସ୍କୁଲ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ଦଶରଥ ଅଗ୍ରୱାଲ, ସଭାପତି ଗଙ୍ଗା ସାଗର ପତି, ସମ୍ପାଦକ ଆନନ୍ଦ ଭୂତାଡା, ସ୍କୁଲ ଚେୟାରମ୍ୟାନ ସୁରେଶ କେଜ୍ରିୱାଲ ନିମନ୍ତ୍ରିତ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ରୋଟାରୀ କ୍ଲବ୍ ଓ ସ୍କୁଲର ସମସ୍ତ ସଦସ୍ୟ ଓ କର୍ମଚାରୀଙ୍କ ସହଯୋଗ କ୍ରମେ ଶିବିରରୁ ସର୍ବମୋଟ ୩୪ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ସେହିପରି ବରଗଡ଼ ପ୍ରସିଦ୍ଧ ମିଠା ଦୋକାନ ପିପ୍ଲାନି ସ୍ୱିଟ୍ସର ମାଲିକ ଅର୍ଜୁନ ପିପ୍ଲାନୀଙ୍କ ଜନ୍ମଦିନ ଅବସରରେ ତାଙ୍କ ମିଠା କାରଖାନା ତେଲେନ ଟିକ୍ରା, ବରଗଡ଼ ଠାରେ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅର୍ଜୁନ ପିପ୍ଲାନି, ତାଙ୍କ ଧର୍ମ ପତ୍ନୀ, ତାଙ୍କ ଦୁଇ ପୁଅ ରୋହିତ ପିପ୍ଲାନୀ, ଗୌତମ ପିପ୍ଲାନୀ, ବନ୍ଧୁ ରାମ ନିବାସ ଅଗ୍ରୱାଲ ନିମନ୍ତ୍ରିତ ଅତିଥି ଭାବେ ଶିବିରକୁ ଶୁଭାରମ୍ଭ କରିଥିଲେ। ପିପ୍ଲାନି ସ୍ୱିଟ୍ସରେ କାମ କରୁଥିବା କର୍ମଚାରୀଙ୍କ ସହଯୋଗରେ ଶିବିରରୁ ସର୍ବମୋଟ ୪୪ ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଆଶିଷ କିରଣ ମହାପାତ୍ର ଶିବିରର ପରିଚାଳନା କରିଥିଲେ। ରୋଟାରୀ ପବ୍ଲିକ ସ୍କୁଲ ଓ ପିପ୍ଲାନି ସ୍ୱାଟ୍ସକୁ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ଶିବିରରୁ ସର୍ବମୋଟ ୭୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ ଦିବସ



**ରେଢ଼ାଖୋଲ, ୧୭।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରେସ କ୍ଲବ୍‌ରେ ରବିବାର ଦିନ ଓଡ଼ିଆ ସାମ୍ବାଦିକ ୟୁନିଅନ୍ (ଓୟୁଜେ) ରେଢ଼ାଖୋଲ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଓୟୁଜେ ରେଢ଼ାଖୋଲ ଶାଖା ସଭାପତି ପ୍ରସନ୍ନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ସମେତ ଅନ୍ୟ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାରେ ଗଣମାଧ୍ୟମ ଓ ଡିଜିଟାଲ ଗଣମାଧ୍ୟମ ଶୀର୍ଷକ ପ୍ରସଙ୍ଗ ଉପରେ ସାମ୍ବାଦିକମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ପ୍ରେସ କ୍ଲବ୍ ପକ୍ଷରୁ ସଂଘର ସଭାପତି ରମାକାନ୍ତ ମହାନନ୍ଦଙ୍କ ସଭାପତିତ୍ୱରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଥିଲା। ଏଥିରେ ସଂଘର ସମ୍ପାଦକ ତପନ କୁମାର ବିଶ୍ୱାଳ ବିବରଣୀ ପାଠ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଉପଖଣ୍ଡସ୍ତରରେ ସାମ୍ବାଦିକମାନଙ୍କ ଖବର ପ୍ରସାରଣ ଜାତୀୟ ପ୍ରେସ ଦିବସର ମହତ୍ତ୍ୱ ସମ୍ପର୍କରେ ବରିଷ୍ଠ ସାମ୍ବାଦିକମାନେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ଜୟନ୍ତ ଖଡିରତ୍ନ, ଶଙ୍କର ପୃଷ୍ଟି, ସୁଶାନ୍ତ ନାଗ, ଯଶୋବନ୍ତ ନାରାୟଣ ସାହୁ, ରଶ୍ମି ରଞ୍ଜନ ଖଡ଼ିରତ୍ନ, ଅନିଲ ପୃଷ୍ଟି, ସୁଧୀର ସୁନା, ଗଜାନନ ଭେଶରା, ମଦନ ବେହେରା ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ରେଢ଼ାଖୋଲ ଓୟୁଜେ ସମ୍ପାଦକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆଙ୍କ ସ୍ମୃତିରେ ଶୌର୍ଯ୍ୟ ଦିବସ


**ଯୁଯୋମୁରା/ସମ୍ବଲପୁର, ୧୭।୧୧ (ସମିସ)**



ସହିଦ ମଧୁ ଗଡ଼ତିଆ ସ୍ମୃତି କମିଟି ଏବଂ ଗଣ୍ଡ ସମାଜ ତରଫରୁ ମିଳିତ ଭାବେ ଶୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ କଲେଜ ପରିସରରେ ଛାତ୍ରଛାତ୍ରୀ, ସହିଦ ମଧୁ ଗଡ଼ତିଆ ସ୍ମୃତି କମିଟି ସଦସ୍ୟ, ଗଣ୍ଡ ସମାଜର ସଦସ୍ୟ ଏବଂ ସାଧାରଣ ଜନତାଙ୍କୁ ନେଇ ସହିଦ ମଧୁ ଗଡ଼ତିଆଙ୍କ ସ୍ମୃତିସ୍ତମ୍ଭ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଶାଳ ଶୋଭାଯାତ୍ରା ବାହାରି ସ୍ଥାନୀୟ ମଧୁ ଗଡ଼ତିଆ ଗ୍ରାମୀଣ ଉଦ୍ୟାନ ପର୍ଯ୍ୟନ୍ତ ଯାଇ ସେଠାରେ ଥିବା ସହିଦ ମଧୁ ଗଡ଼ତିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରେ ସ୍ଥାନୀୟ ପ୍ରଶାସନରୁ ପିଡି ଡିଆରଡିଏ ପ୍ରସନ୍ନ ପାତ୍ର, ଏସଡିପିଓ ପ୍ରଶାନ୍ତ ମେହେର, ବିଡିଓ ରାଜେଶ ଏକ୍କା, ତହସିଲଦାର ପ୍ରଭାସ ବୁଡ଼େକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ନାଏକ, ସରପଞ୍ଚ ବାସନ୍ତୀ ପ୍ରଧାନ, ସମିତି ସଭ୍ୟ ଜୟନ୍ତ ପ୍ରଧାନ, ସ୍ଥାନୀୟ ଜମିଦାର ଭୂପିନ୍ଦର ସିଂହ, ଗଡ଼ଲୋଇସିଂହ ଜମିଦାର ପ୍ରଶାନ୍ତ ସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, ସ୍ମୃତି କମିଟି ସଭାପତି କଲ୍ୟାଣ ପ୍ରଧାନ, ସମ୍ପାଦକ ରଜନୀକାନ୍ତ ପାଣିଗ୍ରାହୀ, ଗଣ୍ଡ ସମାଜ ସଦସ୍ୟ ପ୍ରଫୁଲ ସିଂହ, ଅବଦୁଲ୍ଲା ମାଝୀ, ଶିକ୍ଷାବିତ ତଥା କମିଟି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ବନମାଳୀ ମିଶ୍ର, କଲେଜ ଅଧ୍ୟକ୍ଷ ବିଜୟ ପ୍ରଧାନ, ଯୁଯୋମୁରା ଥାନାଧିକାରୀ ସଞ୍ଜୟ ରାଉତ, ଲୁଲୁ ନାଏକ, ନୃସିଂହ ଦେହୁରୀ, ଝସକେତନ ଭୋଇ, ଅବନୀ କୁମୁରା ପ୍ରମୁଖ ମାଲ୍ୟାର୍ପଣ କରି ସହିଦ ମଧୁ ଗଡ଼ତିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ଥାନୀୟ କଲେଜ ପ୍ରେକ୍ଷାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦିବ୍ୟ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭାରେ ଅତିଥିମାନେ ଅଞ୍ଚଳବାସୀ, ଛାତ୍ରଛାତ୍ରୀ ତଥା ସମଗ୍ର ଦେଶବାସୀ ସ୍ଥାନୀୟ ସହିଦ ମଧୁ ଗଡ଼ତିଆଙ୍କ ଇତିହାସ ବାବଦରେ ଅବଗତ ହୋଇପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବାପାଇଁ ଅନୁରୋଧ କରିଥିଲେ। ସ୍ଥାନୀୟ ହକି ଷ୍ଟାଡିୟମ ଓ ଗ୍ରାମୀଣ ପାର୍କକୁ ସହିଦ ମଧୁ ଗଡ଼ତିଆଙ୍କ ନାମରେ ନାମିତ କରିବାକୁ ଓ ଆଗାମୀ ଦିନରେ ମଧୁ ଗଡ଼ତିଆ ସ୍ମୃତି ସମିତି ଓ ସ୍ଥାନୀୟ କଲେଜ ତଥା ଗଣ୍ଡ ସମାଜ ମିଳିତ ଭାବେ ଶୌର୍ଯ୍ୟ ଦିବସ ପାଳନ କରିବା ପାଇଁ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡାଙ୍କ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ କରାଗଲା। ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଇପ୍ସିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶୁଶୀଲ ଶତପଥୀ ଓ କଲେଜର ସହକର୍ମୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସମ୍ପାଦକୀୟ



ପ୍ରକୃତି-ମଣିଷ ମଧ୍ୟରେ ନୈସର୍ଗିକ ସମ୍ପର୍କର ପୁନଃପ୍ରତିଷ୍ଠା ଦ୍ୱାରା ବିଶ୍ୱର ପ୍ରମୁଖ ସମସ୍ୟାର ସମାଧାନ ସମ୍ଭବ।
-ସୁନ୍ଦରଲାଲ୍ ବହୁଗୁଣା

ସକାଳ THE SAKALA

## ସମବାୟକୁ ସୁଯୋଗ

ଇଣ୍ଟରନେଟ୍‌ରେ କାରବାର ବା ବ୍ୟବସାୟ ଉପରେ ନିର୍ଭରଶୀଳତା ଦିନକୁ ଦିନ ବୃଦ୍ଧି ପାଉଛି। ପାରମ୍ପରିକ ବଜାର ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଛି। ଆମାଜନ ଓ ଫ୍ଲିପକାର୍ଟ ଭଳି କମ୍ପାନୀର ପ୍ରାଧାନ୍ୟ କବଳରୁ ଆମଦେଶର ଆଭ୍ୟନ୍ତରୀଣ ବଜାରକୁ ସୁରକ୍ଷା ଦେବା ସକାଶେ ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଓଏନଡିସି ନାମରେ ଡିଜିଟାଲ ମାର୍କେଟିଂ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ତାହା ଆଶାନୁରୂପ ଅଗ୍ରଗତି ଲାଭ କରିପାରିନାହିଁ। ତେଣୁ ସମବାୟ ଭିତ୍ତିରେ ପ୍ରସ୍ତୁତ ସାମଗ୍ରୀର ବିପଣନ ଓ ବଜାର ସୃଷ୍ଟି କରିବାରେ ଓଏନଡିସି ସହାୟତାର ହାତ ବଢ଼ାଇବ। ସମବାୟ ମନ୍ତ୍ରାଳୟ ସହ ଏନେଇ ଆରମ୍ଭ ହୋଇଥିବା କଥାବାର୍ତ୍ତା ବେଶ ଅଗ୍ରଗତି ଲାଭ କରିଥିବାରୁ ଗ୍ରାମୀଣ ସ୍ତରରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବା କାରିଗର ଓ ହସ୍ତଶିଳ୍ପୀ ଏକ ବୃହତ୍ତର ବଜାର ମାଧ୍ୟମରେ ସ୍ୱାଭାବିକ ଭାବେ ଲାଭବାନ ହେବେ ବୋଲି ଆମେ ଆଶା କରିବା। ବିଭିନ୍ନ ସମବାୟ ଗୋଷ୍ଠୀର ବିକ୍ରି ଖରିଦ ବ୍ୟବସ୍ଥା ଓଏନଡିସିର ତାଲିକାଭୁକ୍ତ ହେବାକୁ ପଡ଼ିବ। ଆର୍ଥିକ ଦୃଷ୍ଟିରୁ ଦୁରବସ୍ଥାରେ ଥିବା ଦୁଇ ସଂଗଠନ ଏବେ ହାତ ମିଳାଇ ସମୃଦ୍ଧି ଓ ସମ୍ଭାବନାର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ମିଳିତ ପ୍ରୟାସ ଆମାଜନ ଓ ଫ୍ଲିପକାର୍ଟ ସଂସ୍ଥାର କେତେଦୂର ସମକକ୍ଷ ହୋଇପାରିବେ ତାହା ବଡ଼ ପ୍ରଶ୍ନ।

ସରକାରଙ୍କ ପ୍ରୋତ୍ସାହନ ସତ୍ତ୍ୱେ ଓଏନଡିସି ଉପଭୋକ୍ତା ବା ଖରିଦାରଙ୍କ ବିଶ୍ୱାସଭାଜନ ହୋଇପାରି ନଥିଲା। ଏବେ ସମବାୟ ସମିତି ମାଧ୍ୟମରେ ଉତ୍ପାଦିତ ସାମଗ୍ରୀ ପାଇଁ ବଜାରର ଆସ୍ଥାଭାଜନ ହେବା ଓଏନଡିସି ପାଇଁ ଏକ ସୁଯୋଗ। କାରଣ ଆମାଜନ ଓ ଫ୍ଲିପକାର୍ଟ ଭଳି ସଂସ୍ଥା ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏହି ଉତ୍ପାଦନ କ୍ଷେତ୍ର ପ୍ରତି ଯଥୋଚିତ ଗୁରୁତ୍ୱ ଦେଇପାରିନାହାନ୍ତି। ଉପଭୋକ୍ତା ବଜାରରେ ସେସବୁର ଚାହିଦା ଏବେ ମଧ୍ୟ ରହିଛି। ଅନ୍ୟ ଏକ ଦିଗ ହେଉଛି ରିଜର୍ଭବ୍ୟାଙ୍କ ସମବାୟ ବ୍ୟାଙ୍କର ଅଂଶଧନ ପୁଞ୍ଜିବଜାରରେ ବିନିଯୋଗ ବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବାର ସୂଚନା ଦେଇଛନ୍ତି। ଏଥିଲାଗି ପ୍ରସ୍ତୁତ ଚିଠା ନୀତି ଓ ନିୟମ ପ୍ରସ୍ତୁତ କରିଛନ୍ତି। ଏହା ଚଳିତ ଆର୍ଥିକ ବର୍ଷର ଶେଷଭାଗରେ ଚୂଡ଼ାନ୍ତ ରୂପ ନେବ। ଏଥିମଧ୍ୟରେ ବିଭିନ୍ନ ସମବାୟ ବ୍ୟାଙ୍କ ଓ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ଶୀର୍ଷ ସଂଗଠନ ଏନୟୁସିଏଫଡିସ ପକ୍ଷରୁ ରିଜର୍ଭବ୍ୟାଙ୍କର ଏହି ପ୍ରସ୍ତାବ ସଂପର୍କରେ ଅନୁକୂଳ ମତାମତ ମିଳିଛି। ଏହା ବ୍ୟାଙ୍କର ପୁଞ୍ଜି ଅଭିବୃଦ୍ଧି ଏବଂ ଅନାଦେୟ ପୁଞ୍ଜି ସମସ୍ୟା ସମାଧାନରେ ସହାୟକ ହେବ। ଏମିତିରେ ଦେଖିବାକୁ ଗଲେ ସମବାୟ ବ୍ୟାଙ୍କଗୁଡ଼ିକୁ ସଦସ୍ୟଙ୍କ ଅନୁଦାନ ଓ ଜମାରାଶି ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥଳ ବିଶେଷରେ ଏବିଏଫଂସି କିମ୍ବା ଅନ୍ୟବ୍ୟାଙ୍କରୁ ଋଣ କରିବାର ବାଧ୍ୟବାଧକତା ରହିଛି। ତେବେ କମ୍ପାନୀ ଆଇନ କିମ୍ବା ସେବିର ପରିସରଭୁକ୍ତ ହୋଇନଥିବାରୁ ଏକ୍ଷେତ୍ରରେ ଥିବା ପ୍ରତିବନ୍ଧକ କିପରି ଦୂର ହୋଇପାରିବ ସେନେଇ ଚିଠା ପ୍ରସ୍ତାବରେ ବ୍ୟବସ୍ଥା ରହିଛି। ଏଥିମଧ୍ୟରେ ଏନୟୁସିଏଫ୍‌ଡିସି ନିଜସ୍ୱ ନିୟାମକ ସଂଗଠନ ଯୋଗ୍ୟତା ହାସଲ କରିବାକୁ ଯାଉଥିବାରୁ ତଥାକଥିତ ପ୍ରତିବନ୍ଧକ ଦୂର ହେବ ବୋଲି ଆଶାକରୁ। ସମବାୟ ସଂସ୍ଥାର ଦୁର୍ନୀତି ଓ ଦୁର୍ନାମ ସର୍ବଜନବିଦିତ। ତେବେ ସଂସ୍ଥାକୁ ଆଗାମୀ ଦିନରେ ସକ୍ଷମ ଓ ସମୃଦ୍ଧ କରିବା ପାଇଁ ହେଉଥିବା ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ। ●

## ବାଲିଯାତ୍ରା ବ୍ୟବଚ୍ଛେଦ

ଐତିହ୍ୟ ପରମ୍ପରା ଓ ପ୍ରସିଦ୍ଧି ଦୃଷ୍ଟିରୁ କଟକ ବାଲିଯାତ୍ରା ଅନନ୍ୟ। ଏହି ଉତ୍ସବର ଆୟୋଜନ, ପ୍ରାୟୋଜନ ଓ ପରିଚାଳନା ମୁଖ୍ୟତଃ ସିଏମସି ତୁଲାଇ ଆସିଛି। ପ୍ରଥମଥର ସକାଶେ ସିଏମସିକୁ ବାଦ ଦେଇ ଜିଲ୍ଲା ପ୍ରଶାସନ ହିଁ ସର୍ବେସର୍ବା ହୋଇଛି। ଏଠାରେ ଆମେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉତ୍ଥାପନ କରିବାକୁ ଚାହୁଁ। ଆରମ୍ଭରୁ ବାଲିଯାତ୍ରା ଉପରପଡ଼ିଆରେ ସୀମିତ ଥିଲା। ଗଡ଼ଗଡ଼େଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ହିଁ ଯାତ୍ରା ସକାଶେ ଉତ୍ସବ ମୁଖର ହୋଇପଡ଼େ। ସମୟକ୍ରମେ ମହାନଦୀ ସଂକୁଚିତ ହେବା ସହ କୂଳ ଦୂରକୁ ଘୁଞ୍ଚିଯିବାରୁ ସୃଷ୍ଟି ହୋଇଥିବା ନୂଆ ବାଲୁକା ପଠାକୁ ସଂପ୍ରସାରିତ ହୋଇଥିଲା ବାଲିଯାତ୍ରା। କିନ୍ତୁ ଏହା ଅର୍ଥ ନୁହେଁ ଉପର ପଡ଼ିଆ ଗୁରୁତ୍ୱ ହରାଇଛି। ଜିଲ୍ଲା ପ୍ରଶାସନ ଓ ସିଏମସି ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା ଉପର ପଡ଼ିଆକୁ ନେଇ। ସମସ୍ତଙ୍କ ଦାବିକୁ ଏଡ଼ାଇ ଯାଇ ଜିଲ୍ଲାପ୍ରଶାସନ ଉପର ପଡ଼ିଆକୁ ବାଲିଯାତ୍ରାକୁ ଏକପ୍ରକାର ବାଦ ଦେଲେ। ଏହି ପ୍ରତିବାଦ ଓ ପ୍ରତିରୋଧ ଜିଲ୍ଲା ପ୍ରଶାସନ ପାଇଁ ଅସହଣୀୟ ହୋଇଗଲା ଏବଂ ଉଦ୍ଦେଶ୍ୟମୂଳକ ଭାବେ କେବଳ ସିଏମସିକୁ ନୁହେଁ ସହରର ପ୍ରଥମ ନାଗରିକ ମେୟରଙ୍କୁ ଅଣଦେଖା ଓ ଅସମ୍ମାନ କରାଗଲା। ଏପରିକି ଉଦ୍‌ଯାପନ ଉତ୍ସବ ନିମନ୍ତ୍ରଣପତ୍ରରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଲା ନାହିଁ। ଲୋକପ୍ରତିନିଧି ଯେଉଁ ଦଳର ହୁଅନ୍ତୁ ନା କାହିଁକି ତାଙ୍କୁ ପ୍ରଶାସନ ଅମର୍ଯ୍ୟାଦା ବା ଅସମ୍ମାନ କରିପାରିବ ନାହିଁ।

ବାଲିଯାତ୍ରାର ବ୍ୟବଚ୍ଛେଦ କଲାବେଳେ ମେୟର ଓ ପୁଲିସି ଡିଜିଙ୍କ ପ୍ରତିକ୍ରିୟା ସ୍ୱତନ୍ତ୍ର ଉଲ୍ଲେଖ ଦାବି କରେ। ୨୦୨୪ ମସିହାରୁ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନକୁ ବିରୋଧ କରି ଆସିଥିବା ଜିଲ୍ଲାପାଳ ଏଥର ସମସ୍ତ ଦାୟିତ୍ୱ ହାତକୁ ନେଇ ତାଙ୍କ ଉଦ୍ଦେଶ୍ୟକୁ ସାକାର କରିଛନ୍ତି। ସହରର ଛୋଟମୋଟ ବେପାରୀଙ୍କ ପେଟକୁ ନାତ ମାରିଛନ୍ତି। କଟକରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ପୁଲିସ ଡିଜି ୱାଇ. ଭି.ଖୁରାନିଆ କହିଛନ୍ତି ଯେ ପର୍ବପର୍ବାଣି ଓ ଯାତ୍ରା ସମୟରେ ମେଗାଷ୍ଟାରମାନଙ୍କୁ ଡାକିବା କଥା କି ନୁହେଁ ସେ ସଂପର୍କରେ ଆୟୋଜକମାନେ ବହୁ ଭାବିଛନ୍ତି ବିଚାର କରିବାର ଅଛି। ବାଲିଯାତ୍ରା ଉତ୍ସବର ପରିବର୍ଦ୍ଧିତ ଦିବସରେ ଦେଶର ସବୁଠାରୁ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେଣୁ ଅନିୟନ୍ତ୍ରିତ ଓ ଅସମ୍ଭାଳ ଭିଡ଼କୁ ସମ୍ଭାଳିବା ସକାଶେ ପୁଲିସ ନାକେଦମ ହୋଇଯାଇଥିଲା। ଶୃଙ୍ଖଳାରକ୍ଷା ସକାଶେ ପୁଲିସକୁ ମଧ୍ୟ କିଛି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ବହୁ ଯାତ୍ରୀ ଆହତ ଓ ଚେତାଶୂନ୍ୟ ହୋଇପଡ଼ିଥିଲେ। ଜିଲ୍ଲା ପ୍ରଶାସନର ମନମାନି ଯୋଗୁଁ ନିୟନ୍ତ୍ରଣ ପାଇଥିବା ବହୁ ସମ୍ମାନିତ ବ୍ୟକ୍ତି ଆସନ ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ଓ ଘୋଷିତ ନାଟକ ପ୍ରଦର୍ଶନକୁ ମଧ୍ୟ ସୁଯୋଗ ମିଳିନଥିଲା। ସଫେଇ ପାଇଁ ୩୫ ଲକ୍ଷ ଟଙ୍କାରେ ଟେଣ୍ଡର ପାଇଥିବା ସଂସ୍ଥାର ଖାମଖିଆଲି ଯୋଗୁଁ ପଡ଼ିଆର ସବୁସ୍ଥାନରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା। ଏସବୁ ଅବ୍ୟବସ୍ଥା ପାଇଁ ଆମେ କାହାକୁ ଦାୟୀ କରିବା! ଆମକୁ ପୁଣି ଥରେ କହିବାକୁ ପଡୁଛି ସରକାର ବା କ୍ଷମତା ବଦଳିପାରେ। କିନ୍ତୁ ବ୍ୟବସ୍ଥା ଅତୁଟ ରହିବା ଉଚିତ। ●

# କୃଷିକ୍ଷେତ୍ରରେ ଜୀବନାଶକ: ଏକ ଅନାହୂତ ଆବଶ୍ୟକତା

**ବିଦ୍ୟାଧର ମହାରଣା**

କୃଷି ପରିସଂସ୍ଥାରେ ଫସଲ ସହିତ ଅନିଷ୍ଟକ ଜୀବ ଓ ଉପକାରୀ ଜୀବ ସନ୍ତୁଳିତ ଅବସ୍ଥାରେ ରହନ୍ତି। ଆମେ ଯେତେବେଳେ ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର ବ୍ୟବହାର କରୁ ସେତେବେଳେ କୃଷି ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଇ ଫସଲରେ ଅଧିକ ଅନିଷ୍ଟକାରୀ ଜୀବ (ଘାସ, କୀଟ, କବକ, ବ୍ୟାକ୍ଟେରିଆ, ଭୂତାଣୁ) ଦେଖାଯାଆନ୍ତି। ସେମାନଙ୍କୁ ଦମନ କରିବାକୁ ଚାଷୀ ଅଧିକ ରାସାୟନିକ ବିଷ ପ୍ରୟୋଗ କରିବା ଫଳରେ ଅଧିକ ଖର୍ଚ୍ଚାନ୍ତ ହୁଏ ଏବଂ ପରିବେଶ ପ୍ରଦୂଷିତ ହୋଇ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରେ।

ସବୁଜବିପ୍ଳବ ପରେ ଏପରି ରାସାୟନିକ ବିଷଗୁଡ଼ିକର ବ୍ୟବହାର ଏକ ଅନାହୂତ ଆବଶ୍ୟକତା ହୋଇପଡ଼ିଛି। ଭାରତରେ 'କୀଟନାଶକ ଆଇନ୍ ୧୯୬୮' ଏବଂ 'କୀଟନାଶକ ନିୟମ ୧୯୭୩' ଏବେ ବି ପ୍ରଚଳିତ। ଏହାର ଉଦ୍ଦେଶ୍ୟ ଥିଲା ଫସଲରେ ଅନିଷ୍ଟକାରୀ ଜୀବ ନିୟନ୍ତ୍ରଣ ପାଇଁ ନିରାପଦ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରୟ ମାଧ୍ୟମରେ ଉପଯୁକ୍ତ ମାନର କୀଟନାଶକ ଓ ରୋଗନାଶକ ଉଚିତ ମୂଲ୍ୟରେ ପଞ୍ଜୀକୃତ ବିକ୍ରେତାଙ୍କ ଦ୍ୱାରା ଚାଷୀଙ୍କୁ ଯୋଗାଇଦେବା। ଯୁଗ୍ମସଂସଦୀୟ କମିଟି ୪୬ ରିପୋର୍ଟ-୨୦୨୩ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୫୦, ୦୦୦ କୋଟି ଟଙ୍କାର ଅନିଷ୍ଟକାରୀ ଜୀବନାଶକ କାରବାର ହୁଏ, ଯାହାମଧ୍ୟରୁ ତୃଣନାଶକ ୪୪%, କବକ ନାଶକ ୨୭%, କୀଟନାଶକ ୨୨% ଓ ଅନ୍ୟାନ୍ୟ ୭%। ସାରାବିଶ୍ୱରେ ବର୍ଷକୁ ପ୍ରାୟ ୪, ୫୦, ୦୦୦ କୋଟି ଟଙ୍କାର ଏପରି ରାସାୟନିକ ବିଷ କାରବାର ହୁଏ। ବିଶ୍ୱରେ ବର୍ଷରେ ୪୧, ୨୨, ୦୦୦ ଟନ୍ ମଧ୍ୟରୁ ଚୀନ ସବୁଠାରୁ ଅଧିକ ୧୭, ୬୩, ୦୦୦ ଟନ୍ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରେ, ଯାହାକି ବିଶ୍ୱର ୪୩%। ଆମେରିକା ୧୦% ଓ ବ୍ରାଜିଲ ୯% ବ୍ୟବହାର କଲା ବେଳେ ଭାରତ ମାତ୍ର ୧% ବ୍ୟବହାର କରୁଛି। ଏହା ହେକ୍ଟର ପ୍ରତି ମାତ୍ର ୦.୫ କିଲୋଗ୍ରାମ। ଅନ୍ୟ କେତେକ ଦେଶ ହେକ୍ଟର ପ୍ରତି ୧୭ କିଲୋଗ୍ରାମ ପର୍ଯ୍ୟନ୍ତ କୀଟନାଶକ ବ୍ୟବହାର କରୁଛନ୍ତି। ସୁତରାଂ ଭାରତରେ ଅତିରିକ୍ତ କୀଟନାଶକ ବ୍ୟବହାର ହେଉଥିବା ଅଭିଯୋଗ ତଥ୍ୟ ଉପରେ ଆଧାରିତ ନୁହେଁ। ବରଂ ଯୁଗ୍ମ ସଂସଦୀୟ କମିଟି ଅଧିକ ଖାଦ୍ୟ ଉତ୍ପାଦନ ପାଇଁ ଜୀବନାଶକ ବ୍ୟବହାର ବୃଦ୍ଧି କରିବା ସହିତ ଅଧିକ ବିଷାକ୍ତ କୀଟନାଶକ ଧୀରେ ଧୀରେ ହ୍ରାସ କରି ଅଧିକ ଜୈବ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି।

ଏବେ କିନ୍ତୁ ଭାରତରେ ଜୈବ କୀଟନାଶକ ବିକ୍ରି ମୋଟ ଜୀବନାଶକ ବିକ୍ରିର ମାତ୍ର ୪.୨%। ଭାରତରେ ଜୀବନାଶକ କମ୍ପାନୀ ମଧ୍ୟରେ ୟୁ.ପି.ଏଲ୍ ଲିମିଟେଡ, କରମଣ୍ଡଳ, ପି.ଆଇ.ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ବାୟାର କ୍ରପ ସାଇନ୍ସ ଲିମିଟେଡ୍, ଧାନୁକା ଆଗ୍ରିଟେକ୍ ଓ ଏଫ.ଏମ.ସି କର୍ପୋରେସନ ଇତ୍ୟାଦି ପ୍ରଧାନ। ବିଦେଶୀ କମ୍ପାନୀ ହିସାବରେ ବାୟାର କ୍ରପ୍ ସାଇନ୍ସ, ବି.ଏ.ଏସ.ଏଫ, ସିନଜେଣ୍ଟା, କୋରଟେଭ ଆଗ୍ରି ସାଇନ୍ସ, ସୁମିଟୋମୋ କେମିକାଲସ ଇତ୍ୟାଦି ଭାରତରେ ଅଧିକ ସକ୍ରିୟ। କେବଳ ଦିଲ୍ଲୀରେ ୭୯ କୀଟନାଶକ ପ୍ରସ୍ତୁତକାରୀ ଅଛନ୍ତି। କିନ୍ତୁ କେତେକ କମ୍ପାନୀ ନକଲି କୀଟନାଶକ ବିକ୍ରୟ କରିବା ଯୋଗୁଁ ଫସଲରେ ରୋଗପୋକ ନିୟନ୍ତ୍ରିତ ହୋଇପାରୁନାହିଁ ଏବଂ ଏଥିଯୋଗୁଁ ଚାଷ ଅଧିକ କ୍ଷତିଗ୍ରସ୍ତ ହେଉଛି। ଋଣ ଶୁଝି ନପାରି କେତେକ କୃଷକ ଆତ୍ମହତ୍ୟା କରିବାର ଖବର ପ୍ରକାଶ ପାଉଛି। ମୋଟ ଜୀବନାଶକର ପ୍ରାୟ ୨୦-୩୦% ନକଲି ହେବାର ଜଣାଯାଉଛି, ଯାହାର ବଜାର ମୂଲ୍ୟ ୩୦୦୦-୩୫୦୦ କୋଟି ଟଙ୍କା ହୋଇପାରେ।

ନକଲି ଜୀବନାଶକ ବିକ୍ରି ହେବାର କାରଣଗୁଡ଼ିକ ହେଲା ଚାଷୀଙ୍କ ସଚେତନତା ଅଭାବ, ଯୋଗାଣ ଶୃଙ୍ଖଳା ଅବ୍ୟବସ୍ଥା, ନିୟମିତ ନମୁନା ପରୀକ୍ଷା ଅଭାବ, ପ୍ରସ୍ତୁତକାରୀ ଓ ଖୁଚୁରା ବ୍ୟବସାୟ ସ୍ଥାନରେ ଅପମିଶ୍ରଣ। ଏହାଯୋଗୁଁ ବର୍ଷକୁ ଦେଶରେ ୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ହାନି, ପରିବେଶ ପ୍ରଦୂଷଣ ଓ ଅର୍ଥନୈତିକ ପ୍ରଭାବ ଦେଖାଯାଏ। ନକଲି ଜୀବନାଶକ ନମୁନା ଯେତିକି ପରୀକ୍ଷା କରାଯାଉଛି, ତାହା କ୍ଷୁଦ୍ର ପ୍ରସ୍ତୁତକାରୀଙ୍କ ଠାରୁ ୨୪% ଓ ବଡ଼ କମ୍ପାନୀମାନଙ୍କରୁ ୧%। ଅପମିଶ୍ରିତ ଜୀବନାଶକ ଯୋଗୁଁ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟହାନି ମଧ୍ୟ ଘଟୁଛି। ଆଇନ୍ ଅନୁସାରେ ନିମ୍ନମାନର କୀଟନାଶକ ବିକ୍ରୟ କ୍ଷେତ୍ରରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଅଧିକ ବିପଦପୂର୍ଣ୍ଣ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ପାଞ୍ଚ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇପାରେ। ଏହି କାରଣରୁ ନକଲି କୀଟନାଶକ କିପରି ଜାଣିବେ ସେ ବିଷୟରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି।

ଆମ ଦେଶରେ ୨୯୩ ଜୀବନାଶକ ବ୍ୟବହାର ପାଇଁ ପଞ୍ଜୀକୃତ ହୋଇଛି। ଏଥିରୁ ବିପଦପୂର୍ଣ୍ଣ ଭାବେ ପରିଗଣିତ ୧୩୦ ଜୀବନାଶକ ବିଭିନ୍ନ ଦେଶରେ ଅସିଦ୍ଧ ଘୋଷିତ ହେଲାଣି। ଭାରତ ସରକାର ମଧ୍ୟ ୨୮ ଗୋଟିର ପ୍ରସ୍ତୁତି ଓ ବିକ୍ରୟ ପାଇଁ, ୪ଟିର ଆମଦାନୀ ଓ ପ୍ରସ୍ତୁତ ପାଇଁ ଏବଂ ଦୁଇଟିକୁ ରପ୍ତାନୀ କରିବା ପାଇଁ ଅସିଦ୍ଧ କରିଛନ୍ତି। ମନୋକ୍ରଟୋଫସ, କାର୍ବୋଫୁରାନ, ମେଥୋମିଲ, ଟ୍ରାଇଜାଫସ, ଡାଇକ୍ଲୋରୋଭସ, ଏଣ୍ଡୋସଲଫାନ, ଡି.ଡି.ଟି ଓ କ୍ଲୋରୋପାଇରିଫସ୍ କୀଟନାଶକ ସମ୍ପୂର୍ଣ୍ଣ ଅସିଦ୍ଧ ଘୋଷିତ ହୋଇଛି।

ଦିଲ୍ଲୀର ଟକସିକ୍ ଲିଙ୍କ ନାମକ ସଂସ୍ଥା ୨୦୨୩ ମସିହାରେ ମନୋକ୍ରଟୋଫସ, କାର୍ବୋଫୁରାନ, ପାରାକଟ୍, ଗ୍ଲାଇଫୋସେଟ୍, ମାଙ୍କୋଜେବ ଓ କାର୍ବେଣ୍ଡାଜିମ୍ ଜୀବନାଶକ ଉପରେ କରିଥିବା ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ୫୦ରୁ ୮୬% ଚାଷୀ କୀଟନାଶକ ବିକ୍ରେତାଙ୍କ ପରାମର୍ଶ ଅନୁସାରେ ଫସଲରେ ଜୀବନାଶକ ପ୍ରୟୋଗ କରନ୍ତି ବୋଲି ଜଣାପଡ଼ିଛି। ପଞ୍ଜାବର ୧୭% ଚାଷୀ ଅତି ବିଷାକ୍ତ କୀଟନାଶକ ସପକ୍ଷରେ ଅଛନ୍ତି। ଅଧିକାଂଶ ଚାଷୀ କୀଟନାଶକ ପ୍ରୟୋଗ ସମୟରେ କୌଣସି ସତର୍କତା ଅବଲମ୍ବନ କରନ୍ତି ନାହିଁ। ଏପରିକି ୫୯% ଚାଷୀ ଅନୁମୋଦିତ ମାତ୍ରାଠାରୁ ଅଧିକ କୀଟନାଶକ ପ୍ରୟୋଗ କରୁଛନ୍ତି। ବଜାରରେ ବିକ୍ରି ହେଉଥିବା କୀଟନାଶକଗୁଡ଼ିକ ଚାରିରଙ୍ଗର ଠିକିରି ଚିହ୍ନ ଦ୍ୱାରା ଚିହ୍ନିତ କରାଯାଏ। ସବୁଜ ରଙ୍ଗ ସାମାନ୍ୟ ବିଷ, ନୀଳ ରଙ୍ଗ ମଧ୍ୟମ, ହଳଦିଆ ରଙ୍ଗ ଅଧିକ ବିଷ ଓ ନାଲି ରଙ୍ଗ ତୀବ୍ର ବିଷ ଭାବେ ସୂଚୀତ କରେ। ଫସଲରେ ଏହି ବିଷ ପ୍ରୟୋଗ ପରେ ଅମଳ କରିବା ପୂର୍ବରୁ ସର୍ବନିମ୍ନ ନିରାପଦ ସମୟ ଅପେକ୍ଷା କରିବା ଆବଶ୍ୟକ। ଅତିକମରେ ସବୁଜ ପାଇଁ ୭ ଦିନ, ନୀଳ ପାଇଁ ଦୁଇ ସପ୍ତାହ, ହଳଦିଆ ପାଇଁ ୩ ସପ୍ତାହ ଓ ନାଲି ପାଇଁ ୪ ସପ୍ତାହ ହେବା ବିଧେୟ।

ନୋବେଲ ବିଜୟିନୀ ରାକେଲ କାର୍ସନ 'ନିରବ ବସନ୍ତ' ପୁସ୍ତକରେ କୀଟନାଶକକୁ ପ୍ରାଣୀନାଶକ କହିଛନ୍ତି ଏବଂ ସେ ଏହାର ସୁଦୂରପ୍ରସାରୀ ପ୍ରଭାବ ବର୍ଣ୍ଣନା କରିବା ଫଳରେ ଡି. ଡି. ଟି କୀଟନାଶକ ନିଷିଦ୍ଧ ହୋଇଥିଲା। ସେ ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ୧୯୬୨ ରେ ନୋବେଲ ପୁରସ୍କାର ପାଇଥିଲେ। ଏହାର କିଛିବର୍ଷ ପରେ ଏଚ୍. ଏଫ୍.ଭାନ ଏମଡେନ ଓ ଡେଭିଡ ବି. ପିକଲ 'ନିରବ ବସନ୍ତ ପରେ' ପୁସ୍ତକ ରଚନା କରି ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ବାହାର କଲେ। ଉଦ୍ଭିଦ ସୁସ୍ଥସବଳ ହେଲେ ରୋଗପୋକ ବିରୁଦ୍ଧରେ ଲଢ଼ିପାରିବେ। ଜଳ ଓ ଖାଦ୍ୟସାର ନିୟନ୍ତ୍ରଣ କଲେ ଫସଲ କ୍ଷେତ୍ରରେ ଉପକାରୀ କୀଟପତଙ୍ଗ ସହଜରେ ବଂଶବୃଦ୍ଧି କରି ପ୍ରାକୃତିକ ଉପାୟରେ ଅପକାରୀ କୀଟ ଓ ରୋଗକୁ ନିୟନ୍ତ୍ରଣ କରନ୍ତି। ଏହାଛଡ଼ା କର୍ଷଣ ନିୟନ୍ତ୍ରଣ ଓ ରୋଗପୋକ ସହନଶୀଳ ବିହନ ବ୍ୟବହାର କରିବା ଦ୍ୱାରା ରୋଗପୋକ ଆକ୍ରମଣ କମିଥାଏ। ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୌଶଳଗୁଡ଼ିକ ହେଲା ସହନଶୀଳ କିସମ ବ୍ୟବହାର, କର୍ଷଣ ନିୟନ୍ତ୍ରଣ, ଫସଲ ପର୍ଯ୍ୟାୟ ଅନୁସରଣ, ଭୌତିକ ଓ ଯାନ୍ତ୍ରିକ ନିୟନ୍ତ୍ରଣ, ଜୈବ ନିୟନ୍ତ୍ରଣ ସହିତ ଶେଷରେ ନିରାପଦ କୀଟନାଶକ ବ୍ୟବହାର।

ବିଶ୍ୱରେ ବର୍ଷକୁ ପ୍ରାୟ ୧୧୦୦୦ ଲୋକ ବିଷାକ୍ତ କୀଟନାଶକ ପ୍ରଭାବରେ ମୃତ୍ୟୁବରଣ କରନ୍ତି। ଭାରତରେ ଏହି ହାର ୬୦%। ଟକସିକ ଲିଙ୍କ ସର୍ବେକ୍ଷଣ ଅନୁସାରେ ଆମକୁ କେତେକ ସୁଚିନ୍ତିତ ରଣନୀତି ଗ୍ରହଣ କରିବାକୁ ହେବ। କୃଷି କ୍ଷେତ୍ରକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରି ଉପକାରୀ ଓ ଅପକାରୀ କୀଟ ସଂଖ୍ୟା ଅନୁସାରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ, କୀଟନାଶକ ବିଷ ପରିବର୍ତ୍ତେ ଜୈବ କୀଟନାଶକ ବ୍ୟବହାର, ଆବଶ୍ୟକ ସ୍ଥଳେ ଦୁଇଟି ନିରାପଦ କୀଟନାଶକ ମିଶ୍ରଣ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇପାରେ। ଜୈବିକ କୃଷି ପାଇଁ ସରକାର ଅଧିକ ଆର୍ଥିକ ଅନୁଦାନ, ପ୍ରଶିକ୍ଷଣ, ପ୍ରାମାଣିକରଣ ସହିତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ। ଜୈବିକ କୃଷିର ଅନୁପସ୍ଥିତିରେ ରୋଗପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। କୀଟନାଶକ ବିକ୍ରେତାମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ସହିତ କୀଟନାଶକ କେବଳ କୃଷିକର୍ମୀଙ୍କ ପରାମର୍ଶକ୍ରମେ ବିକ୍ରୟ ବ୍ୟବସ୍ଥା ବାଧ୍ୟତାମୂଳକ କରିବା ଜରୁରୀ। ରାଜ୍ୟର ଅଧିକୃତ ଅଧିକାରୀମାନେ ନିୟମିତ କୀଟନାଶକ ଦୋକାନ ପରିଦର୍ଶନ କରି ନମୁନା ସଂଗ୍ରହ କରିବା ଆବଶ୍ୟକ। ଏତଦବ୍ୟତୀତ ରାଜ୍ୟରେ ଅଧିକ ଜୈବନିୟନ୍ତ୍ରଣ ପ୍ରୟୋଗଶାଳା ସ୍ଥାପନା କରି ଏଥିରୁ ପ୍ରସ୍ତୁତ ଟ୍ରାଇକୋଗ୍ରାମା, ବାସିଲସ, ଏନ.ପି. ଭି, ଟ୍ରାଇକୋଡେର୍ମା ଇତ୍ୟାଦି ଜୈବ ନିୟନ୍ତ୍ରକ ଓ ଫେରୋମନ ଯନ୍ତା ଇତ୍ୟାଦି ସୁଲଭ ମୂଲ୍ୟରେ ଚାଷୀକୁ ଯୋଗାଇବା ଦାୟିତ୍ୱ ସରକାରଙ୍କର। ଫସଲରେ ଅନିଷ୍ଟକ ଜୀବନାଶକ ନିୟନ୍ତ୍ରଣ ପାଇଁ ସରକାର, କୃଷକ ଗୋଷ୍ଠୀ ଓ ଜୀବନାଶକ ବିକ୍ରେତାଙ୍କ ମିଳିତ ଦାୟିତ୍ୱ ରହିଛି। କୃଷକ-କ୍ଷେତ୍ରବିଦ୍ୟାଳୟ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା କରି କୃଷି ଅଧିକାରୀ କୃଷକଗୋଷ୍ଠୀଙ୍କୁ ସମନ୍ୱିତ ରୋଗପୋକ ପରିଚାଳନା ସମ୍ବନ୍ଧରେ ଧାରାବାହିକ ପ୍ରଶିକ୍ଷଣ ଦେବା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ମାଇକ୍ରୋ ଓ ନାନୋ ପ୍ଲାଷ୍ଟିକର ବିଷ

**ଡ. ବିଜୟକେତନ ପଟ୍ଟନାୟକ**

ଗାଁଗହଳିରେ କୁହାଯାଉଥିବା ରୁଢ଼ି 'ଛୋଟ ସାପର ବେଶୀ ବିଷ' ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କ୍ଷେତ୍ରରେ ପ୍ରଯୁଜ୍ୟ। ମାଇକ୍ରୋପ୍ଲାଷ୍ଟିକ ବା କ୍ଷୁଦ୍ର ପ୍ଲାଷ୍ଟିକ କଣିକା ଏବଂ ନାନୋ ପ୍ଲାଷ୍ଟିକ ବା ଅତିଶୟ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ସାଧାରଣ ପ୍ଲାଷ୍ଟିକ ତୁଳନାରେ ଯଥେଷ୍ଟ ମାରାତ୍ମକ। ସାଧାରଣ ପ୍ଲାଷ୍ଟିକ ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ସିଧାସଳଖ କ୍ଷତି ପହଞ୍ଚାଏ ନାହିଁ। ଅନ୍ୟପକ୍ଷରେ ମାଇକ୍ରୋପ୍ଲାଷ୍ଟିକ ବା ନାନୋ ପ୍ଲାଷ୍ଟିକ ମନୁଷ୍ୟ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ହାନିକାରକ। ଏବେ ମାଇକ୍ରୋପ୍ଲାଷ୍ଟିକ ହିମାଳୟର ଏଭରେଷ୍ଟ ଶୃଙ୍ଗଠାରୁ ଆରମ୍ଭ କରି ସମୁଦ୍ରର ଗଭୀର ଜଳରାଶିରେ, ଜଳ, ସ୍ଥଳ, ଆକାଶ ବାୟୁମଣ୍ଡଳ ସବୁଠି ବିଦ୍ୟମାନ। ସମୁଦ୍ର ପାଦଦେଶର ପ୍ରବାଳ ପ୍ରାଚୀରଠାରୁ ଆରମ୍ଭକରି ଆଣ୍ଟାରକଟିକାର ହିମଖଣ୍ଡ ବା ବରଫାବୃତ୍ତ ପରିବେଶରେ ମଧ୍ୟ ଏହା ଅନୁପ୍ରବେଶ କରିସାରିଛି।

ମିଳିତ ଜାତିସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ମୁତାବକ, ସଂପ୍ରତି ବିଶ୍ୱରେ ବର୍ଷକୁ ୪୩୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ଏହାର ଦୁଇ-ତୃତୀୟାଂଶ କେବଳ ସ୍ୱଳ୍ପ ସମୟ ନିମନ୍ତେ ବ୍ୟବହୃତ ହୋଇଥାଏ। ତନ୍ମଧ୍ୟରୁ ସିଂହଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ କେବଳ ମାତ୍ର ଥରେ ବ୍ୟବହାର କରି ଫିଙ୍ଗି ଦିଆଯାଏ। ଜୈବିକ ସ୍ତରରେ ପ୍ଲାଷ୍ଟିକର ବିଘଟନ ପାଇଁ ୫୦ ରୁ ୧୦୦୦ ବର୍ଷ ଲାଗିଯାଇପାରେ। ପତଳା ପ୍ଲାଷ୍ଟିକ ବ୍ୟାଗର ବିଘଟନ ପାଇଁ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗୁଥିଲା ବେଳେ ପ୍ଲାଷ୍ଟିକ ପାଣି ବୋତଲ ଏବଂ ନାଇଲନ ମାଛଧରା ଜାଲ ପାଇଁ ୫୦୦ ବର୍ଷ ଲାଗିଯାଇପାରେ। ତେବେ ପ୍ଲାଷ୍ଟିକର ପୂର୍ଣ୍ଣ ବିଲୁପ୍ତି ବା ବିଲୟ ହୋଇନଥାଏ। ବରଂ ଏହା ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୁଏ। ଏକ ଆକଳନରୁ ଜଣାପଡ଼ିଛି ବର୍ଷକୁ ପ୍ରାୟ ୧୦ ରୁ ୪୦ ନିୟୁତ ମାଇକ୍ରୋପ୍ଲାଷ୍ଟିକ ପରିବେଶରେ ସଂକ୍ରମିତ ହୋଇଥାଏ। ଏହି ଧାରା ଅବ୍ୟାହତ ରହିଲେ ୨୦୪୦ ମସିହା ବେଳକୁ ଏହାର ପରିମାଣ ଦ୍ୱିଗୁଣିତ ହୋଇଯାଇପାରେ।

୨୦୨୨ ମସିହାରେ ପ୍ରଥମ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା, ମିଳିତ ଜାତିସଂଘ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କେନିୟାରେ ଆରମ୍ଭ ହୋଇଥିଲା। ଆଇନଗତ ପ୍ରାବଧାନ ଜରିଆରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ନିମନ୍ତେ ସାରା ବିଶ୍ୱରେ ପ୍ରୟାସ ଆରମ୍ଭ ହେଲା। ସେତେବେଳେ ଏହି ଉଦ୍ୟମ ସାମୁଦ୍ରିକ ଓ ଜଳୀୟ ପରିସଂସ୍ଥାରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ପ୍ରତି ଅଭିପ୍ରେତ ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହାରେ କାନାଡ଼ାଠାରେ ଅନୁଷ୍ଠିତ ଅଧିବେଶନର ଲକ୍ଷ୍ୟ ଉଭୟ ଇଚ୍ଛାକୃତ ଭାବରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକର ଦୀର୍ଘକାଳୀନ ବିଘଟନ ଜୀବନଚକ୍ରରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ହ୍ରାସ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ଚଳିତ ବର୍ଷ ଅଗଷ୍ଟ ମାସରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା ମଧ୍ୟ ଲକ୍ଷ୍ୟ ହାସଲ ଦିଗରେ ବିଫଳ ହୋଇଥିଲା।

ଆମେ ପିଉଥିବା ଜଳ, ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର, ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀ, ଶ୍ୱାସରେ ଗ୍ରହଣ କରିଥିବା ବାୟୁ-ସର୍ବତ୍ର ବିଦ୍ୟମାନ ମାଇକ୍ରୋପ୍ଲାଷ୍ଟିକ। ଚାଷଜମିର ମାଟିରେ ଏବଂ ସେହି ମାଟିରୁ ଉତ୍ପାଦିତ ଫସଲ ଜରିଆରେ ଏବଂ ମାଇକ୍ରୋପ୍ଲାଷ୍ଟିକକୁ ଗିଳିଦେଇଥିବା ସାମୁଦ୍ରିକ ମାଛ ଭକ୍ଷଣ କରିବା ଦ୍ୱାରା, ଖାଦ୍ୟ ଶୃଙ୍ଖଳ ଦେଇ ପ୍ରବେଶ କରୁଛି ଆମ ଶରୀରରେ। ଆମେ ପିଉଥିବା ପାଇପ୍ ପାଣିରେ ମଧ୍ୟ ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କଣିକା ମହଜୁଦ୍ ଅଛି। ଶିଳ୍ପାୟନ, ନିର୍ମାଣ ସଂସ୍ଥା, ପରିବହନ ଧୂଳିକଣା, ଟାୟାର ଘର୍ଷଣ ଏବଂ ସିନ୍ଥେଟିକ ବସ୍ତ୍ର କାରଖାନାରୁ ଉତ୍ପନ୍ନ ମାଇପ୍ରୋପ୍ଲାଷ୍ଟିକ ବାୟୁମଣ୍ଡଳରେ ରହିଥାଏ। ଶ୍ୱାସକ୍ରିୟା ସମୟରେ ଆମେ ବାୟୁ ସହିତ ଏହି ମାଇକ୍ରୋପ୍ଲାଷ୍ଟିକକୁ ମଧ୍ୟ ଆହରଣ କରିଥାଉ। ଆମେ ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ମଧ୍ୟ ରହିଛି ମାଇକ୍ରୋ ପ୍ଲାଷ୍ଟିକ। ଆମେ ଜାଣୁ ବା ନଜାଣୁ ଇଚ୍ଛା କରୁ ନା ନ କରୁ ପ୍ରତି ମୂହୂର୍ତ୍ତରେ କିଛି କିଛି ପ୍ଲାଷ୍ଟିକ କ୍ଷୁଦ୍ର କଣିକା ଆମ ଶରୀରରେ ପ୍ରବେଶ କରୁଛି ଏବଂ ମସ୍ତିଷ୍କର କୋଷରେ ଓ ପୁନରୁତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ ଅଙ୍ଗ ପ୍ରତ୍ୟଙ୍ଗରେ ଆସ୍ଥାନ ଜମାଉଛି। କେବଳ ମସ୍ତିଷ୍କ ନୁହେଁ, ଫୁସଫୁସ, ବୃକ୍କ, ଜରାୟୁ ଓ ରକ୍ତରେ ମଧ୍ୟ ଏହି କଣିକାର ଛିଟା ଦେଖିବାକୁ ମଲୁଛି, ଯାହା ଫଳରେ ମନୁଷ୍ୟ ହୃଦ୍‌ରୋଗ ସହିତ ସ୍ନାୟୁରୋଗ ଓ ଶ୍ୱାସ ଜନିତ ନୂଆ ନୂଆ ରୋଗର ଶିକାର ହେଉଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ପ୍ରକାଶ କରିଥିବା ୨୦୧୪ ଇୟର ବୁକ୍ ରେ ସାରା ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଥିଲେ। ମାଇକ୍ରୋପ୍ଲାଷ୍ଟିକ ଏକ ମୁଣ୍ଡ ଟେକୁଥିବା ପ୍ରଦୂଷକ, ଯାହା ମାନବ ଜାତିର ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ୨୦୨୨ ମସିହାରେ 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' ଜଣାଇଥିଲେ ମାଇକ୍ରୋପ୍ଲାଷ୍ଟିକର ମନୁଷ୍ୟର ସ୍ୱାସ୍ଥ୍ୟପ୍ରତି ଥିବା ସଂକଟ ବିଷୟରେ ଆଶାନୁରୂପ ପ୍ରମାଣ ମିଳିନାହିଁ। ୨୦୨୪ ମସିହାରେ ପ୍ରଥମଥର ପାଇଁ ଆମେରିକାସ୍ଥିତ ନ୍ୟୁମେକ୍ସିକୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ପ୍ରମାଣିତ କଲେ, ମନୁଷ୍ୟର ମସ୍ତିଷ୍କରେ ଯଥେଷ୍ଟ ପରିମାଣରେ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ ଜମା ହୋଇସାରିଲାଣି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କୁହନ୍ତି, ମାଇକ୍ରୋପ୍ଲାଷ୍ଟିକ ମନୁଷ୍ୟ ଶରୀରର ଉତ୍ପାଦକ ଅଂଗ, ପାକସ୍ଥଳୀ ଓ ଶ୍ୱାସନଳୀକୁ ପ୍ରଭାବିତ କରିପାରେ ଏବଂ ସମୟକ୍ରମେ ମନୁଷ୍ୟ ଶରୀରର ବିଭିନ୍ନ କୋଷରେ ଅନୁପ୍ରବେଶ କରୁଥିବାରୁ କୋଲୋନ୍ ଓ ଫୁସ୍‌ଫୁସ୍ କ୍ୟାନସର ସହିତ ଏହା ସଂପୃକ୍ତି ଥାଇପାରେ। ●

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପୁରୁଷତ୍ୱ ଉପରେ ପୋଷାକର ପ୍ରଭାବ

**ଶ୍ରୀନନ**

ବିଜ୍ଞାନ ବାର୍ତ୍ତା

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ଦ ଜର୍ଣ୍ଣାଲ ଅଫ୍ ରିପ୍ରଡକ୍ସନ' ଗବେଷଣା ପତ୍ରିକାରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ୨୦୦୧ ମସିହା ବେଳକୁ ୩୪ ଶତାଂଶ ପୁରୁଷମାନଙ୍କ ଠାରେ ସେମାନଙ୍କୁ ପୌରୁଷ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା। ଯାହାକି ୨୦୨୨ ମସିହା ବେଳକୁ ପହଞ୍ଚିଥିଲା ୬୫ ଶତାଂଶରେ। ଏବର ସମୟ ମଧ୍ୟରେ ସଂପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ପ୍ରାୟ ୨୦ ଶତାଂଶ ହ୍ରାସ ପାଇଥିଲା। ଅତଏବ ପୁରୁଷର ପ୍ରଜନନ କ୍ଷମତା ବା ପୌରୁଷର ଏହି ମାପକାଠିଟି ସୂଚାଇ ଦେଉଛି ଯେ ସେ କ୍ରମଶଃ ସନ୍ତାନ ସୃଷ୍ଟି କରିବାର କ୍ଷମତା ହରାଇ ଚାଲିଛି।

ଏହାର କାରଣ ଆଜି ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ କରାଯାଇ ପାରିନଥିଲେ ହେଁ ତାହା ବହୁମୁଖୀ ବୋଲି ମନେକରନ୍ତି ବୈଜ୍ଞାନିକମାନେ, ଯାହାକି ବିବର୍ତ୍ତନୀୟଠାରୁ ଆରମ୍ଭ କରି ପରିବେଶୀୟ ଏବଂ ପରିବର୍ତ୍ତିତ ଜୀବନଶୈଳୀ ପର୍ଯ୍ୟନ୍ତ ହୋଇପାରେ। ତେବେ, ବିବର୍ତ୍ତନୀୟ ପରିବର୍ତ୍ତନ ସଦାସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ଶେଷୋକ୍ତ ଦୁଇଟିକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚସି ଆଦି କୀଟ। ।ଶୁନାଶକର ତଥା ଅନ୍ୟାନ୍ୟ ରସାୟନମାନଙ୍କ ମାତ୍ରାବୃଦ୍ଧି ଆମଠାରେ ପୁରୁଷସୁଲଭ ଗୁଣର ଅପଚୟ ଘଟାଉଥିବାର ପ୍ରମାଣିତ ହେଲା ବେଳେ ପଶୁପାଳନ, ମତ୍ସ୍ୟଚାଷ ଓ କୃଷିରେ ବିବିଧ ହର୍ମୋନ୍ ଏବଂ ରାସାୟନିକ ପଦାର୍ଥର ବ୍ୟାପକ ବ୍ୟବହାର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାର ବୋଷ୍ଟନ ସ୍ଥିତ 'ହାର୍ଭାର୍ଡ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲଥ' ଠାରେ ଗବେଷଣାରତ ବୈଜ୍ଞାନିକ ଲିଡିଡିଆ ମଙ୍ଗୁଏଜ୍ ଆଲାରକୋନ୍ ଏବଂ ତାଙ୍କ ସହଯୋଗୀମାନେ।

'ଦ ଜର୍ଣ୍ଣାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡ୍‌କ୍ସନ'ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସଂପନ୍ନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆରମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟମାନଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରାକୀଟଗୁଡ଼ିକ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ହରମୋନ୍‌ର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ପୂର୍ବରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ତେବେ ସେସବୁ ଅଧ୍ୟୟନ ଥିଲା ସୀମିତ ଏବଂ ତହିଁରୁ ଏବର ଫଳାଫଳ ସହିତ ହରମୋନ୍‌ର ସଂପୃକ୍ତି ବିଷୟରେ କୌଣସି ସୂଚନା ମିଳିପାରିନଥିଲା। ଶରୀର ମଧ୍ୟରେ ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲସିୟସ କମ ହୋଇଥିବା ପରିବେଶ ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡହକୋଷକୁ ପ୍ରକୃତି ଶରୀରର ଅନ୍ତର୍ଭାଗରେ ସ୍ଥାପନ ନ କରି ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ, ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଏବଂ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କରିବା କାରଣରୁ।

ଲିଡିଡଆ ଏବଂ ତାଙ୍କର ସହଯୋଗୀମାନଙ୍କ ଅଧ୍ୟୟନକୁ ଏହାର ଏକ କାରଣସିଦ୍ଧ ପ୍ରମାଣ ରୂପେ ଗ୍ରହଣ କରାଯାଇପାରେ। ଅତଏବ ଚିପା ଅନ୍ତର୍ବାସ ପରିଧାନ ପୁରୁଷମାନଙ୍କଠାରେ ଶୁକ୍ରକୀଟ ଉତ୍ପାଦନକୁ ଯେତିକି ମାତ୍ରାରେ ପ୍ରତିହତ କରୁନା କାହିଁକି ତାହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦିଅନ୍ତି ଏହି ଗବେଷଣାରେ ଅଂଶଗ୍ରହଣ କରିଥିବା ଅନ୍ୟତମ ବୈଜ୍ଞାନିକ ତଥା ଏଡିନ୍ ବରା ବିଶ୍ୱବିଦ୍ୟାଳୟର 'ଏମ୍ ଆର ସି ସେଣ୍ଟର ଫର ରିପ୍ରଡକଟିଭ ହେଲଥ୍'ର ପ୍ରଫେସର ରିଚାର୍ଡ ଶାର୍ପେ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ହସିନାଙ୍କୁ ଫାଶୀ...

ଆନ୍ଦୋଳନକାରୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାସହିତ ଦେଶବାସୀଙ୍କୁ ନ୍ୟାୟ ଦେବାରେ ପ୍ରତିବନ୍ଧକ ସାଜିବା ସହିତ ବିରୋଧୀଙ୍କ ବିରୋଧରେ ଚାଲିଥିବା ଅପରାଧ/ହତ୍ୟାକୁ ରୋକିବାରେ ବିଫଳ ହୋଇଥିଲେ। ଏହି ତିନିଟି ଅଭିଯୋଗ ଉପରେ ବିଚାର ପାଇଁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ସେହି ଟ୍ରିବ୍ୟୁନାଲ ଆଜି ତାଙ୍କୁ ଫାଶୀଦଣ୍ଡ ଶୁଣାଇଛି। ସେହିପରି ଟ୍ରିବ୍ୟୁନାଲ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନଙ୍କୁ ମଧ୍ୟ ୧୨ଜଣ ଲୋକଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ମଧ୍ୟ ଫାଶୀଦଣ୍ଡ ଦେଇଛନ୍ତି। ତେବେ ମାମଲାରେ ତୃତୀୟ ଅଭିଯୁକ୍ତ ପୂର୍ବତନ ପୁଲିସ ମୁଖ୍ୟ ଅବଦୁଲ୍ଲା ଅଲ୍-ମମୁନଙ୍କୁ କେବଳ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ମମୁନ ସରକାରୀ ସାକ୍ଷୀ ଭାବେ ଆଇନଗତ ପ୍ରକ୍ରିୟାରେ ସହଯୋଗ କରିଥିବାରୁ ତାଙ୍କ ପ୍ରତି କୋହଳ ହୋଇଛନ୍ତି ଟ୍ରିବ୍ୟୁନାଲ। ସୂଚନାଯୋଗ୍ୟ ଯେ ଶେଖ ହସିନାଙ୍କ ସହିତ ତାଙ୍କର ଗୃହ ମନ୍ତ୍ରୀ ଅସଦୁଜ୍ଜମାନ ଗତ ୧୫ ମାସ ହେବ ଭାରତରେ ଅବସ୍ଥାନ କରୁଛନ୍ତି। କୋର୍ଟଙ୍କ ଏହି ରାୟ ପରେ ସାରା ବାଂଲାଦେଶରେ ହିଂସା ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଛି।

ମୋ ବିରୋଧରେ ଆସିଥିବା ରାୟ ସମ୍ପୂର୍ଣ୍ଣ ଭାବେ ଭୁଲ। ରାଜନୈତିକ ପ୍ରତିଶୋଧ ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଛି। ଏହି ରାୟ ଏଭଳି ଏକ ଟ୍ରିବ୍ୟୁନାଲ ଦେଇଛି ଯାହାକୁ ଏକ ଅଣ ନିର୍ବାଚିତ ସରକାର ଚଳାଉଛନ୍ତି। ଏହି ସରକାରଙ୍କ ପାଖରେ କୌଣସି ଜନାଦେଶ ନାହିଁ ବୋଲି ହସିନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ହତ୍ୟାର ଶିକାର ଲୋକଙ୍କୁ ଉଚିତ ନ୍ୟାୟ ମିଳିଲା ବୋଲି ଆଟର୍ଣ୍ଣି ଜେନେରାଲ ମହମ୍ମଦ ଆସାଦୁଜ୍ଜମାନ କହିଛନ୍ତି। ହସିନା ପୂର୍ବରୁ ଯେଉଁ କୋର୍ଟର ସ୍ଥାପନ କରିଥିଲେ, ସେହି କୋର୍ଟ ହିଁ ତାଙ୍କ ବିରୋଧରେ ଦଣ୍ଡାଦେଶ ଶୁଣାଇଛନ୍ତି। ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଯୁଦ୍ଧ ଅପରାଧ ଓ ନରସଂହାର ଭଳି ମାମଲାର ବିଚାର କରିବା ପାଇଁ ଏହି ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲକୁ ପ୍ରତିଷ୍ଠା କରାଯାଇଥିଲା।

କୋର୍ଟ ରାୟ ପରେ ବାଂଲାଦେଶ ସରକାର ଆଜି ଭାରତ ସରକାରଙ୍କ ନିକଟକୁ ଏକ ପତ୍ର ପଠାଇଛନ୍ତି। ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଏଥିରେ ଅନୁରୋଧ କରାଯାଇଛି। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରୁ ବୋଲି କୁହାଯାଇଛି। ତେବେ ଭାରତ ସରକାର ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହାନ୍ତି। ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ପଡ଼ୋଶୀ ଦେଶ ହିସାବରେ ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ସଂକଳ୍ପବଦ୍ଧ। ସେଠାରେ ଗଣତନ୍ତ୍ର, ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସରକାର ସଂପୃକ୍ତ ପକ୍ଷଙ୍କ ସହ ଆଲୋଚନା ଜାରି ରଖିବ।

## ୪୫ ଭାରତୀୟ...

ଛୋଟପିଲା ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ୪୬ ଜଣ ଲୋକ ଯାତ୍ରା କରୁଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି।

ହାଇଦରାବାଦ୍ ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୯ରେ ୫୪ ଜଣ ଲୋକ 'ଉମରା' ପାଇଁ ହାଇଦରାବାଦ୍‌ରୁ ସାଉଦି ଆରବ ଯାଉଥିଲେ। ଏମାନେ ନଭେମ୍ବର ୨୩ରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିଲା। ଏମାନଙ୍କ ମଧ୍ୟରୁ ୪ ଜଣ ରବିବାର କାର୍‌ରେ ପୃଥକ ଭାବେ ମଦିନା ଯାଇଥିଲେ। ସେହିପରି ଅନ୍ୟ ୪ ଜଣ ଲୋକ ମକ୍କାରେ ରହିଯାଇଥିଲେ।

ଅନ୍ୟ ୪୬ ଜଣଙ୍କୁ ନେଇ ବସ୍‌ଟି ମକ୍କାରୁ ମଦିନା ଯାଉଥିବା ବେଳେ ମଦିନାଠାରୁ ୨୫ କିମି ଦୂର ମୁହରାସ୍ ନିକଟରେ ଭାରତୀୟ ସମୟ ରାତି ପ୍ରାୟ ୧.୩୦ରେ ଏହି ଦୁର୍ଘଟଣା ଘଟିଥିଲା।

ଏହି ଦୁର୍ଘଟଣା ପାଇଁ ତେଲଙ୍ଗାନା ସରକାର ରିୟାଧ ସ୍ଥିତ ଭାରତୀୟ ଦୂତାବାସ ସହିତ ବରାବର ସମ୍ପର୍କରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକଙ୍କ ଚିହ୍ନଟ ଓ ପରିଚୟ ପାଇଁ ଦିଲ୍ଲୀରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୂତାବାସର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷାକରି ସବୁ ପ୍ରକାର ସହାୟତା ପ୍ରଦାନ କରିବା ସହ ସବୁ ବ୍ୟବସ୍ଥା ଉପଲବ୍ଧ କରାଇବାକୁ କହିଛନ୍ତି। ଇତିମଧ୍ୟରେ ୧୨ ଜଣ ମୃତକଙ୍କ ନାମ ସାମ୍ନାକୁ ଆସିଛି। ଭାରତୀୟ ଦୂତାବାସ ମଧ୍ୟ ଏ ନେଇ ହେଲ୍ପଲାଇନ୍ ଜାରି କରିଛି। ହାଇଦରାବାଦ ସାଂସଦ ସବୁ ମୃତଦେହକୁ ଭାରତ ଆଣିବା ପାଇଁ ଅପିଲ କରିଛନ୍ତି। ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ରିୟାଦସ୍ଥିତ ବାଣିଜ୍ୟ ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛି ବୋଲି ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଆମ ଅଧିକାରୀମାନେ ସାଉଦିର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ଏହି ଘଟଣା ଗଭୀର ଦୁଃଖ ଦେଇଛି ବୋଲି କହିଛନ୍ତି। ଏହି ଦୁର୍ଘଟଣାରେ ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି।

## ବିହାର ରାଜନୀତିରେ...

ବିଧାନସଭା ଭଙ୍ଗ କରିବାକୁ ରାଜ୍ୟପାଳଙ୍କୁ ଏକ ସୁପାରିସ ପତ୍ର ଦେଇଥିଲେ। କେଉଁ ନିର୍ଦ୍ଦିଷ୍ଟ କାରଣରୁ ନୀତିଶ କୁମାର ଶେଷ ମୁହୂର୍ତ୍ତରେ ତାଙ୍କର ଯୋଜନା ପରିବର୍ତ୍ତନ କଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଏନ୍‌ଡ଼ିଏ ପାଇଥିବା ମୋଟ ୨୦୨ ଆସନ ମଧ୍ୟରୁ ବିଜେପିକୁ ୮୯ଟି ଆସନ ମିଳିଥିବାବେଳେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ୧୯, ଜିତେନରାମ ମାଞ୍ଝିଙ୍କ ଦଳକୁ ୫ ଓ ଉପେନ୍ଦ୍ର କୁଶୱାହଙ୍କୁ ୪ଟି ଆସନ ମିଳିଛି। ଅବଶିଷ୍ଟ ୮୫ଟି ଆସନ ନୀତିଶକୁମାରଙ୍କ ଜେଡ଼ିୟୁ ପାଇଛି। ସରକାର ଗଠନ ପାଇଁ ୧୨୨ଟି ଆସନର ଆବଶ୍ୟକତା ଥିବାବେଳେ ନୀତିଶଙ୍କ ବିନା ବିଜେପି ଓ ଅନ୍ୟ ସହଯୋଗୀ ମାତ୍ର ୧୧୭ ଆସନ ମଧ୍ୟରେ ସୀମିତ ରହିବେ। ଅନ୍ୟପକ୍ଷରେ ଜେଡ଼ିୟୁକୁ ସମର୍ଥନ ଦେବାକୁ ମହାଗଠବନ୍ଧନ ଏବେ ବି ଗୋଡ଼ ଟେକି ବସିଛି। ଜେଡ଼ିୟୁର ୮୫ ସହ ଆର୍‌ଜେଡ଼ିର ୨୫, କଂଗ୍ରେସ ୬ଟି, ବାମପନ୍ଥୀ ୩ଟି, ଏଆଇଏମ୍‌ଏମ୍‌ର ୫ ଓ ବିଏସ୍‌ପିର ଗୋଟିଏ ଆସନକୁ ମିଶାଇ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ ହୋଇ ପାରିବ। ଯଦିଓ ନୀତିଶ ମହାଗଠବନ୍ଧନ ସହିତ ମିଶି ସରକାର ଗଠନ କରିବାକୁ ସମର୍ଥ, କିନ୍ତୁ ଏହାଦ୍ୱାରା ଜେଡୟୁରେ ବିଭାଜନ ଆଶଙ୍କା ଥିବା ମଧ୍ୟ କୁହାଯାଉଛି।

ଅନ୍ୟପକ୍ଷରେ ନୀତିଶଙ୍କ ପରିବର୍ତ୍ତେ ବିଜେପି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବୋଲି ଚର୍ଚ୍ଚା ହେଉଛି। ଏପରିକି ବିଜେପିର ପ୍ରସ୍ତାବରେ ସହମତ ହେବାକୁ ଦୁଇ ସହଯୋଗୀ ସଞ୍ଜୟ ଝା ଓ ଲଲନ୍ ସିଂହ ପରୋକ୍ଷରେ ନୀତିଶକୁମାରଙ୍କୁ ବୁଝାଇବାରେ ଲାଗିଥିଲେ ହେଁ ଏହାକୁ ସେ ସ୍ୱୀକାର କରିନାହାନ୍ତି। ତେଣୁ ନୀତିଶ ଓ ବିଜେପି ପରସ୍ପର ସହ ରହିବା ଏକ ରାଜନୈତିକ ବାଧ୍ୟବାଧକତା ଓ ପରସ୍ପରକୁ ସହଯୋଗ କରିବାକୁ ବାଧ୍ୟ। ଏହା ସତ୍ତ୍ୱେ ଏବେ ବି ନୀତିଶ ବିହାରରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର ଓ ଏଥିରେ ସାମାନ୍ୟ ପରିବର୍ତ୍ତନ କେବଳ ବିହାର ନୁହେଁ, ଜାତୀୟ ରାଜନୀତିକୁ ବି ପ୍ରଭାବିତ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ଏଥର କମ୍...

ଏକସଙ୍ଗରେ ମ୍ୟାଚ୍ ଦେଖିପାରୁଥିଲେ। ସିଟ୍ ଗୁଡିକ ଚଉଡା କରାଯିବା ପରେ ଏହି ସଂଖ୍ୟା ୩ରୁ ୪ହଜାର ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

ବାରବାଟୀ ଟି-୨୦ ପାଇଁ ଡିସେମ୍ବର ୧ ତାରିଖରୁ ଅନଲାଇନ୍ ଟିକଟ ବିକ୍ରି କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ସୂଚନା ଦେଇଛନ୍ତି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ ଅନଲାଇନ୍ ଟିକଟ ଉପଲବ୍ଧ ହେବ। ଅନଲାଇନ୍‌ରେ କେତେ ସଂଖ୍ୟକ ଟିକଟ ବିକ୍ରି ନିମନ୍ତେ ଛଡାଯିବ ତାହା ଘୋଷଣା କରାଯାଇନାହିଁ। ଡିସେମ୍ବର ୫ରୁ କାଉଣ୍ଟର ଟିକଟ ବିକ୍ରି କରାଯିବ। ଏହା ଭିତରେ ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକୁ ଟିକଟ ବିକ୍ରି କରାଯିବ ବୋଲି କୁହାଯାଇଛି।

## ଅଫେରା ରାଇଜରେ...

ହୋଇଥିବା ବେଳେ ଦାଦା ସଂଗୀତ ସଂଯୋଜକ ଥିଲେ। ପିଲାଦିନରୁ ହ୍ୟୁମାନ୍ ସାଗରଙ୍କ ସଙ୍ଗୀତ ପ୍ରତି ଅହେତୁକ ଦୁର୍ବଳତା ଥିଲା। ସେ ଛୋଟବେଳୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଆ ଲୋକସଙ୍ଗୀତରେ ପ୍ରଶିକ୍ଷଣ ନେଇଥିଲେ। ସେ ବିଭିନ୍ନ ସ୍ଥାନୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୨୦୧୨ ମସିହାରେ ତାଙ୍କର ସଙ୍ଗୀତ କ୍ୟାରିଅର ଆରମ୍ଭ ହୋଇଥିଲା। ତରଙ୍ଗ ଟିଭିରେ ଆୟୋଜିତ ରିଅଲିଟି ସୋ' 'ଭଏସ୍ ଅଫ୍ ଓଡ଼ିଶା-ସିଜନ୍-୨' ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ବିଜୟ ତାଙ୍କୁ ଓଡ଼ିଆ ସଙ୍ଗୀତ ଜଗତରେ ପରିଚୟ ଦେଇଥିଲା। ୨୦୧୫ରେ ହ୍ୟୁମାନ୍ ସାଗରଙ୍କର ପ୍ରଥମ ପ୍ଲେ-ବ୍ୟାକ୍ ଡେବ୍ୟୁ ହୋଇଥିଲା ତରଙ୍ଗ୍ ସିନେ ପ୍ରଡକ୍ସନ୍ ପ୍ରଯୋଜିତ ଓଡ଼ିଆ ସିନେମା 'ଇସ୍କ ତୁ ହି ତୁ'ର ଟାଇଟଲ୍ ଟ୍ରାକ୍‌ରୁ। ଅଭିଜିତ୍ ମଜୁମଦାର ଉକ୍ତ ସଂଗୀତର ନିର୍ଦ୍ଦେଶନା ଦେଇଥିଲେ। ଏହାପରଠାରୁ ହ୍ୟୁମାନ୍ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦର୍ଶକଙ୍କୁ ଭେଟି ଦେଇ ନିଜର ନିଆରା ପରିଚୟ ସୃଷ୍ଟି କରିଥିଲେ। ଚଳଚ୍ଚିତ୍ର, ଆଲବମ୍ ସଙ୍ଗୀତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏପର୍ଯ୍ୟନ୍ତ ସେ ୨୦ରୁ ଊର୍ଦ୍ଧ୍ୱ ସିନେମା ଓ ୧୦୦ରୁ ଊର୍ଦ୍ଧ୍ୱ ଆଲବମ୍‌କୁ ମିଶାଇ ୧୫ଶହରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରିଛନ୍ତି।

## ମାଟିରେ ମିଶିବ...

ବାନ୍ଧିଛନ୍ତି। ବାମ ସମାନ୍ତରାଳ ରାସ୍ତା ପାଇଁ ଶହେରୁ ଊର୍ଦ୍ଧ୍ୱ ଘରକୁ ପୂର୍ବରୁ ଭଙ୍ଗାଯାଇଛି। ଏମାନଙ୍କୁ ବୁଦ୍ଧବିହାରରେ ଥଇଥାନ କରାଯାଇଥିଲା। ହେଲେ ଅନ୍ୟଯେଉଁମାନେ ରହିଯାଇଥିଲେ ସେମାନଙ୍କୁ ଆସନ୍ତାକାଲି ଉଚ୍ଛେଦ କରାଯିବ। ଘର ଭାଙ୍ଗିବାକୁ ଥିବା ବସ୍ତି ବାସିନ୍ଦା ଘର ନୁହେଁ ରାଜଧାନୀରେ ଜମିଦାବି କରୁଛନ୍ତି। ଏଥିପାଇଁ ସେମାନେ ଏହି ଘର ଛାଡିବାକୁ ନାରାଜ। ତେବେ ପ୍ରଶାସନ ଏମାନଙ୍କୁ ଜମି ଦେବା ସପକ୍ଷରେ ନାହିଁ। ଯାହା ଉତ୍ତେଜନା ପ୍ରମୁଖ କାରଣ ପାଲଟିବ। ଏହାକୁ ବିରୋଧ କରିବାକୁ ହଜାର ସଂଖ୍ୟାରେ ଲୋକେ ଏକତ୍ରିତ ହେବେ ବୋଲି ବସ୍ତିନେତାମାନେ କହିଛନ୍ତି। ସକାଳ ୭ଟାରୁ ସାଲିଆସାହି ଆରମ୍ଭ ହେବ ବସ୍ତି ଉଚ୍ଛେଦ କାର୍ଯ୍ୟକ୍ରମ। ଏଥିପାଇଁ ବ୍ୟାପକ ପରିମାଣରେ ଟ୍ରକ୍ ଏବଂ ଜେସିବି ମୁତୟନ କରାଯିବ। ବିଏମ୍‌ସି ପକ୍ଷରୁ ୬୦ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍। ଶହେ କର୍ମଚାରୀ ଘଟଣାସ୍ଥଳରେ ନିୟୋଜିତ କରାଯିବ। ପ୍ରତ୍ୟେକ ଜୋନ୍‌ର ଜୋନାଲ ଅଫିସର ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବାକୁ ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଲୋଚନା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦମକଳ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଏହାସହ ଉଚ୍ଛେଦ ହେଉଥିବା ପରିବାର ଲୋକଙ୍କୁ ବୁଦ୍ଧବିହାର ସ୍ଥିତି ଅସ୍ଥାୟୀ ଟ୍ରାଞ୍ଜିଟ୍ ହାଉସ୍‌ରେ ଥଇଥାନ କରାଯିବ। ପରବର୍ତ୍ତୀ ସମୟରେ ଘର ଯୋଗାଇ ଦିଆଯିବ। ସେହିପରି ବିଡିଏ ପକ୍ଷରୁ ୬ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳରେ ମୁତୟନ ରହିବେ ବୋଲି ସୂଚନା ମିଳିଛି।

### ମହଙ୍ଗା ପଡ଼ିଲା ବିଜେପିର ଜମି ଦେବା ନିର୍ବାଚନ ପ୍ରତିଶ୍ରୁତି

ସାଲିଆସାହିରେ ବସ୍ତି ଭାଙ୍ଗିଲେ ଘର ଦେଇ ଥଇଥାନ କରାଯିବ। ଏଥିପାଇଁ ବୁଦ୍ଧବିହାରରେ ଆବାସ ଘର ନିର୍ମାଣ କରି ଥିଲେ ପୂର୍ବତନ ବିଜେଡି ସରକାର। ହେଲେ ବସ୍ତିବାସିନ୍ଦାଙ୍କ ଭୋଟ୍ ହାତେଇବାକୁ ନିର୍ବାଚନ ବେଳେ ବିଜେପି ଏହାକୁ ସ୍ଥାନୀୟ ଅଞ୍ଚଳରେ ନିର୍ବାଚନର ଏକ ମୁଦ୍ଦା ବନାଇଲା। ଘର ନୁହେଁ ଆମେ ସରକାରକୁ ଆସିଲେ ପ୍ରତ୍ୟେକ ପରିବାରକୁ ଜମି ଦେବୁ। ତାହାପୁଣି ରାଜଧାନୀରେ ୬ ଶହ ବର୍ଗଫୁଟ୍‌ର ଜମି। ଏଥିପାଇଁ ପ୍ରଚାରପତ୍ର ଲୋଖାଯାଇ ଘରେ ଘରେ ବଣ୍ଟାଗଲା। ଲୋକଙ୍କୁ ଜମି ପାଇଁ ଉସୁକାଇଲା। ଭୁବନେଶ୍ୱର ଏମ୍‌ପି ଜାତୀୟସ୍ତରର ଜଣେ ତାରକା ଏମ୍‌ପିଙ୍କୁ ଧରି ସାଲିଆସାହିରେ ଏଭଳି ପ୍ରତିଶ୍ରୁତି ଦେଲେ। ହେଲେ ସରକାରକୁ ଆସିଲା ପରେ ମୁଣ୍ଡରେ ବୁଦ୍ଧି ପସିଲା। ପୂର୍ବ ସରକାର ଯାହା କରୁଥିଲେ ତାହା ଠିକ୍ ବୋଲି କହିଲା। ଜମି ଦେଇ ନୁହେଁ ଘର ଦିଆଯାଇ ଥଇଥାନ କରାଯିବ ବୋଲି ପ୍ରଶାସନ ଦ୍ୱାରା କୁହାଇଲା। କିନ୍ତୁ ବସ୍ତି ବାସିନ୍ଦା ଛାଡିବାକୁ ନାରାଜ। ପ୍ରତିଶ୍ରୁତି ଦେଇଛ ମାନେ ଜମି ଦେବ। ନ ହେଲେ ବିଜେପି ନେତାଙ୍କ ଘର ଘେରିବୁ ବୋଲି ବସ୍ତିବାସିନ୍ଦା ଅଡ଼ିବସିଛନ୍ତି।

### ରାସ୍ତାର ନକ୍ସା ବଦଳାଯାଉ

ଆମେ ବାମ ପାଶ୍ୱର୍ ସମାନ୍ତରାଳ ରାସ୍ତାର ବିରୋଧ କରୁ ନାହୁଁ। ବସ୍ତି ବାସିନ୍ଦା ସହରର ଜୀବନ ରେଖା, ତେଣୁ ସେମାନଙ୍କୁ କର୍ମସ୍ଥଳୀ ନିକଟରେ ବାସସ୍ଥାନ ଯୋଗାଇ ଦେବା ସରକାରଙ୍କର ଦାୟିତ୍ୱ। ସେମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଉ। ଜଙ୍ଗଲ ଜମିରେ ଅନ୍ୟ କିଛି ହୋଇପାରିବ ନାହିଁ କିନ୍ତୁ ରାସ୍ତା କେମିତି ହୋଇପାରିବ। ପ୍ରଥମେ ଏହି ବସ୍ତିରେ ଦୀର୍ଘ ଦିନ ଧରି ଶ୍ରମଜୀବୀ ଲୋକ ରହୁଛନ୍ତି। ତା ପରେ ରାସ୍ତା ନିର୍ମାଣ ହେଉଛି। ତେଣୁ ରାସ୍ତାର ନକ୍ସା ବଦଳାଯାଉ। ବଳପୂର୍ବକ ବସ୍ତି ଉଚ୍ଛେଦ ନ କରାଯାଉ ବୋଲି ବସ୍ତି ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦିକା ପ୍ରମିଳା କହିଛନ୍ତି।

### ସବୁ ଆଲୋଚନା ବିଫଳ

ବିଏମ୍‌ସି ବସ୍ତି ନେତାଙ୍କୁ ନେଇ ଆଲୋଚନା କରିବାକୁ ଚାହୁଁଥିଲା। ହେଲେ ଆଲୋଚନା ବିଫଳ ହେଲା। ଫଳରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୋମବାର ପୁଲିସ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିବାକୁ ଡାକିଥିଲା। କୁହାଯାଇଥିଲା ଡିସିପି ଆଲୋଚନା କରିବେ। ହେଲେ ନାଆ ଥାନା ଅଧିକାରୀ। ନାଆ ଡିସିପି କେହି ଆସିଲେନି। ବହୁତ ଲୋକ କ'ଣ ପାଇଁ ଆସିଛ ବୋଲି କହି ନୂଆପଲ୍ଲୀ ଥାନା ସେମାନଙ୍କୁ ଫେରାଇ ଦେଲା।

GOVERNMENT OF ODISHA
OFFICE OF THE EXECUTIVE ENGINEER MURAN DAM DIVISION, KHATIGUDA UPPER INDRAVATI DAM CIRCLE
AT/PO-KHATIGUDA, DIST- NABARANGPUR, PIN-764085
A-869
Email id- eemurandamdivision@gmail.com
TENDER CALL NOTICE NO. EEMDD- 03/2025-26, DATED: 06.11.2025

Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Muran Dam Division, Khatiguda.

| | | |
|---|---|---|
| 1 | Name Of the Work | : "Deployment of one light Commercial Vehicle (Bolero/TUV-300/SUMO Gold/Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year / 12 calendar months". |
| 2 | Number of works | One |
| 3 | Estimate cost | Rs. 4,46,400/- (Excluding GST) |
| 4 | Eligibility of the bidders | : Registered Travel Agency / Tour Operators / Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5 | Period of contract | : 12 (Twelve) Calendar Months |
| 6 | Date & Time of Availability of bid document at the office | From 14.11.2025 (11:00 AM) to 21.11.2025 up to (01:00 PM) |
| 7 | Last Date and Time for receipt of bid at the office | 21.11.2025 (05:00 PM) |
| 8 | Date of opening of the bids online | 24.11.2025 (12:30 PM) |
| 9 | Name & address of the Office of the Office Inviting Bid | Office of The Executive Engineer, Muran Dam Division, At/Po: Khatiguda, Dist.: Nabarangpur, PIN-764085 |

Further details can be seen at the Office of The Executive Engineer, Muran Dam Division, Khatiguda. Any Addendum/Corrigendum/Cancellation, if required, will be published on the Notice Board only.
Sd/- Executive Engineer, Muran Dam Division, Khatiguda
OIPR

OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA
e-mail Address: eenidnimapara@gmail.com
1st Corrigendum to e-Procurement Notice No.04 of 2025-26/ Dated 28.10.2025
NID FOR CANCELLATION
No.A-898:The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.
OIPR-
Sd./- Superintending Engineer
Nimapara Irrigation Division, Nimapara

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.
No. 2710 /OSOU/2025 Dt. 17.11.2025

SHORT TENDER NOTICE

Odisha State Open University, Sambalpur invites Short Tender Notice for Event Management Services for PRAYAS: National Conference-2025 to be held from 13th to 15th December, 2025 in the University Campus for successful completion of the Event.
The interested agencies having experiences in the said services may visit our website www.osou.ac.in for more details. Last date of submission of tender proposal - 02.12.2025 (5.00 PM) by Speed Post /Regd. Post.
For more details visit our website: www.osou.ac.in
Sd-
Registrar

OFFICE OF THE
NOTIFIED AREA COUNCIL, KODALA
Government of Odisha
Odisha, PIN -761032, e-Mail: - nackodala@gmail.com
Lt. No.3140/Dev/2025 Dated.12.11.2025
e- NOTICE
BID IDENTIFICATION No.KOD-NAC-12/2025-26
C-: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.
1. Name of the Work :- Civil Work
2. Number of Work :- 11 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 13/11/2025 to 5.00PM of Dt. 26/11/2025
6. Last date and time for receipt of Bid in the Portal :- 5.00PM of Dt. 26/11/2025
7. The bid received online shall be opened on :- 11.00 AM of dtd. 27/11/2025
8. Name and Address of the Officer inviting Bid : Executive Officer, NAC, Kodala
Further details can be seen from the Procurement Portal: www.tendersorissa.gov.in.
OIPR-
Sd./- Executive Officer, Kodala NAC

C-1450
GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Bid Identification No.52/03/SPH(C)/2025-26 dt.07.11.2025
1 Name of the work 5 (Five) nos. of works
2 Estimate cost 7.39 lakh to 40.64 lakhs
3 Date & time of availability of bid document in the portal From 11.00 AM of 15.11.2025 to 5.30 PM of 01.12.2025
4 Last Date / Time of receipt of bid in the portal 5.30 PM of 01.12.2025
5 Date and time of opening of bids 1.00 P.M. on dated.03.12.2025
6 Name and address of the Officer inviting the bid Superintending Engineer, P.H. Division, Bhanjanagar at Chatrapur
Further details can be seen from the e-procurement portal https://www.tenderorissa.gov.in.
Sd./- Additional Chief Engineer
P.H. Division, Bhanjanagar
at Chatrapur
OIPR-

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit no.2889, dtd.16.10.2025 before Notary Public, Jatni, I, Laxmipriya Maharana, At- Loco Settlement, PO/PS-Jatni, Dist-Khordha, present residing at Ananda Vihar, Godadharmasagar, Jatni, PO/PS-Jatni, Dist-Khordha -752050 have changed my name from Bisnupriya Moharana to Laxmipriya Maharana. Henceforth, I shall be known as Laxmipriya Maharana for all purposes.
Sd/-Laxmipriya Maharana

**AFFIDAVIT**
I, **Beautirani Parichha**, D/o.: Mrutyunjaya Parichha, Permanent resident of At/PO.: Narayanpur, P.S.: Rayagad, Dist.: Gajapati, Odisha-761212 declare by this Affidavit No.: 6017, sworn before Executive Magistrate, Angul on Dt.17.11.2025 that from now onwards my name Beauti Parichha will be known as **Beautirani Parichha** for all future legal purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar Address dated 3.11.2025, I, Baidhar Shau, Vill-Narasinghpur, P.O.:-Bhandaridiha, Dist-Kendujhar, Pin-758025, Odisha declare that, the name of my daughter has changed from Dipika Priyadarshini Shau to Dipika Priyadarshini Sahu. Henceforth, she will be known as Dipika Priyadarshini Sahu for all purposes.

**AFFIDAVIT**
By Virtue of an affidavit dtd. 16.11.2025 before the Notary Public, M.Rampur, Dist Kalahandi,I, Binod Kumar Sahu, Have changed my minor daughter name and DOB from Pragya parimiti Sahu, DOB- 28.05.2012 to Pragya Parimita Sahu, DOB-23.04.2012. Hence forth she will be Known as pragya Parimita Sahu and her DOB is 23.04.2012 for all purposes.
Sd/- Binod Kumar Sahu

**AFFIDAVIT**
By virtue of an affidavit no.2888, dtd.16.10.2025 before Notary Public, Jatni, I, Chakradhar Maharana, residing at Ananda Vihar, Godadharmasagar, Jatni, PO/PS–Jatni, Dist-Khurda, Pin–752050 have changed my name from Chakrapani Moharana to Chakradhar Maharana. Henceforth, I shall be known as Chakradhar Maharana for all purposes.
Sd/-Chakradhar Maharana

**AFFIDAVIT**
I JAMI RASHMITA, W/o JAMI ANIL KUMAR, resident of At- Gulipatna, Po./Ps.- Umarkote, ,Dist.- Nabarangpur- 764 073 Odisha declare by this Affidavit No.1893, Dated- 11/11/2025,that now onwards I shall be known as **JAMI RASMITA PATRA** for all future purpose.

**AFFIDAVIT**
I, Gohil Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Odisha, Pin-751006, declare by this affidavit No.311/2025, dated-11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Badasahi, Mayurbhanj, dated 10.10.2025, I Apurba Naik, Address At-Narankhunta, Po-Narankhunta, Ps-Badasahi, Dist-Mayurbhanj, State-Odisha, Pin-757075 declare that I have changed my name from Arghuba Naik to Apurba Naik. Henceforth , I shall be known as Apurba Naik for all purposes.
Sd/- Apurba Naik

**AFFIDAVIT**
Punam Agarwalla, D/O-Sarat Chandra Tulsian, Residence of ward no-2 Babusahi, po-Baripada, ps-Baripada Town, Dist-Mayurbhanj-757001 Odisha, declared by this affidavit no-243,Dated-17/11/2025 that now onwards I shall be known as **PUNAM AGARWAL** for all future purpose.

**AFFIDAVIT**
By virtue of an affidavit (CF No. 16, date- 17/11/2025) before the Executive Magistrate, Bhubaneswar. I, **Rubina Sahoo,** (Mobile Number: 7894244302), W/o Panchanan Sahoo, resident of At- Plot No. LIG-231, Baramunda Housing Board Colony, Near Radhakrishna Temple, Baramunda, Bhubaneswar, Dist-Khurda, Odisha, PIN- 751003, Odisha declare that, I have correction my name from **Rubina Rani Sahoo to Rubina Sahoo** in my son's school record (Name: **Biswaroop Sahoo,** School: KV-2, Bhubaneswar).
**Rubina Sahoo**

**AFFIDAVIT**
By virtue of an affidavit sworn before the Executive Magistrate, Baramba Dt. 27.10.2025 I Santosh Kumar Sahoo of Vill/Po-Jhajia, Ps-Baramba, Dist-Cuttack declare that I have changed the name of my minor daughter name from Nishigandha Sahoof to Nishigandha Sahoo in Aadhar card. Henceforth, she shall be known as **Nishigandha Sahoo** for all purposes.

**AFFIDAVIT**
I, Rasmi Ranjan Barik, aged about 48 years, S/o Late Rabindra Kumar Barik, resident of At-Baulakuda, Dadhibamanpur, Bentkar, Dist- Cuttack, PIN-754112, Odisha declare by this affidavit No. 9829, date- 19/09/2025, that now onwards I shall be known as **RASHMI RANJAN BARIK** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, SL.No- 3 on dated 17-11-2025 I, **MADHUSREE KUANR,** W/o Bikash Chandra Rout permanent resident of Plot No- B/27/A, Phase-2, Krishna Garden, Jagamara, VTC- Khandagiri, Po- Khandagiri, Ps- Khandagiri, Dist-Khordha, Pin- 751030, declare that I have changed my name from **MADHUSHRI ROUT** (Old name) to **MADHUSREE KUANR** (New name), Henceforth, I shall be known as **MADHUSREE KUANR** for all future purposes.
Sd-( **MADHUSREE KUANR**)

**AFFIDAVIT**
By virtue of an affidavit sworn before Executive Magistrate Bhubaneswar on dated, 17.11.2025, I Rita Kumari Naik resident At-Hariom Colony, Mission Chowk, Word No. 10, Po/Ps- Sundargarh Town, Dist-Sundargarh, Odisha, PIN-770001, declare that I have changed my name from Rita Patel to Rita Kumari Naik. Henceforth, He shall be known as **RITA KUMARI NAIK** for all purposes.

**LOST**
I, Sri Sana Pangi, S/o- Late Amaya Pangi resident of Vill.-Raipada, Po.- Godihanjar, Ps.-Machkund, Dist.- Koraput state that, I am having a landed property of Mouza- Godihanjar under khata no.-48, Area- AC-7.89 Centin the name of Ghasi Pangi, Raji Pangi and Sana Pangi joint record. Original ROR has been misplaced when I traveled from Raipada to Jeypore. Inspite of my best effort I am unable to trace it out and it is beyond recovery. If in future any person has found the Original ROR while in contact with Sana pangi. Mob No.- 9337954554.

**AFFIDAVIT**
By virtue of an affidavit before The Notary Public, Titilagarh, on dated-17/11/2025. I, **Jangyasini Nag** (new name) formerly called as Jagyanseni Nag (old name), D/o Bhima Nag, Permanent resident of At- Belpadar, P.O. Sirol, P.S. Titilagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from **Jagyanseni Nag** (old name) to **Jangyasini Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jangyasini Nag** (new name).
**Jangyasini Nag**

**AFFIDAVIT**
By virtue of an affidavit before the Notary Public, Titilagarh, on dated-17/11/2025. I, **Subash Murlli** (applicant name), S/o- Narasingha Murlli, permanent resident of AT-Sargiguda W.N. 1, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Bubul Murali** (old name) to **Bulbul Murlli** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Bulbul Murlli** (new name) for all future purposes.
**Subash Murlli**

■ ଘରେ ଓପିଜିସି ପାଉଁଶ ପାଣି ପଶିବା ଘଟଣା

# ସ୍ଥିତି ପରଖିଲେ ପ୍ରଦୂଷଣ ବୋର୍ଡ, ଓପିଜିସିର ଅଧିକାରୀ

ଇବଥର୍ମାଲ, ୧୭।୧୧(ସମିସ)

ବନହରପାଲି ଡବ୍ଲ୍ୟୁଆଇ କଲୋନୀ ନିକଟରେ ଓପିଜିସିର ତିଲିଆ ଆସପଣ୍ଡକୁ ଯାଇଥିବା ୩ୟ ଓ ୪ର୍ଥ ୟୁନିଟ୍ ଆସ୍ ପାଇପ ରବିବାର ଫାଟି ଯାଇ ତରଳ ଆସ ପ୍ରବାହିତ ହୋଇଥିଲା। ଘଟଣାର ୨୪ ଘଣ୍ଟା ପରେ ମଙ୍ଗଳବାର ଝାରସୁଗୁଡ଼ା ପ୍ରଦୂଷଣ ବୋର୍ଡ ଅଧିକାରିଣୀ ଅନୁଷ୍କା ଏକ୍କା ଘଟଣାସ୍ଥଳ ଯାଇ ସ୍ଥିତି ପରଖିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନାକରି ଫେରି ଯାଇଛନ୍ତି। ଆଲୋଚନା ବେଳେ ତେଲେନପାଲି ପଞ୍ଚାୟତ ସରପଞ୍ଚ ଆକାଶ ସାହୁଙ୍କ ସମେତ କ୍ଷତିଗ୍ରସ୍ତ ଉମାଶଙ୍କର ଷଣ୍ଢ, ସଦାକର ହାତୀ, ସନ୍ତୋଷ ବରଗର୍ତ୍ତି ସମେତ ବନହରପାଲି ଗାଁର ଲୋକେ ଉପସ୍ଥିତ ଥିଲେ। ଓପିଜିସିର ବେପରୁଆ ନୀତି ଯୋଗୁଁ ଲୋକେ ବାରମ୍ବାର କିଭଳି ପାଉଁଶ ରୂପକ ବିଷ ପ୍ରଦୂଷଣର ଶିକାର ହେଉଛନ୍ତି ତାହା କହିଥିଲେ। ସକାଳେ ଓପିଜିସି ସିଏସ୍ଆର୍ ତଥା ଜନସମ୍ପର୍କ ଅଧିକାରୀ ହିମାଂଶୁ ବେହେରା, ପ୍ଲାଣ୍ଟ ସେଫ୍ଟି ମୁଖ୍ୟ ଅଧିକାରୀ ସୀତାରାମ ସାହୁ, ସୁରକ୍ଷା ଅଧିକାରୀ ମୁକେଶ ନାଏକ, ପ୍ଲାଣ୍ଟ ସିଭିଲ ମୁଖ୍ୟ ଅଧିକାରୀ ପବିତ୍ର ମୋହନ ପୃଷ୍ଟି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରିସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ସରପଞ୍ଚ ଶ୍ରୀ ସାହୁଙ୍କ ସମେତ କ୍ଷତିଗ୍ରସ୍ତ ଲୋକ ଓ ବାବା ପଞ୍ଚିମେଶ୍ୱର ଯୁବକ ସଂଘ ସଭାପତି ସଞ୍ଜୟ ସ୍ୱାଇଁ, ଶଙ୍କର ଖମାରୀ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେଠାରେ ଓପିଜିସିର ଅଧିକାରୀଙ୍କୁ ଲିଖିତ ଅଭିଯୋଗ ମାନ ପ୍ରଦାନ କରାଗଲା। ଯେହେତୁ ଉମାଶଙ୍କର ସିଂହଙ୍କ ଘରେ ପାଉଁଶ ପାଣି ପଶି ଘର ଭାଙ୍ଗିବା ସହ ବିଷାକ୍ତ ପରିବେଶ ସୃଷ୍ଟି ହୋଇଛି, ଚାଷ ନଷ୍ଟ ହୋଇଛି, କୂଅଁ ପୋତି ହୋଇଯାଇଛି ତେଣୁ ତାଙ୍କୁ କ୍ଷତିପୂରଣ



ପ୍ରଦାନ ସହ ତାଙ୍କ ଘର ତିଆରି କରାଯାଉ ବୋଲି ଦାବି ହୋଇଥିଲା। ଘର ତିଆରି ସରିବା ପର୍ଯ୍ୟନ୍ତ ତାଙ୍କ ରହିବା ଖାଇବାର ବ୍ୟବସ୍ଥା କରାଯାଉ। ତା ସହ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇ ବନହରପାଲି ପୋଖରୀରେ ବାରମ୍ବାର ପାଉଁଶ ପାଣି ପଶି ଜଳ ପ୍ରଦୂଷଣ ହୋଇଥିବାରୁ ପୋଖରୀ ସଫା କରିବାକୁ ମଧ୍ୟ ଦାବି କରାଯାଇଥିଲା। ଏସମସ୍ତ ଦାବି ଗୁଡ଼ିକୁ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ଓପିଜିସିର ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ଅପରାହ୍ଣରୁ ପାଉଁଶ ପଡ଼ିଥିବା ସ୍ଥାନ ଗୁଡିକୁ ସଫା କରିବା ଆରମ୍ଭ ହୋଇଥିବା ଓପିଜିସି ଲୋକ ସମ୍ପର୍କ ଅଧିକାରୀ ହିମାଂଶୁ ବେହେରାଙ୍କ ଠାରୁ ପ୍ରକାଶ। ପ୍ରଦୂଷଣ ବୋର୍ଡ ଏହା ଉପରେ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଲୋକ ଚର୍ଚ୍ଚା କରିଛନ୍ତି।

# ବାବା ବିଶାଶହେ କୁଳିତା ସମାଜର ନୂତନ ସଭାପତି

**ଝାରସୁଗୁଡ଼ା, ୧୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲାର କୁଳିତା ସମାଜର କାର୍ଯ୍ୟକାରୀ କମିଟିର ଉପସଭାପତି ହେମ ପ୍ରଧାନଙ୍କ ସଭାପତିତ୍ୱରେ କଦେଲପିଟା ପୀଠ ରାମଚଣ୍ଡୀ ମନ୍ଦିରରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ସମାଜର ଝାରସୁଗୁଡ଼ା ଜିଲ୍ଲାର ନିର୍ବାଚିତ ସଭାପତି ରାଧାକାନ୍ତ ସା ଇସ୍ତଫା ଦେଲା ପରେ ଆଜିର ସଭା ଡକା ଯାଇଥିଲା। ସଭାରେ ସର୍ବ ସହମତି କ୍ରମେ ଜିଲ୍ଲାର ଉପସଭାପତି ଥିବା ହେମ ପ୍ରଧାନଙ୍କୁ ଭାରପ୍ରାପ୍ତ ସଭାପତି ରୂପେ ମନୋନୀତ କରାଯାଇଛି। ଅବଶିଷ୍ଟ କାର୍ଯ୍ୟକଳ ପାଇଁ ସେ



ସଭାପତି କାର୍ଯ୍ୟାଭାର ସମ୍ଭାଳିବେ। ସଭାରେ ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ ସାହୁ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଧକ ଲଲାଟ ବିଶ୍ୱାଳ, କଦେଲପିଠା ପୀଠ ସଭାପତି ଖିରୋଦ ପ୍ରଧାନ, କଦେଲପୀଠ ପୀଠ ସମ୍ପାଦକ ରମେଶ ସା, ଜଗଦୀଶ ପ୍ରଧାନ, ପୀଠ କମିଟିର କୋଷାଧ୍ୟକ୍ଷ ନିରାକାର ବଡ୍ଡାଇ, ରାଜେନ୍ଦ୍ର ଭୋଇ, ଖଗେଶ୍ୱର ପ୍ରଧାନ, ତେଜରାମ ପ୍ରଧାନ ଧୂଲୁଣ୍ଡା ଗୁଡି ସଭାପତି କୃପାସିନ୍ଧୁ ବିଶ୍ୱାଳ, ପୀଥେଣ୍ଡା ଗୁଡି ସଭାପତି ଲକ୍ଷ୍ମଣ ଦେହେରୀ, କନକତୁରା ସଭାପତି ବିରାଟ ବିଶ୍ୱାଳ, ବାଦିମାଲ ସଭାପତି ଦିଲୀପ ଭୋଇ, କଣ୍ଟାପାଲି ସଭାପତି ନିତ୍ୟାନନ୍ଦ ନାୟକ, ଭାନୁରଖୋଲ ସଭାପତି ଦୋଲଗୋବିନ୍ଦ ବିଶ୍ୱାଳ, ବାଗମୁଣ୍ଡା ସଭାପତି ନାରାୟଣ ଖମାରି, ବରଡାପ ସଭାପତି ଟିକନାଥ ବଡ୍ଡାଇ, ପୂର୍ବତନ କଦେଲପିଠା ପୀଠ ସମ୍ପାଦକ ଡିଲେଶ୍ୱର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଚକାନନ୍ଦ ସା, ସତ୍ୟାନନ୍ଦ ସାହୁଙ୍କ ସମେତ ସମାଜର ସଦସ୍ୟ ଉପସ୍ଥିତ ଥିଲେ। ଜିଲ୍ଲାର ସମ୍ପାଦକ ନରୋତ୍ତମ ପଧାନସଭା ପରିଚାଳନା କରିଥିଲେ। ଶେଷରେ କଦେଲପିଟା ପୀଠ ସମ୍ପାଦକ ରମେଶ ସା ଧନ୍ୟବାଦ ଦେଇଥିଲେ।

# ଇଂରାଜୀ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଝାରସୁଗୁଡ଼ା, ୧୭।୧୧(ସମିସ):** ପିଏମ୍‌ଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡ ଠାରେ ସିଲ୍ଟ ଭୁବନେଶ୍ୱର ଓ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ବ୍ଲକ ସ୍ତରୀୟ ୫ ଦିନିଆ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଇଂରାଜୀ ଭାଷା ଦକ୍ଷତା ବୃଦ୍ଧି ତଥା ଇଂରାଜୀ ଭାଷା ଶିକ୍ଷାଦାନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦଯାପନୀ ସମାରୋହରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଲ୍ଟ ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶିକା ଡ.ଅମ୍ରିତା ପ୍ରୀତିନନ୍ଦା ବିଶିଷ୍ଟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ସହକାରୀ ଶିକ୍ଷକ କୁଶ ସା ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ, ଶଶିଭୂଷଣ ହୋତା, ଡ.ଲଳିନ୍ଦ୍ର ଅମାତ୍ ଓ ସତ୍ୟପ୍ରିୟ ପଟେଲଙ୍କୁ ସିଲ୍ଟ, ଭୁବନେଶ୍ୱର ଦ୍ୱାରା ସାଧନକର୍ମୀ ଭାବେ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ଦ୍ୱାରା ଇଂରାଜୀ ପଢ଼ାଇବା ପାଇଁ ନୂଆ ନୂଆ ପଦ୍ଧତି, ଶିକ୍ଷଣ ସାମଗ୍ରୀ ଓ ଶ୍ରେଣୀ ଆଧାରିତ କାର୍ଯ୍ୟକଳାପ ପ୍ରଦର୍ଶିତ ହେବା ସହିତ ଗୋଷ୍ଠୀ ଚର୍ଚ୍ଚା ଓ ଡେମୋ କ୍ଲାସ୍ ଆୟୋଜିତ ହୋଇଥିଲା। ଲଖନପୁର ବ୍ଲକ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଝାରସୁଗୁଡ଼ା ଡିଏଭିର ଶିଶୁ ମହୋତ୍ସବ ଉଦ୍‌ଯାପିତ




**ଝାରସୁଗୁଡ଼ା, ୧୭।୧୧ (ସମିସ):** ଝାରସୁଗୁଡ଼ା ଡିଏଭିର ତ୍ରିଦିବସୀୟ ଶିଶୁ ମହୋତ୍ସବ 'ଚିଲଡ୍ରେନ ଫେଷ୍ଟ' ବିଧିବଦ୍ଧ ଭାବେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଓଡ଼ିଶା ଜୋନର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜରାଜନଗର ହିଲଟପ କଲୋନୀ ଡିଏଭି ଅଧ୍ୟକ୍ଷ ଚିନ୍ମୟ ମହାପାତ୍ର, ବନ୍ଧବାହାଲ ଡିଏଭି ଅଧ୍ୟକ୍ଷ ପ୍ରଦୀପ ହୋତା, ଇବଭ୍ୟାଲି ଡିଏଭି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା ସମିତି ସଭ୍ୟ ତଥା ବରିଷ୍ଠ ଆଇନଜ୍ଞ ତାପସରାୟ ଚୌଧୁରୀ ଓ ଅବସରପ୍ରାପ୍ତ ପ୍ରଫେସର ସତୀଶ ପଟେଲଙ୍କ ସମେତ ବିଶ୍ୱଜିତ ଖମାରୀ, ନରେନ୍ଦ୍ର ପଣ୍ଡା, ଟହଲୁ ସାହୁ, ସରୋଜ କୁଅଁର ପ୍ରମୁଖ ଅବସରପ୍ରାପ୍ତ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ସେହିପରି ଦିଲ୍ଲୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସୁଜାତା ଲେଙ୍କା, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ହରିଲାଲ ପ୍ରଧାନ, ହଂସାମୁରା କଣ୍ଟାପାଲି ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ସ୍ଥାପନା ସଭ୍ୟ ବାଳ ଗୋବିନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଅତିଥିବର୍ଗଙ୍କ ସ୍ୱାଗତ ଓ ପରିଚୟ କରିଥିଲେ। ସାହିତ୍ୟ ସମ୍ମିଳନୀରେ ଓଡ଼ିଆ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟା ତଥା ଆକାଶବାଣୀ ଉଦଘୋଷିକା ତଥା ସାହିତ୍ୟିକା ଶିବପ୍ରିୟା ମିଶ୍ର, ଅବସରପ୍ରାପ୍ତ ରିଡର ବିଶ୍ୱଜିତ ଖମାରୀ ଓ ଅଧ୍ୟାପିକା ମୀନା ସୋନୀ ଯୋଗ ଦେଇଥିଲେ। ଦଳଗତ ନୃତ୍ୟ ପ୍ରଦର୍ଶନ ଲାଗି ବରରୁଚି ଓ ଭବଭୂତି ହାଉସକୁ ପୁରସ୍କୃତ କରାଯାଇଥିଲା। ଅଲେଖ ବିହାରୀ ସାହୁ, ଡ.ମଞ୍ଜୁଶ୍ରୀ ବେହୁରା, ଅଞ୍ଜଳି ବାଲ ସୁବ୍ରମନ୍ୟନ, ସୁକନ୍ୟା ମହାପାତ୍ର, ମନିଷା ଚାନ୍ଦ, ନିଳୀମା ପଟେଲ, ରାହାସ ବିହାରୀ ଦାଶ ସଭା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯଶ ସକସେନାଙ୍କୁ ସ୍ପେଶାଲ ଅୱାର୍ଡ, ସବିତା ଭୂୟାଁଙ୍କୁ ବେଷ୍ଟ ସିଙ୍ଗର, ସାଇଶ୍ରୀ ସାମନ୍ତରାୟଙ୍କୁ ବେଷ୍ଟ ଡ୍ୟାନସର, ଦେବାଂଶୀ ଚାନ୍ଦଙ୍କୁ ବେଷ୍ଟ ଏଣ୍ଟରଟେନର, ଆଦୃତି ରାଉତରାୟଙ୍କୁ ବେଷ୍ଟ କଷ୍ଟ୍ୟୁମ, ଆଦ୍ୟା ଅନୁଶ୍ରୀ ସାହୁଙ୍କୁ ବେଷ୍ଟ ପ୍ରପ ଓ ସମାଇରା ପାଢ଼ୀଙ୍କୁ ବେଷ୍ଟ ଥିମ ଅୱାର୍ଡ ପ୍ରଦାନ କରାଯାଇଥିଲା।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୧୭।୧୧ (ସମିସ):** ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ପିତାମାତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ଝାରସୁଗୁଡ଼ାର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ତଥା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ରାଜେନ୍ଦ୍ର ଦାସ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଜିଲ୍ଲାର ବରିଷ୍ଠ ନାଗରିକ ସଂଘ ଏବଂ ବରିଷ୍ଠ ନାଗରିକ କଲ୍ୟାଣ ସମିତିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ବିରାଟ ଗୋପଲୀଳା ଯାତ୍ରା ପ୍ରସ୍ତୁତି ବୈଠକ



**ଝାରସୁଗୁଡ଼ା, ୧୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ଡିଗ୍ରିପଡ଼ା ଠରକଶପୁର ଠାରେ ଆୟୋଜିତ ହେବାକୁ ଥିବା ୭୦ତମ ବିରାଟ ଗୋପଲୀଳା ଯାତ୍ରାକୁ ନେଇ ଗାଁରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯାତ୍ରା କମିଟିର ସଦସ୍ୟ ଯାତ୍ରାକୁ ଏବର୍ଷ କିପରି ଆହୁରି ଆକର୍ଷଣୀୟ କରାଯାଇପାରିବ ତାକୁ ନେଇ ଆଲୋଚନା କରିଥିଲେ। ଆସନ୍ତା ନଭେମ୍ବର ୨୯ ତାରିଖ ସନ୍ଧ୍ୟାରେ ଶୁଭ ଖୁଣ୍ଟି ସ୍ଥାପନ, ୩୦ ତାରିଖ ସଂଧ୍ୟାରେ ଘଟ ସ୍ଥାପନ, ଯାତ୍ରା ଅଧିବାସ ଓ ଭଜନ କୀର୍ତ୍ତନ, ଡିସେମ୍ବର ୧ ତାରିଖ ଦିବା ୧ଟାରୁ ନନ୍ଦ ମହାରାଜାଙ୍କ ଗିରି ଗୋବର୍ଦ୍ଧନ ପୂଜା, ନଗର ପରିକ୍ରମା ସହ ଝୁମେର ନାଚ, ୨ ତାରିଖରେ ଗୋପଲୀଳା ଯାତ୍ରା, ନାବକେଳି, କଂସ ଦରବାର ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତ୍ରିରେ ବୀଣାପାଣି ନାଟ୍ୟ କଳାପରିଷଦ ଡିଗ୍ରୀପଡ଼ା ଏବଂ ଜୟ ହିନ୍ଦ ନାଟ୍ୟ ସଙ୍ଘ ପକ୍ଷରୁ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି। ବୁଧବାର ସକାଳ ୮ଟା ସମୟରେ ଯାତ୍ରା ଉଦ୍‌ଯାପିତ ହେବ। ପ୍ରସ୍ତୁତି ବୈଠକରେ ଯାତ୍ରା କମିଟିର ସଭାପତି ରାଜେଶ ପ୍ରଧାନ, ସେକ୍ରେଟାରୀ ସ୍ୱପ୍ନେଶ୍ୱର ଭୋଇ, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ଭୋଇଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଶିକ୍ଷା ସଚେତନତା ଶିବିର

**ଝାରସୁଗୁଡ଼ା, ୧୭।୧୧(ସମିସ):** ଶିଶୁଙ୍କ ଶୈକ୍ଷିକ ସ୍ତରର ମାନ ବୃଦ୍ଧି ପାଇଁ ଶତାଧିକ ପିତା ମାତାଙ୍କୁ ନେଇ ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ଦିନିକିଆ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ମମତା ସିଂହ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝୀ ଓ କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ ମଞ୍ଚାସୀନ ଥିଲେ। ଶିକ୍ଷାର ପ୍ରସାର ପାଇଁ ମା' ମାନଙ୍କର ଭୂମିକା ଅଧିକ ଗୁରୁତ୍ୱ ପୂର୍ଣ୍ଣ ବୋଲି ଶିବିରରେ ଚନ୍ଦ୍ରକାନ୍ତ ମହାରଣା ଓ ଅଜିତ୍ ମେହର ନିଜର ମନ୍ତବ୍ୟ ରଖିଥିଲେ। ଅଭିଭାବିକା ଭୂମି ସୂତା ବେହେରା, ମଧୁସ୍ମିତା ନାଏକ, ଗାୟତ୍ରୀ ମାଝୀ, ପଲ୍ଲିଶ୍ରୀ ନାଏକ, ଗୀତାଞ୍ଜଳୀ ନାଏକ, ମୀରାନଈ, ପୂର୍ଣ୍ଣିମା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଶିଶୁ ଭଉଣୀଙ୍କର ନିଶ୍ଚିନ୍ତ ଭାବେ ସୁକନ୍ୟା ଯୋଜନା କରାଯିବ ବୋଲି ପ୍ରସ୍ତାବ ରଖା ଯାଇଥିଲା। ଶେଷରେ ବୀଣାପାଣି ପ୍ରଧାନ ଧନ୍ୟବାଦ ଦେଇଥିଲେ।



# ପଞ୍ଚଗାଁ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ଝାରସୁଗୁଡ଼ା, ୧୭।୧୧(ସମିସ):** ପଞ୍ଚଗାଁ ସରସ୍ୱତୀ ଶିଶୁମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଟିଆରଏଲ କ୍ରୋସାକୀ ବେଳପାହାରର ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ସୁଶାନ୍ତ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିଆରଏଲ କ୍ରୋସାକୀର ସନ୍ତୋଷ ମିଶ୍ର, ଅତୁଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ବେଲପାହାଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାପକ ନଗେନ୍ଦ୍ର ନାଏକ ମଞ୍ଚାସୀନ ଥିଲେ। ସମ୍ପାଦକ ସୁଶାନ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ସନ୍ତୋଷ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମୁରଲୀଧର ବିଶ୍ୱାଳ ଅଭିଭାଷଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁମା ଶୀତଳ ଦରଜି ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସରବାହାଲ ଶିଶୁମନ୍ଦିରରେ ସୁକନ୍ୟା ଓ ସୁପୁତ୍ର ପ୍ରତିଯୋଗିତା

**ଝାରସୁଗୁଡ଼ା, ୧୭।୧୧(ସମିସ):** ଝାରସୁଗୁଡ଼ା ସରବାହାଲ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ମାର୍ଗଶିର ମାସ ଗୁରୁବାର ଲକ୍ଷ୍ମୀପୂଜା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ପାଇଁ ସୁକନ୍ୟା ସୁପୁତ୍ର ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଡ.ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ, ଅଶୋକ ସାକୁନିଆ, ପ୍ରଧାନଆଚାର୍ଯ୍ୟ ବିଜୟ ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ନିମନ୍ତେ ଝୋଟି, ହୁଳହୁଳି, ଶଙ୍ଖ ଫୁଙ୍କିବା, ଧୋତି ପିନ୍ଧିବା ଇତ୍ୟାଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ମୋଟ ୩୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର, ମମତା ରାଉଳ, କବିତା ପଟେଲ, ତେଜରାଜ ସାହୁ, ମିନାକ୍ଷୀ ପଣ୍ଡା, ସରିତା ପଣ୍ଡା, ପିଙ୍କି ବରାଳ, ମିଲାରାଣୀ ବାରିକ, ଉର୍ମିଳା ସେନାପତି, ମିଲି ପଟେଲ, ସୁପ୍ରଭା ସେଟ୍ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁମା ସଂଯୁକ୍ତା ସିଂ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



# ଯୁଗ୍ମ ଜନଅଭିଯୋଗ ଶୁଣାଣି

ଝାରସୁଗୁଡ଼ା/କିର୍ମିରା, ୧୭।୧୧(ସମିସ)

ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରୁତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୪ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୮ଟି ସାମୂହିକ ଓ ୧୬ଟି ବ୍ୟକ୍ତିଗତ। ଉଚ୍ଚଶିକ୍ଷା ନିମନ୍ତେ ସରକାରୀ ସହାୟତା, ନୂତନ ବିଦ୍ୟୁତ୍ ସଂଯୋଗ, ଜମି ବିବାଦ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଭୀମଜୋରରୁ ପାନପାଲି ଦେଇ ଝାରସୁଗୁଡ଼ା, ସନ୍ଧ୍ୟା ସମୟରେ କିର୍ମିରାରୁ ଝାରସୁଗୁଡ଼ା, ନାଚେନଡିହି ଗାଁକୁ ଲକ୍ଷ୍ମୀ ବସ୍ ଚାଲିବା, ଧୁତୁରା ମୁଖ୍ୟରାସ୍ତା ମରାମତି, ଭାଲୁପତ୍ରା କ୍ଲବ୍ ଛକରୁ ହରିଜନ ପଡ଼ା ଗାଧୁଆ କଟା ପର୍ଯ୍ୟନ୍ତ ରାସ୍ତାକୁ ଓସାରିଆ କରିବା, ନାଚେନଡିହି ଗାଁ ବଡ କଟାର ପଙ୍କ ଉଦ୍ଧାର ଏପରି ଅନେକ ଅଭିଯୋଗ



ଶୁଣାଣି ହୋଇଥିଲା। ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡା, ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, ବିଡିଓ ଅଭିନାଶ ଲାକ୍ରା, ତହସିଲଦାର ସଞ୍ଜିବକୁଲୁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ବ୍ଲକ କୃଷି ଅଧିକାରୀ ସୀମା ଚୌଧୁରୀ, ଲଇକେରା ଥାନା ଅଧିକାରୀ ଦିଲିପ ବେହେରାଙ୍କ ସମେତ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

**ଦେବଗଡ଼:** ରିଆମାଳ ବ୍ଲକ ଉଟୁଣିଆ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୩୬ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୨୨ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି କଙ୍କ୍ରିଟରାସ୍ତା, କମ୍ୟୁନିଟି ହଲ୍, ଷ୍ଟ୍ରିଟ ଲାଇଟ୍ ଓ ନୂତନ ଧାନ ମଣ୍ଡି ଖୋଲିବା ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବନ୍ଧପାଲିରେ ଜାତୀୟ ଶିକ୍ଷା ଦିବସ



**ବରପାଲି, ମହଦା, ୧୭।୧୧(ସମିସ):** ବରପାଲି ବ୍ଲକ ବନ୍ଧପାଲି ପଞ୍ଚାୟତ ଲଳିତା ଦେବୀ ହାଇସ୍କୁଲ ପରିସରରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ମମତା ହେଲ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମଦର୍ ଆଣ୍ଡ ଚାଇଲ୍ଡ, ବରଗଡ଼ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ବିଶେଷ ଭାବେ କନ୍ୟାଶିକ୍ଷା ପ୍ରଚାର ଓ ଡ୍ରପ୍‌ଆଉଟ୍ ହାରକୁ କମେଇବା କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ରହିଥିଲା। ଜିଲ୍ଲା ସମନ୍ୱୟକାରୀ ଅଦିତି ଜାନା, ବ୍ଲକ ସୁପରଭାଇଜର୍ ସୌମ୍ୟରଞ୍ଜନ ବାରିକ ଓ ଯଶୋବନ୍ତ ପୂଜାରୀ, ସହିତ ଆଉଟ୍ ରିଚ୍ କର୍ମୀ ଅଲୋକ୍ ମେହେର, ମୁକେଶ ଚୋହାନ, ଜିବରଧନ ସାହା, ଘନଶ୍ୟାମ ଭୋଇ ଏବଂ କ୍ଷୀରସିନ୍ଧୁ ଭୋଇ ଓ ପ୍ରହ୍ଲାଦ ପାଣିଗ୍ରାହୀ ଓ ମହାଦେବ ଭୁଏ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ୍‌ର ୮ମ, ୯ମ ଓ ୧୦ମ ଶ୍ରେଣୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହାଛଡା ସ୍କୁଲର ଛାତ୍ରଛାତ୍ରୀ କନ୍ୟା ଶିକ୍ଷାର ଗୁରୁତ୍ୱ ଓ ଡ୍ରପ୍‌ଆଉଟ୍ ହାର କମ କରିବା ପାଇଁ ବିଭିନ୍ନ ରଣନୀତି ଆଧାରିତ ପ୍ରଭାବଶାଳୀ ରୋଲପ୍ଲେ ମାନ ପ୍ରଦର୍ଶନ କରିଥିଲେ।

# ସୂଚନା ମାଗିବାରୁ କ୍ରପ କଟିଂ ନ କରି ଫେରିଗଲେ କର୍ମଚାରୀ

**ବିଜେପୁର, ୧୭।୧୧(ସମିସ)**



ଚାଷୀ ବିଭିନ୍ନ କ୍ଷେତ୍ରରେ ବାରମ୍ବାର ପ୍ରତାରଣାର ଶିକାର ହେଉଥିବା ବେଳେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ତାଳପଦର ପଞ୍ଚାୟତ ଅଞ୍ଚଳର ଚାଷୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ସୋମବାର କ୍ରପ କଟିଂ ପାଇଁ କମ୍ପାନୀ ଓ ରାଜସ୍ୱ କର୍ମଚାରୀ ତାଳପଦର ଗାଁକୁ ଆସିଥିଲେ। ସ୍ଥାନୀୟ ଚାଷୀ ସେମାନଙ୍କୁ ଘେରିବା ସହିତ ଗତ ଖରିଫ ସମୟର ପ୍ରତାରଣା ସଙ୍କ୍ରାନ୍ତରେ ପ୍ରଶ୍ନ କରିଥିଲେ। ପ୍ରକାଶ ଯେ, ଗତ ଖରିଫ ସମୟରେ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲା। ଫଳରେ ବ୍ୟାପକ ମାତ୍ରାରେ ଚାଷୀଙ୍କ ଫସଲ ନଷ୍ଟ ହୋଇଥିଲା। ଶସ୍ୟ ହାନୀର ତଦନ୍ତ କରିବା ସହିତ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ଜିଲ୍ଲାପାଳ, ତସସିଲଦାର ପ୍ରମୁଖଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଭିଏଡବ୍ଲ୍ୟୁ, ଏଆରଆଇ ପ୍ରମୁଖ ପ୍ଲଟ ଚେକିଂ କରିଥିଲେ। କିନ୍ତୁ ବୀମା କର୍ମଚାରୀ ୨ଟି ପ୍ଲଟକୁ କ୍ରପ କଟିଂ କରି ବୀମା ଦିଆଯିବ ବୋଲି ସୂଚନା ଦେଇ ଜାଣିଶୁଣି ଆଉ ୨ଟି ପ୍ଲଟ୍‌କୁ ଆସି ନ ଥିଲେ। ଅନେକ କ୍ଷତିଗ୍ରସ୍ତ ଚାଷୀ ଏ ସଙ୍କ୍ରାନ୍ତରେ କୌଣସି ସୂଚନା ମଧ୍ୟ ପାଇ ନ ଥିଲେ। କ୍ଷତି ପୂରଣ ଦେବାକୁ ପଡ଼ିବ ବୋଲି ଜାଣିଶୁଣି କମ୍ପାନୀ ପ୍ରତାରଣା କରିଥିବା ଭଳି ଗୁରୁତର ଅଭିଯୋଗ ହୋଇଥିଲା। ଆଜି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରେମାନନ୍ଦ ସାହୁ, କମ୍ପାନୀ କର୍ମଚାରୀ ଲାଲେଶ୍ୱର ମାଝୀ ପ୍ରମୁଖ କ୍ରପ କଟିଂ ପାଇଁ ତାଳପଦର ଗାଁକୁ ଆସିଥିଲେ। ଖବର ପାଇ ଚାଷୀ ଗତ ବର୍ଷର ସୂଚନା ମାଗିଥିଲେ। ଏହାସହ ସୂଚନା ଦେବା ପରେ ହିଁ କ୍ରପ କଟିଂ କରିବେ ବୋଲି ଦାବି ରଖିଥିଲେ। ଘଟଣା ଜଟିଳ ହେବାରୁ ଖବର ପାଇ ବିଜେପୁର ଅତିରିକ୍ତ ତହସିଲଦାର ଜ୍ୟୋତିପ୍ରକାଶ ପ୍ରଧାନ, ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି ଘଟଣା ସ୍ଥଳରେ ପହଞ୍ଚିଥିଲେ। କ୍ଷିରୋଦ୍ର ସାହୁ, ଶିବ ସାହୁ, କ୍ଷୀରସିନ୍ଧୁ ପ୍ରଧାନ, ଆଶୋକ ପ୍ରଧାନ, ମନବୋଧ ପ୍ରଧାନ, ସୁବ୍ରତ ପ୍ରଧାନ, ମୁକେଶ ସାହୁଙ୍କ ସମେତ ଅନେକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଲିଖିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଗତ ଖରିଫ ସମୟର ଶସ୍ୟ ବୀମା ସୂଚନା ଶୀଘ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ସୂଚନା ପ୍ରଦାନ ନ କଲେ କ୍ରପ କଟିଂ ହେବ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ଫଳରେ କ୍ରପ କଟିଂ ନ କରି କର୍ମଚାରୀ ମାନେ ଫେରି ଯାଇଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜିଲ୍ଲାର ୪ ବିଧାୟକ



**ବରଗଡ଼, ୧୭।୧୧(ସମିସ):** ବରଗଡ଼ ଜିଲ୍ଲାର ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଓ ସେମାନଙ୍କ କଲ୍ୟାଣ ପାଇଁ ବରଗଡ଼ ଜିଲ୍ଲାର ବିଧାୟକ ମାନେ ଆଗେଇ ଆସିଛନ୍ତି। ଜିଲ୍ଲାର ୪ ଜଣ ଯାକ ବିଧାୟକ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଜିଲ୍ଲାର ଚାଷୀଙ୍କ ସ୍ୱାର୍ଥନେଇ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ବିଧାୟକ ମାନେ ଚାଷୀଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ମଧ ବାରମ୍ବାର କହିଛନ୍ତି ଯେ କୌଣସି ପ୍ରକୃତ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ ନାହିଁ। ଚାଷୀଙ୍କର ସ୍ୱାର୍ଥରକ୍ଷା ହେଉଛି ରାଜ୍ୟ ସରକାରଙ୍କର ସବୁଠାରୁ ପ୍ରମୁଖ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବରଗଡ଼ ଜିଲ୍ଲା ସହିତ ରାଜ୍ୟର ସବୁ ଅଞ୍ଚଳର ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରାଯାଇ

## ଚାଷୀଙ୍କ କଲ୍ୟାଣ ସମ୍ପର୍କରେ ଆଲୋଚନା

ସରକାରଙ୍କ ସମସ୍ତ ବିକାଶ ଓ କଲ୍ୟାଣ ମୂଳକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଅଧିକାରୀ ମାନଙ୍କୁ ଏହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ବିଜେପୁର ବିଧାୟକ ସନତ୍ ଗଡ଼ତିଆ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭେଡେନ ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ଭେଡେନ, ୧୭।୧୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବ୍ଲକର ବିଭିନ୍ନ ଗାଁରୁ ୨୭ଟି ସାମୂହିକ ଓ ୭୮ଟି ବ୍ୟକ୍ତିଗତ ମୋଟ ୧୦୫ଟି ଅଭିଯୋଗ ଗୁଡିକର ଜନଶୁଣାଣି କରିଥିଲେ। ସେଥିମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ଶୁଣାଣି କରିବା ସହିତ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ସିଡିଓ ଲଲାଟ ଲୁହା, ବରଗଡ଼ ଏସପି ପ୍ରହ୍ଲାଦ ଏସ ମିନା, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ସିଡିଏମଓ ଡାକୁବେର ଚନ୍ଦ୍ର ମହନ୍ତଙ୍କ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଜଙ୍ଗଲ, ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ, ଅବକାରୀ ବିଭାଗ, ପଶୁ ଉନ୍ନୟନ ଆଦି ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହାସହ ବରଗଡ଼ ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ଭେଡେନ ବିଡିଓ କର୍ଣ୍ଣ ସୁନା, ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ବିଏସଏସଓ ଚକ୍ରପାଣି ଦାଶଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସମସ୍ୟା ସମାଧାନ ଶିଘ୍ର କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

**ପଦ୍ମପୁର, ୧୭।୧୧(ସମିସ):** ପଦ୍ମପୁର ଅଶୋକ ପଡ଼ିଆରେ ଅନୁଷ୍ଠିତ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସରେ କୃଷି ଯନ୍ତ୍ରପାତି ଉପରେ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଠଶାଳାରେ ପଦ୍ମପୁର ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା ଚାଷୀଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଶୁସେନ ମିର୍ଦ୍ଧା, ଜିଲ୍ଲା କୃଷି ବିଭାଗର ଡ.ଅଞ୍ଜନ ନାଏକ, ସୁପ୍ରିୟା ସାହୁ, ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ, ପଦ୍ମପୁର ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ସୁଜାତା ସ୍ନେହାଙ୍କି ଇନ୍ଦୁଆର ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ଚାଷ ଯନ୍ତ୍ରପାତି ଉପଯୋଗ ସମ୍ପର୍କରେ କହିଥିଲେ। ଏହି ଅବସରରେ ଚାଷୀ ବିଜେପୁର ବ୍ଲକର ପୂର୍ଣ୍ଣବାସୀ ପ୍ରଧାନ ଓ ସୋହେଲା ବ୍ଲକର ପ୍ରଭାସ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

# ସ୍ୱଚ୍ଛତା ବାର୍ତ୍ତା ଦେଲେ ଶକ୍ତିନଗର ପଡ଼ାବାସୀ

**ବରଗଡ଼, ୧୭।୧୧(ସମିସ):** ସ୍ୱଚ୍ଛ ଭାରତ ମିଶନ କ୍ରମରେ ବରଗଡ଼ ୱାର୍ଡ ନମ୍ବର ୧୧ ଶକ୍ତିନଗର କାଉନସିଲର ସୁନନ୍ଦା ପଣ୍ଡାଙ୍କ ନେତୃତ୍ୱରେ ସୁଜ୍ଞାନ କୋଚିଂ ସେଣ୍ଟରର ଛାତ୍ରଛାତ୍ରୀ ଅଞ୍ଚଳକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ଘରକୁ ଘର ବୁଲି ସଚେତନତାର ବାର୍ତ୍ତା ଦେଇଛନ୍ତି। ଘରର ମଇଳା ଆବର୍ଜନାକୁ ରାସ୍ତାର ଏଣେ ତେଣେ ନ ଫୋପାଡି ମ୍ୟୁନିସିପାଲିଟିର ଗାଡିରେ ଦେବାକୁ ଅନୁରୋଧ କରିଥିଲେ। ଏଥିରେ ବରଗଡ଼ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ଶକ୍ତିନଗର ୟୁଥ୍ ଆସୋସିଏସନ୍‌ର ସଭାପତି ମାନସ ଚାନ୍ଦ, ସମ୍ପାଦକ ତୁଳସୀ ଚରଣ ଦାଶ, ଉପଦେଷ୍ଟା ସତ୍ୟ ନାରାୟଣ ପଣ୍ଡା, ରାକେଶ ନାଏକ, ଗୋପାଳ ମେହେର, ଟିଙ୍କୁ ନନ୍ଦ, ରୁନୁପମା ପ୍ରଧାନ, ଅଳକା ମେହେର, ସାଗରିକା ଦାଶ, ବୈଜୟନ୍ତୀ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଯକ୍ଷ୍ମାରୋଗୀଙ୍କୁ ପୌଷ୍ୟ ଗ୍ରହଣ ଅଭିଯାନ

**ବିଜେପୁର, ୧୭।୧୧(ସମିସ):** ପ୍ରଧାନମନ୍ତ୍ରୀ 'ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ' ଅନ୍ତର୍ଗତ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଯକ୍ଷ୍ମାରୋଗୀମାନଙ୍କୁ ପୌଷ୍ୟ ଗ୍ରହଣ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଯାଇଛି। ସ୍ୱାସ୍ଥ୍ୟ କର୍ମୀ, ଯକ୍ଷ୍ମା ବିଜେତା, ସ୍ୱେଚ୍ଛାସେବୀ, ଆଶା ଦିଦି ସମୂହ ଓ କଲେଜ ଛାତ୍ରୀମାନେ ଏଥିପାଇଁ ଆଗକୁ ଆସି ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଉଦ୍ୟମରେ ସ୍ୱାସ୍ଥ୍ୟ ପରିଦର୍ଶକ ପୁରୁଷ ଅମିତ ସାହୁ, ରଞ୍ଜିତ ବେହେରା, ନବ ବାରିକ, ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳୀ ଦାଶ, ସଂଯୁକ୍ତା ଷଡ଼ଙ୍ଗୀ, ସ୍ମୃତିମୟୀ ପଣ୍ଡା, ନିୟତି ଗିରି, ହେମଲତା ମିଶ୍ର, କୁନ୍ତଳା ମହାଲିକ, ସୁଜାତା ପଧାନ, ଜୟା ବିଶି, ଅଞ୍ଜୁଳତା ଦାଶ, ସୁବଳୟା ସା, ବିଜୟିନୀ ସି, ମନ୍ଦାକିନୀ ସାହୁ, ଶକୁନ୍ତଳା ବରିହା, ଉମାକାନ୍ତ ସାହୁ, ସୁନୀତି କୁମ୍ଭାର, ସ୍ମିତା କବିତା ଲୁଗୁନ, ତପନ ସାହୁ, ତାରାଚାନ୍ଦ ମେହେର, ରକ୍ତ ପରୀକ୍ଷକ ପ୍ରଦୀପ ରାଉତ, ବାସନ୍ତୀ ବାରିକ, ରାଜେଶ ପ୍ରଧାନ, ଅନିତା ବିଶି, ନାରାୟଣ ପାଢ଼ୀ, କ୍ଷୀରୋଦ୍ର ସାହୁ, କୁନା ମେହେର, କୈଳାଶ ଭୁଏ, ପ୍ରମୋଦ ମେହେର, ପ୍ରେମାନନ୍ଦ ଗୁରୁ, ସାବିତ୍ରୀ ମେହେର, ଭୂମିସୁତା ପଧାନ, କଦମ୍ବିନୀ ଲୁହା ପ୍ରମୁଖ ଯୋଗ ଦେଇଥିଲେ। ଯକ୍ଷ୍ମାରୋଗୀମାନଙ୍କୁ ଖାଦ୍ୟ ସମୂହ କିଟ୍ ବ୍ୟାଗ ପ୍ରଦାନ କରିଥିଲେ। ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ.ସୁଶାନ୍ତ ମେହେର ସମସ୍ତ ନିକ୍ଷୟ ମିତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ଦେବାଶିଷ ଦେବତା, ରୁଦ୍ରଦେବ ଡନସନା, ବିଜୟ ସରାଫ, ବାଳଗୋପାଳ ପଣ୍ଡା ପ୍ରମୁଖ 'ଯକ୍ଷ୍ମା ମୁକ୍ତ ଭାରତ' ପାଇଁ ଆହ୍ୱାନ ଜଣାଇଥିଲେ।

## ସେବା ନାଁରେ ଲୁଟ୍

# କ୍ୱାକ୍ ହାତରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା



**ପଦ୍ମପୁର/ଦହିତା, ୧୭।୧୧ (ସମିସ):** ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବା ନାଁରେ ବିପୁଳ ଟଙ୍କା ଖର୍ଚ୍ଚ କରିବା ସହିତ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଡିଣ୍ଡିମ ପିଟୁଛନ୍ତି। ହେଲେ ଆବଶ୍ୟକ ଡାକ୍ତର ଅଭାବ ଯୋଗୁଁ ଆଜି ବି ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ରହୁଥିବା ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳରେ ଅନଭିଜ୍ଞ କ୍ୱାକ୍ ମାନଙ୍କ ହାତରେ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଚାଲୁଛି। କ୍ୱାକ୍ ମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଅନେକ ସମୟରେ ରୋଗୀଙ୍କର ଅକାଳ ମୃତ୍ୟୁ ମଧ୍ୟ ହେଉଛି। ଏହାସତ୍ତ୍ୱେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ପଦ୍ମପୁର ଉପଖଣ୍ଡର ବିଶେଷ କରି ଉପାନ୍ତ ଅଞ୍ଚଳ ଜଗଦଲପୁର, ଲଖମରା, ଡଭା, ପଦ୍ମପୁର ଅଧୀନ ବୁଡେନ, ଦହିତା, ଟସର, ମାଣ୍ଡୋସିଲ ଆଦି ଅଞ୍ଚଳରେ ଏହି କ୍ୱାକ୍ ମାନଙ୍କ ଦୌରାତ୍ମ୍ୟରେ ଜନସାଧାରଣ ଅତିଷ୍ଠ ହୋଇପଡୁଛନ୍ତି। ପଦ୍ମପୁର ସହର ଆଖପାଖରେ ମଧ ଏହି କ୍ୱାକ୍ ମାନେ କ୍ଲିନିକ ଖୋଲି ରୋଗୀ ଚିକିତ୍ସା କରୁଛନ୍ତି। ବର୍ତ୍ତମାନ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ସମେତ ଗ୍ରାମାଞ୍ଚଳର ଡାକ୍ତରଖାନାରେ ମଧ ଅଧାରୁ ଅଧିକ ଡାକ୍ତର ସମେତ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା କେତେ ଉତ୍ତମ ତାହା ସହଯେ ଅନୁମେୟ। ଆବଶ୍ୟକ ଡାକ୍ତର ଅଭାବ ଯୋଗୁଁ ରୋଗୀ ମାନେ ବାଧ ହୋଇ ଅନଭିଜ୍ଞ କ୍ୱାକ୍‌ଙ୍କ ଦ୍ୱାରସ୍ଥ ହୋଇ ଲୁଟର ଶିକାର ହେଉଛନ୍ତି। ଏପରିକି ଏହି କ୍ୱାକ୍ ମାନେ ନିଜକୁ ଅତି ଶିକ୍ଷିତ ଦେଖାଇ ବେଆଇନ ଗର୍ଭପାତ କରିବା ସହିତ ଗ୍ରାମାଞ୍ଚଳରେ ଥିବା ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରୁଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ଗଠନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମତ ପ୍ରକାଶ ପାଇଛି।

# ଧାନ କ୍ରୟବିକ୍ରୟ ପାଇଁ ଚାଷୀ ସଚେତନତା ଶିବିର

**ଥୁଆପାଲି, ୧୭।୧୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଝରାପାଲି ମାର୍କେଟ ୟାର୍ଡ ପରିସରରେ ଚଳିତ ଖରିଫ ଋତୁର କ୍ରୟବିକ୍ରୟ ପାଇଁ ଚାଷୀଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଝରାପାଲି ମାର୍କେଟର ସରକାର ଚିତ୍ତରଞ୍ଜନ ଆଚାର୍ଯ୍ୟ, ଭୀମସେନ ରଥ, ସଙ୍କ୍ରିଡା ପଣୀବ୍ୱର ସମ୍ପାଦକ ସୁବାଷ ଚନ୍ଦ୍ର ପୁରୋହିତ ଓ ସଙ୍କ୍ରିଡା ଅଞ୍ଚଳର ଭିଏବ୍ଲ୍ୟୁ ପଙ୍କଜିନୀ ପଣ୍ଡା ଯୋଗଦେଇ ଚଳିତ ଖରିଫ ଋତୁରେ କ୍ରୟ ବିକ୍ରୟ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ। ଚାଷୀ ଉନ୍ନତ ମାନର (ଏଫଏକ୍ୟୁ) ଧାନ ଆଣି ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ମୂଲ୍ୟ ପାଇବା ପାଇଁ ଆଲୋଚନା ହୋଇଥିଲା। ମାର୍କେଟ ୟାର୍ଡ ବିଳମ୍ବରେ ଖୋଲୁଥିବାରୁ ଚାଷୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କେତେକ ଚାଷୀଙ୍କ ଧାନ ଅମଳ ହୋଇ ସାରିଛି କିନ୍ତୁ ଧାନ ରଖିବା ପାଇଁ ଚାଷୀ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହ ସମୟରେ ମାର୍କେଟ କର୍ମଚାରୀ ଓ ପାକ୍ସ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ବୈଷ୍ଣବୀ ପ୍ରଥମ

**ଭଟଲି, ୧୭।୧୧(ସମିସ):** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ, ଭଟଲିର ଯୁକ୍ତ ଦୁଇ, ଦ୍ୱିତୀୟ ବର୍ଷ, କଳା ଛାତ୍ରୀ ବୈଷ୍ଣବୀ ବନଛୋର ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଲେଜ୍, କ୍ଲଷ୍ଟର୍, ବ୍ଲକ ଓ ଜିଲ୍ଲା ପ୍ରତ୍ୟେକ ସ୍ତରରୁ ସେ ପ୍ରଥମ ସ୍ଥାନରେ ଉନ୍ନୀତ ହେଲା ପରେ ଶେଷରେ ଭୁବନେଶ୍ୱରରେ ଆୟୋଜିତ 'ସୁରଭି'ର ସମଗ୍ର ରାଜ୍ୟସ୍ତରରେ ମଧ ପ୍ରଥମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ସୃଷ୍ଟି ଆଣିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ପରିବାର, ମହାବିଦ୍ୟାଳୟ, ଅଧ୍ୟାପକ, ଅଧ୍ୟାପିକା, ବନ୍ଧୁ ଓ ଆତ୍ମୀୟ ସ୍ୱଜନଙ୍କ ପ୍ରେରଣାକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅଞ୍ଚଳ ପାଇଁ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି। ତାଙ୍କ ନିକଟକୁ ଶୁଭ ଚିନ୍ତକ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶ ତଥା ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ବୈଷ୍ଣବୀ ବନଛୋରକୁ ସମ୍ବର୍ଦ୍ଧନା ଦିଆଯାଇଛି।



# ଆତ୍ମନିର୍ଭର ଭାରତ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୧୭।୧୧(ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଭାରତ ଆପ୍ ଡେଭ୍‌ଲପର ଆନୁକୂଲ୍ୟରେ ଆତ୍ମନିର୍ଭର ଭାରତ ସମ୍ପର୍କରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍ ସଭାକୁ ସମ୍ବୋଧିତ କରିଥିଲେ। ସଭାରେ ଭାରତ ଆପ୍ ଡେଭେଲପମେଣ୍ଟ ଦଳର ପ୍ରତିନିଧିମାନେ ଆପ୍ ସଫ୍ଟୱେରର ବୈଶିଷ୍ଟ୍ୟଗୁଡିକ ପ୍ରଦର୍ଶନ କରି ଆତ୍ମନିର୍ଭର ଭାରତ ମିଶନ ସହିତ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ପଙ୍କଜିନୀ ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁଯାତ୍ରା ମହୋତ୍ସବ କଳାକାର ଚୟନ ସମ୍ପନ୍ନ

**ବରଗଡ଼, ୧୭।୧୧(ସମିସ)**

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଆଗାମୀ ଡିସେମ୍ବର ୨୪ ତାରିଖ ଠାରୁ ଆରମ୍ଭ ହେବ। ଏଥିପାଇଁ ବିଗତ ୩ ଦିନ ଧରି ଚାଲିଥିଲା ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ପାଇଁ କଳାକାର ଚୟନ। ଦୀର୍ଘ ୧୧ ଦିନ ବ୍ୟାପୀ ଆସନ୍ତା ୨୦୨୬ ମସିହା ଜାନୁଆରୀ ମାସ ୩ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ତେବେ ଏଥର ମହୋତ୍ସବରେ ଅଭିନୟ ପାଇଁ କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା ଆଜି ଶେଷ ହୋଇଛି। କଂସ ମହାରାଜ ଭୂମିକା ପାଇଁ ୩୬ ଜଣ କଳାକାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ମଙ୍ଗଳବାର ଦିନ ୧୧ ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ମନୋନୀତ କଂସ ମହାରାଜଙ୍କ ନାମ ସହ ଅନ୍ୟ କଳାକାରଙ୍କ ନାମ ଘୋଷଣା କରିବେ। ଆଜି କଳାକାର ଚୟନ ଅନ୍ତିମ ଦିବସରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦେବକୀ, ନାରଦ, ଚାଣୁର, ମୁଷ୍ଟିକ, ସାର୍ତ୍ତକି, ବସୁଦେବ, ଅକ୍ରୁର ଏବଂ ଉଗ୍ରସେନ କଳାକାର ଚୟନ ପୂର୍ବଦିନ ମାନଙ୍କରେ ହୋଇଥିଲା। ଆଜି କଂସ ମହାରାଜ ଚୟନ ପ୍ରକ୍ରିୟାରେ କଳାକାରମାନେ ବିଚାରକଙ୍କ ସମ୍ମୁଖରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରକାର ହସ, ଡାଏଲଗ ଓ ଅଟ୍ଟହାସ୍ୟ ଧନୁଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। ପୂର୍ବତନ କଂସ ମହାରାଜ ଭୁବନେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। ବିଚାରକ ଭାବେ ସୁବାସ ପ୍ରଧାନ, ମିହିର ମେହେର, ପରମେଶ୍ୱର ମୁଣ୍ଡ, ପ୍ରଦୀପ ପଣ୍ଡା, ସୁଜିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କଳାକାର ସମନ୍ୱୟ ସମିତିର ସମ୍ପାଦକ ଶୋକ ବେହେରା, ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ଦାଶ, ସୁନିଲ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ନକୁଳ ବାଦି ଗୁରୁ ଚରଣ ସାହୁ, ପ୍ରଭାସ ରଞ୍ଜନ ମହଲାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

**ଆଜି ଜିଲ୍ଲାପାଳ ଘୋଷଣା କରିବେ ଚୂଡ଼ାନ୍ତ କଳାକାରଙ୍କ ନାମ**





# ପଞ୍ଚାୟତ ମହାବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ

**ବରଗଡ଼, ୧୭।୧୧(ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ, ଇତିହାସ, ଇଂରାଜୀ, ରସାୟନ ବିଜ୍ଞାନ ଆଦି ବିଭିନ୍ନ ବିଭାଗର ବିଭାଗ ମୁଖ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା, ଆଲୁମିନି ସଦସ୍ୟବୃନ୍ଦ ଏବଂ ଅଭିଭାବକ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସୁସ୍ଥ ଓ ଶୈକ୍ଷିକ ବାତାବରଣ, ନିରାପତ୍ତା ଏବଂ ଅଭିଭାବକମାନଙ୍କ ଭୂମିକା ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍‌ଙ୍କ ପୃଷ୍ଠପୋଷକତାରେ ପ୍ରଥମ ଥର ପାଇଁ ୨୧ଟି ବିଭାଗର ଶିକ୍ଷକ ଅଭିଭାବକ ବୈଠକ ଏକକାଳୀନ ଭାବେ ମହାବିଦ୍ୟାଳୟରେ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଥିଲା।





ମଦିନା ଦୁର୍ଘଟଣାରେ ୪୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ସାମିଲ ଥିଲେ। ହାଇଦରାବାଦର ବିମାନ ବନ୍ଦରରେ ନଭେମ୍ବର ୯ରେ ମକ୍କା ଯିବା ପୂର୍ବରୁ ଏହି ପରିବାରର ସଦସ୍ୟଙ୍କୁ ନିକଟ ସମ୍ପର୍କୀୟ ବିଦାୟ ଦେଉଛନ୍ତି। ଦୁର୍ଘଟଣାସ୍ଥଳୀର ଦୃଶ୍ୟ (ବାମ)।

## ଡ୍ରଗ୍ସ ବୋଟ୍ ଉପରେ ଆକ୍ରମଣ; ୩ ମୃତ, ୭୫ ଦିନରେ ୮୩

ୱାସିଂଟନ, ୧୭ ।୧୧(ଏଜେନ୍ସି): ଆମେରିକା ଶନିବାର ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି। ଏଥିରେ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏ ନେଇ ରବିବାର ଆମେରିକା ସେନା ତରଫରୁ ସୂଚନା ଦିଆଯାଇଛି। ଗତ ସେପ୍ଟେମ୍ବର ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଆମେରିକା ସେନା ଡ୍ରଗ୍ସ ନୌକା ଉପରେ ୨୧ତମ ଆକ୍ରମଣ କରିଛି। ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୮୩ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟା କହିଛନ୍ତି। ଆମେରିକାରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ଯୋଗାଣକୁ ବନ୍ଦ କରିବା ପାଇଁ ନିହାତି ଜରୁରୀ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି। ଏହାକୁ ମଧ୍ୟ ନ୍ୟାୟ ବିଭାଗ ଉଚିତ୍ ପଦକ୍ଷେପ ବୋଲି ଦର୍ଶାଇଛି। ତେଣୁ ଏହି ଆକ୍ରମଣରେ ସାମିଲଥିବା ଆମେରିକା ସୈନିକଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଆମେରିକା ସେନା ଏହି ଆକ୍ରମଣର ଭିଡିଓ ମଧ୍ୟ ଜାରି କରିଛି। ଟ୍ରମ୍ପ କହିଛନ୍ତି ଯେ, ମୋ ନିର୍ଦ୍ଦେଶରେ ଆମେରିକା ସେନା ଡ୍ରଗ୍ସ ଚୋରାଚାଲାଣ କରୁଥିବା ନାର୍କୋ ଟେରରିଷ୍ଟ ଉପରେ ଆକ୍ରମଣ କରିଛି। ଏମାନେ ଭେନେଜୁଏଲାରୁ ଆମେରିକାକୁ ନିଶାଦ୍ରବ୍ୟ ନେଇ ଯାଉଥିଲେ। ପୂର୍ବରୁ ଗତ ନଭେମ୍ବର ୧୦ରେ ଆମେରିକା ପୂର୍ବ ପ୍ରଶାନ୍ତ ମହାସାଗରରେ ଦୁଇଟି ସନ୍ଦିଗ୍ଧ ନୌକା ଉପରେ ସମାନ କାରଣ ପାଇଁ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ।

ନକଲି ପାନ୍‌କାର୍ଡ ମାମଲରେ ରାମପୁର କୋର୍ଟଙ୍କ ରାୟ

## ଆଜମ ଖାନ, ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ

ରାମପୁର, ୧୭ ।୧୧(ଏଜେନ୍ସି): ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ପୁଣିଥରେ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ସୋମବାର ରାମପୁରର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୁହିଁଙ୍କୁ ନକଲି ପାନ୍‌କାର୍ଡ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡ ଶୁଣାଇଛନ୍ତି। ଉଭୟଙ୍କ ଉପରେ ୫୦ ହଜାର ଟଙ୍କାର



ଜରିମାନା ଧାର୍ଯ୍ୟ କରାଯାଇଛି। କୋର୍ଟ ରାୟ ଦେବା ପରେ ପୁଲିସ ଦୁଇଜଣଙ୍କୁ କୋର୍ଟ ରୁମ୍‌ରୁ ନିଜ ହେପାଜତକୁ ନେବା ସହ ପୁଣି ଜେଲ୍‌କୁ ପଠାଇଛି। ଦୁଇମାସ ତଳେ ସେପ୍ଟେମ୍ବର ୨୩ରେ ଆଜମ ସୀତାପୁର ଜେଲ୍‌ରୁ ଛାଡ଼ପାଇ ବାହାରକୁ ଆସିଥିଲେ। ଅବଦୁଲ୍ଲା ହରଦୋଇ ଜେଲ୍‌ରୁ ୯ ମାସ ତଳେ ଛାଡ଼ ପାଇଥିଲେ। ଏବେ ଦୁଇଜଣ ଜେଲକୁ ଫେରିଛନ୍ତି। ୨୦୧୯ରେ ଏହି ନକଲି ପାନ୍ କାର୍ଡ ମାମଲା ଦାଏର କରାଯାଇଥିଲା। ବିଜେପି ନେତା ଆକାଶ ସାକସେନା ସିଭିଲ ଲାଇନ୍ସ ଥାନାରେ ଏହି ମାମଲା ରୁଜୁ କରିଥିଲେ। ଆଜମ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ଦୁଇଟି ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ସହ ଦୁଇଟି ପାନ୍ କାର୍ଡ ବେଆଇନ ଭାବେ ଉପଲବ୍ଧ କରାଇବାରେ ସହାୟତା ପ୍ରଦାନ କରିଥିଲେ। ନିର୍ବାଚନ ଲଢ଼ିବା ପାଇଁ ଏହି ବେଆଇନ କାର୍ଯ୍ୟ ହୋଇଥିଲା ବୋଲି ରାମପୁର କୋର୍ଟ ହୃଦୟଙ୍ଗମ କରିବା ପରେ ଏହି ରାୟ ପ୍ରଦାନ କରିଛନ୍ତି।

## କଙ୍ଗୋ ଖଣିରେ ଦୁର୍ଘଟଣା; ୮୦ ମୃତ

କିନ୍‌ଶାସା, ୧୭ ।୧୧(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ଖଣିରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଶନିବାର ଏକ ଖଣି ଧସିବା ଫଳରେ ୮୦ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଅବଶେଷ ତଳେ ଦବି ରହିଥିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ଲଆଲାବା ପ୍ରଦେଶର ମୁଲୋଣ୍ଡୋର କାଲାଣ୍ଡୋ ଖଣିରେ ଘଟିଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ଏହି ଖଣିକୁ ଯିବା ପାଇଁ ବାରଣ କରାଯାଇଥିଲା। ଏହା ସତ୍ତ୍ୱେ ବେଆଇନ ଖଣି ଖନନ କରୁଥିବା ଲୋକେ ଜବରଦସ୍ତି ସେଠାକୁ ଯାଇଥିଲେ। ଖଣିରେ ମାଇନିଂ କରୁଥିବା ଲୋକେ ସୈନିକଙ୍କ ଫାୟାରିଂରେ ଆତଙ୍କିତ ହୋଇ ଖଣିର ଉପରେ ଥିବା ପୋଲ ଉପରକୁ ଦୌଡ଼ିଥିଲେ। ଫଳରେ ପୋଲ ଭୁଶୁଡ଼ି ପଡ଼ିଥିଲା। ଘଟଣାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି। ଅଚାନକ ଏକ ଖଣିର ଏକ ଅଂଶ ଧସିବା ଫଳରେ ବହୁ ଲୋକ ଦବି ଯାଇଥିଲେ। ବହୁ ଲୋକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପରସ୍ପର ଉପରେ ଚଢ଼ି ଯାଇଥିଲେ। ଫଳରେ ବହୁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା ବୋଲି କୁହାଯାଇଛି।

# ଡ୍ରୋନ୍, ରକେଟ ଆକ୍ରମଣ ପାଇଁ ଯୋଜନା

- ଆତଙ୍କବାଦୀଙ୍କ ଟାର୍ଗେଟରେ ଥିଲା ଦିଲ୍ଲୀ
- ଶ୍ରୀନଗରରୁ ଆଉ ଜଣେ ସନ୍ଦିଗ୍ଧ ଗିରଫ
- ଦିଲ୍ଲୀ ବିସ୍ଫୋରଣରେ ଆଉ ୨ ମୃତ

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣ ମାମଲାର ଯାଞ୍ଚ କରୁଥିବା ଏନ୍‌ଆଇଏ ହାତରେ ବିସ୍ଫୋରକ ତଥ୍ୟ ଲାଗିଛି। ଏହି ଘଟଣାରେ ଜଡ଼ିତ ଆତଙ୍କବାଦୀମାନେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଭୟଙ୍କର ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ଡ୍ରୋନ୍ ଓ ରକେଟ ପ୍ରସ୍ତୁତ କରୁଥିଲେ। ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହମାସ ଯେପରି ଡ୍ରୋନ ଓ ରକେଟ ଜରିଆରେ ଆକ୍ରମଣ କରିଥିଲା, ଠିକ୍ ସେହି ଢଙ୍ଗରେ ଦିଲ୍ଲୀରେ ଆକ୍ରମଣ ପାଇଁ ବଡ଼ ଧରଣର ଯୋଜନା ଚାଲିଥିଲା। ଡ୍ରୋନରେ ଶକ୍ତିଶାଳୀ ବିସ୍ଫୋରକ ଖଞ୍ଜି ଏହାକୁ ଦିଲ୍ଲୀର ସବୁଠାରୁ ଗହଳି ଥିବା ଅଞ୍ଚଳ ଉପରେ ବିସ୍ଫୋରଣ କରାଯାଇ ଥାଆନ୍ତା। ଶ୍ରୀନଗରରୁ ଗିରଫ ହୋଇଥିବା ଆତ୍ମଘାତୀ ଡ. ଉମରର ସହଯୋଗୀ ଠାରୁ ଏଭଳି ତଥ୍ୟ ମିଳିଛି। ଏହି ଷଡ଼ଯନ୍ତ୍ରରେ ସେ, ଉମର ଏବଂ ଦାନିଶ ସାମିଲ ଥିବା ସ୍ୱୀକାର କରିଛି।

ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ 'ଜୈସ-ଇ-ମହମ୍ମଦ' ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲା। ସେମାନେ ଡିସେମ୍ବର ୬ରେ ବାବରୀ ମସଜିଦ୍ ଧ୍ୱଂସର ପ୍ରତିଶୋଧ ନେବା ପାଇଁ ବ୍ୟାପକ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଏହି ଯୋଜନାକୁ 'ଅପରେସନ ଡି-୬' ନାମ ଦିଆଯାଇଥିଲା। ଆତଙ୍କବାଦୀମାନେ ସହରର ଭିନ୍ନ ଭିନ୍ନ ସ୍ଥାନରେ ବିସ୍ଫୋରଣ କରାଇବାକୁ ଚାହୁଁଥିଲେ। ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣ ପ୍ଲାନ୍-ବି ଅର୍ଥାତ ଦ୍ୱିତୀୟସ୍ତରର ଯୋଜନା ଥିଲା ବୋଲି କୁହାଯାଇଛି। ଆକ୍ରମଣ ଉଦ୍ୟମକୁ ପଣ୍ଡ କରାଯିବା ଫଳରେ ଲାଲ୍‌କିଲ୍ଲା ବିସ୍ଫୋରଣକୁ କାର୍ଯ୍ୟକାରୀ କରାଯାଇଥିଲା। ମହିଳା ଡାକ୍ତର ଶାହିନ ସହିଦ ଓ ଲାଲକିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମର ଏହି ଷଡ଼ଯନ୍ତ୍ରର ମୁଖ୍ୟ ନାୟକ ଓ ନାୟିକା ଥିଲେ ବୋଲି କୁହାଯାଉଛି। ଶାହିନକୁ ଭାରତରେ ଜୈସର ମହିଳା ଶାଖା ସ୍ଥାପନା ଓ ନେତୃତ୍ୱର ଦାୟିତ୍ୱ ଦିଆଯାଇଥିଲା। ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ସହିତ ଜଡିତ ଥିବା ମୁଜମ୍ମିଲ ଅହମ୍ମଦ ଗନି ଗିରଫ ହେବା ପରେ ଡାକ୍ତର ଶାହିନଙ୍କୁ ଗିରଫ କରାଯାଇଥିଲା। ଉମର ବ୍ୟାପକ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଏକାଧିକ ଯୁବକଙ୍କୁ ପ୍ରସ୍ତୁତ କରିବାକୁ ଯୋଜନା କରୁଥିଲା ଓ ସକ୍ରିୟ ଭାବେ ସେମାନଙ୍କ ବ୍ରେନ୍‌ୱାସ କରୁଥିଲା। ଲାଲ୍‌କିଲ୍ଲା ବିସ୍ଫୋରଣରେ ଜୋତା ବୋମା ବ୍ୟବହାର କରାଯାଇଥିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ହୋଇଥିବା କାର୍‌ରୁ ଏକ ଜୋତା ମିଳିଛି। ଏଥିରେ ଆମୋନିୟମ ନାଇଟ୍ରେଟ୍ ଓ ଟ୍ରାଇଆସେଟୋନ ଟ୍ରାଇପେରକ୍ସାଇଡ୍ (ଟିଏଟିପି)ର ଚିହ୍ନ ମିଳିଛି। ଏା ହେଉଛି ସବୁଠାରୁ ବିପଜ୍ଜନକ ବିସ୍ଫୋରକ।

ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଉମରର ଆଉ ଜଣେ ସହଯୋଗୀକୁ ଗିରଫ କରାଯାଇଛି। ସୋମବାର ଏନ୍‌ଆଇଏ ଜସିର ବିଲାଲ ବାଣୀ ଉରଫ୍ ଦାନିଶକୁ ଜମ୍ମୁ- କଶ୍ମୀର ଶ୍ରୀନଗରରୁ ଗିରଫ କରିଛି। ଜସିର ଉମରକୁ ବୈଷୟିକ



ସହଯୋଗ ପ୍ରଦାନ କରୁଥିଲା। ଇତିମଧ୍ୟରେ ଦିଲ୍ଲୀ ବିସ୍ଫୋରଣରେ ଆଜି ଆଉ ଦୁଇ ଜଣ ପ୍ରାଣ ହରାଇଥିବାରୁ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଗୁରୁତର ଆହତ ଲୁକମାନ (୫୦) ଓ ବିନୟ ପାଠକ (୫୦) ଆଜି ଆଖି ବୁଜିଛନ୍ତି। ଗତକାଲି ବିଲାଲ ନାମକ ଆଉ ଜଣେ ଗୁରୁତର ବ୍ୟକ୍ତି ଚିକିତ୍ସାଧୀନ ଅବସରରେ ମୃତ୍ୟୁବରଣ କରିଥିଲେ।

# 'ଅପରେସନ ସିନ୍ଦୂର ୮୮ ଘଣ୍ଟାର ଟ୍ରେଲର ଥିଲା'

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ୮୮ ଘଣ୍ଟାର ଏକ ଟ୍ରେଲର ମାତ୍ର ଥିଲା। ଯଦି ପାକିସ୍ତାନ ପୁଣି କୌଣସି ଆତଙ୍କବାଦୀ ଆକ୍ରମଣ କରିବ, ତାହା ହେଲେ ଏହାର କଡ଼ା ଜବାବ ଦିଆଯିବ। ଭାରତୀୟ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ପାକିସ୍ତାନକୁ ଏଭଳି ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତି ଯେ ଏକ ଦାୟିତ୍ୱ ସମ୍ପନ୍ନ ଦେଶ କିପରି ପଡୋଶୀ ଦେଶ ପ୍ରତି ଆଚରଣ ପ୍ରଦର୍ଶନ କରେ ତାହା ଦେଖାଇବାକୁ ଆମେ ପଛକୁ ହଟିବୁ ନାହିଁ।



- ପୁଣି ସୁଯୋଗ ଦେଲେ ପାକିସ୍ତାନକୁ କଡ଼ା ଜବାବ ଦିଆଯିବ
- ଆତଙ୍କ ସୃଷ୍ଟି କରୁଥିବା ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଜରୁରୀ

ଦିଲ୍ଲୀରେ ଆଜି ଆୟୋଜିତ ଚାଣକ୍ୟ ଡିଫେନ୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ ଭାରତ ସବୁବେଳେ ପ୍ରଗତି ଓ ଉନ୍ନତିର କଥା କହିଥାଏ। ଖାସ୍ ଏଥିପାଇଁ ଯେଉଁ ଲୋକ ଆତଙ୍କବାଦ କଥା କହୁଛନ୍ତି ଓ ଏହାର ପ୍ରଚାର ପ୍ରସାର କରୁଛନ୍ତି ସେମାନଙ୍କୁ ରୋକିବା ପାଇଁ କଡ଼ା କର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଭାରତୀୟ ସେନା ଭବିଷ୍ୟତକୁ ମାଟି ସହିତ ସାମିଲ କରି ଦେଖିଥାଏ। ଆମେ ୫ଟି ପିଢ଼ିର ୱାରଫେୟାରରେ ଲଢ଼ିଆସିଛୁ ଓ ସେନା ସେହି ଅନୁସାରେ ନିଜର ପରିବର୍ତ୍ତନ କରିଆସିଛି। ପ୍ରଥମେ ଯୁଦ୍ଧର ନିଷ୍ପତ୍ତି ନେବା ପାଇଁ ବହୁ ଦିନ ଲାଗୁଥିଲା। କିନ୍ତୁ ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଯଦି ଯୁଦ୍ଧ ୪୮ ଘଣ୍ଟା ମଧ୍ୟରେ ଲଢ଼ିବାକୁ ହୁଏ, ତେବେ ଦେଶର ସବୁ ସାମର୍ଥ୍ୟ ଓ ଶକ୍ତି ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। କୌଣସି ଭୁଲ କଲେ, ଭାରତ ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ସେ କହିଲେ ଯେ ଏବେ ଭାରତର ପ୍ରତିରକ୍ଷା କ୍ଷମତା ବହୁତ ମଜବୁତ ହୋଇପାରିଛି। ଫଳରେ ପ୍ରତିପକ୍ଷ ତଥା ଶତ୍ରୁଦେଶ ଏବେ ଆମର ଆଭିମୁଖ୍ୟକୁ ଗମ୍ଭୀରତା ସହ ବିଚାର କରୁଛନ୍ତି। ଭାରତର ନୀତି ସଦାବେଳେ ସ୍ପଷ୍ଟ ରହିଛି। ପାଣି ଓ ରକ୍ତ ଏକା ସଙ୍ଗେ ପ୍ରବାହିତ ହେବ ନାହିଁ। ଆତଙ୍କବାଦ ଓ ଆଲୋଚନା ଏକାସାଥିରେ ହୋଇପାରିବ ନାହିଁ। କୂଟନୀତିରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଲେ ଯେ ଭାରତ ଓ ଚୀନ୍ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ପରିବର୍ତ୍ତନ ହୋଇଛି। ଏବେ ଲୋକେ ଜମ୍ମୁ-କାଶ୍ମୀର ଯିବାକୁ ଚାହୁଁଛନ୍ତି। ସେନା ଏବେ ଦ୍ରୁତ ପରିବର୍ତ୍ତନ ଓ ଉନ୍ନତି ଦିଗରେ କାର୍ଯ୍ୟକରୁଛି। ଆଧୁନିକ ଯୁଦ୍ଧର ରୂପରେଖ ଏବେ ବଦଳୁଛି। ଏବେ ଯୁଦ୍ଧ କେବଳ ଆକାଶ, ମାଟି ଓ ସମୁଦ୍ରରେ ସୀମିତ ହୋଇ ରହିନାହିଁ। ଏହା ଏବେ ସାଇବର, ସ୍ପେସ, ଇନଫର୍ମେସନ ୱାରିୟର, ଇଲେକଟ୍ରୋମାଗ୍ନେଟିକ୍ସ ସ୍ପେକ୍ଟ୍ରମ, କଗ୍ନିଟିଭ ୱାରଫେୟାର ସହିତ ଜଡ଼ିତ ହେଲାଣି। ତେଣୁ ଏବେ ଦୁଇଟି ସୀମା ଓ ଆଭ୍ୟନ୍ତରଣ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେଉଛି। ପ୍ରତିରକ୍ଷା ବଜେଟରେ ବୃଦ୍ଧି ଜରୁରୀ ହୋଇଥିବା ବେଳେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ସେନାଧକ୍ଷ ଜେନେରାଲ ଦ୍ୱିବେଦୀ ସ୍ପଷ୍ଟ କରିଛନ୍ତି।

## ଏସ୍‌ଆଇଆର୍ ଚାପ: ରାଜସ୍ଥାନ, କେରଳରେ ୨ ବିଏଲ୍‌ଓଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ରାଜସ୍ଥାନ ଓ କେରଳରେ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ସାମିଲ ଥିବା ଦୁଇଜଣ ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଆତ୍ମହତ୍ୟା କରିଛନ୍ତି। କାମ କରିବାର ଚାପକୁ ନିୟନ୍ତ୍ରଣ କରିନପାରି ଦୁହେଁ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ସେମାନଙ୍କ ପରିବାର ସଦସ୍ୟ କହିଛନ୍ତି। କେରଳର କନ୍ନୁର ଜିଲ୍ଲାର ଜଣେ ସରକାରୀ ସ୍କୁଲର କର୍ମଚାରୀ ୪୪ ବର୍ଷୀୟ ଅନିଶ ଜର୍ଜ ରବିବାର ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ନିର୍ବାଚନ ପାଇଁ ତାଙ୍କୁ ବିଏଲ୍‌ଓ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ରାଜସ୍ଥାନର ଜୟପୁରର ୪୮ ବର୍ଷୀୟ ମୁକେଶ କୁମାର ଜାଙ୍ଗିଡ୍ ଏସ୍‌ଆଇଆର ପ୍ରକ୍ରିୟାରେ କାର୍ଯ୍ୟର ଚାପ ପାଇଁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୁକେଶ କଲୱାଡାର ଧରମପୁରାରେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ତାଙ୍କ ପକେଟରୁ ଏକ ସୁସାଇଡ୍ ନୋଟ୍ ମିଳିଛି। ଉପରସ୍ତରର ଅଧିକାରୀମାନେ ତାଙ୍କୁ ହଇରାଣ ଓ ଅପମାନିତ କରିବା ସହ ସସ୍‌ପେଣ୍ଡ କରିବାକୁ ଧମକ ଦେଇଥିଲେ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ସେପଟେ କୋଲକାତାରେ ମଧ୍ୟ ଜଣେ





ବିଏଲ୍‌ଓ ଅସୁସ୍ଥତା କରାଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏସ୍‌ଆଇଆର କାର୍ଯ୍ୟ କରିବା ପାଇଁ ତାଙ୍କ ଉପରେ ବହୁତ ଚାପ ଥିଲା ବୋଲି ତାଙ୍କ ପତ୍ନୀ କହିଛନ୍ତି।

## ତେଜସ୍ୱୀ ବିରୋଧୀ ଦଳ ନେତା ନିର୍ବାଚିତ

ପାଟଣା, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ସୋମବାର ରାଷ୍ଟ୍ରୀୟ ଜନତା ଦଳର (ଆରଜେଡି)ର ପ୍ରଥମ ସମୀକ୍ଷା ବୈଠକ ବସିଥିଲା। ଏଥିରେ ତେଜସ୍ୱୀ ଯାଦବଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। ଏହି ବୈଠକରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡ଼ୀ ଦେବୀ, ଆରଜେଡି ସାଂସଦ ମିସା ଭାରତୀ, ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଜଗଦାନନ୍ଦ ସିଂ, ବାହୁବଳୀ ସୁରଜ ଭାନ ସିଂଙ୍କ ସମେତ ଆରଜେଡିର ଏକାଧିକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ମାତ୍ର ୨ଟି ଆସନ ଅନ୍ତର କାରଣରୁ ତେଜସ୍ୱୀଙ୍କ ବିରୋଧୀ ଦଳ ନେତା ପଦ ସୁରକ୍ଷିତ ହୋଇଛି। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ମୁଖ୍ୟ ବରୋଧୀ ଦଳର ମାନ୍ୟତା ପାଇବା ପାଇଁ ଯେକୌଣସି ପାର୍ଟିକୁ ୧୦ ପ୍ରତିଶତ ଅର୍ଥାତ ୨୪ଟି ଆସନରେ ବିଜୟୀ ହେବା ଜରୁରୀ।

## ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ରକୁ ଦାୟୀ କଲେ ମେହବୁବା

ଶ୍ରୀନଗର, ୧୭ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ପ୍ରମୁଖ ରାଜନୈତିକ ଦଳ ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି। କଶ୍ମୀର ପ୍ରସଙ୍ଗ ଏବେ ଦିଲ୍ଲୀ ଲାଲ୍‌କିଲ୍ଲାରେ ପ୍ରତିଧ୍ୱନିତ ହୋଇଛି। ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷା ଓ ଜମ୍ମୁ-କଶ୍ମୀର ବ୍ୟାପାରରେ କେନ୍ଦ୍ର ସରକାରଙ୍କ ବିଫଳ ନୀତି କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। କଶ୍ମୀରେ ସବୁକିଛି ଠିକ୍ ଅଛି ବୋଲି କେନ୍ଦ୍ର ସରକାର ସାରା ବିଶ୍ୱକୁ ଅବଗତ କରାଉଛନ୍ତି। କିନ୍ତୁ କଶ୍ମୀର ସମସ୍ୟା ଏବେ ଲାଲ୍‌କିଲ୍ଲାରେ ମଧ୍ୟ ପହଞ୍ଚିଛି। ଜମ୍ମୁ-କଶ୍ମୀର ସୁରକ୍ଷା ବଢ଼ାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଭୁଲ ନୀତି କାରଣରୁ ଦେଶର ରାଜଧାନୀ ଦିଲ୍ଲୀ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଯଦି ଜଣେ ଶିକ୍ଷିତ ବ୍ୟକ୍ତି ନିଜ ଦେହରେ ଆରଡିଏକ୍ସ ବାନ୍ଧି ନିଜକୁ ଓ ଅନ୍ୟକୁ ହତ୍ୟା କରୁଛି, ତାହାଲେ ଦେଶ ଆଦୌ ସୁରକ୍ଷିତ ନାହିଁ। କେନ୍ଦ୍ର ସରକାରଙ୍କ କଶ୍ମୀର ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହେବା ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି।

# ବିହାରରେ ମନ୍ତ୍ରିପଦ ପାଇଁ କସରତ

**ବିଜେପିରୁ ୧୬, ଜେଡିୟୁରୁ ୧୫ ଜଣ ହୋଇପାନ୍ତି ମନ୍ତ୍ରୀ**

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ନୂଆ ସରକାର ଗଠନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍‌ଙ୍କୁ ଭେଟି ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିଛନ୍ତି। ଆଜି ନୀତୀଶଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ ବୈଠକ ହୋଇଥିଲା। ବୈଠକରେ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତାକାଲି ବିଜେପି ଓ ଜେଡିୟୁର ମିଳିତ ବିଧାୟକ ଦଳ ବୈଠକ ଡକାଯାଇଛି। ଏଥିରେ ଏନ୍‌ଡିଏର ବିଧାୟକ ଦଳର ନେତା ନିର୍ବାଚିତ କରାଯିବ। ଏହାପରେ ଯାଇ ନୂଆ ସରକାର ଗଠନ କରିବା ଲାଗି ଦାବି ଉପସ୍ଥାପନ କରାଯିବ। ନଭେମ୍ବର ୨୦ରେ ପାଟନା ଗାନ୍ଧୀ ମଇଦାନରେ ନୀତୀଶ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।


ଇତିମଧ୍ୟରେ ମନ୍ତ୍ରୀ ତାଲିକାକୁ ନେଇ କସରତ ଆରମ୍ଭ ହୋଇଛି। କେଉଁ ଦଳରୁ କେତେ ଜଣ ମନ୍ତ୍ରୀ ହେବେ ତାହାକୁ ନେଇ ବୁଝାମଣା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି। ନୂଆ କ୍ୟାବିନେଟ୍‌ରେ ୩୬ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ ରାମ ମାଞ୍ଜି କହିଛନ୍ତି। ନବଗଠିତ ମନ୍ତ୍ରିମଣ୍ଡଳରେ ବିଜେପିର ୧୬, ଜେଡିୟୁର ୧୫, ଚିରାଗ ପାଶୱାଙ୍କ ଏଲ୍‌ଜେପି (ଆର୍), ଏଚ୍‌ଏଏମ୍ ଓ ଆରଏଲ୍‌ଏସ୍‌ପିର ଜଣେ ଲେଖାଏ ମନ୍ତ୍ରୀ ସାମିଲ ହେବେ। ତେବେ ୧୯ଟି ଆସନ ଜିତିଥିବା ଚିରାଗ ପାଶ୍ୱାନଙ୍କ ଏଲଜେପି ନୂଆ ସରକାରରେ ଆଉ ଗୋଟିଏ ମନ୍ତ୍ରୀ ପଦ ପାଇଁ ଦାବି କରିଛି। ଏପରିକି ଏହି ଦଳରୁ



ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ମଧ୍ୟ ପାଶ୍ୱାନ ଦାବି କରିଥିବା ଜଣାପଡ଼ିଛି।

ଜେଡିୟୁ ଏହାର ମନ୍ତ୍ରୀ ତାଲିକାରେ ଅଦଳବଦଳ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବିଜେପି ଏହାର ପୁରୁଣା ମନ୍ତ୍ରୀଙ୍କୁ ବଜାୟ ରଖିବାର ସମ୍ଭାବନା ରହିଛି। ତଥାପି କିଛି ପରିବର୍ତ୍ତନ ହୋଇପାରେ। ତେଣୁ ନୂଆ ସରକାରରେ ମନ୍ତ୍ରୀ ପଦ ପାଇବା ଲାଗି ଅନେକ ଆଶାୟୀ ଲବି କରିବା ଆରମ୍ଭ କରିଦେଇଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୨୨ରେ ରାଜ୍ୟ ବିଧାନସଭାର କର୍ଯ୍ୟକାଳ ଶେଷ ହେବ। ନିର୍ବାଚନ କମିସନ ଇତିମଧ୍ୟରେ ବିଧାନସଭା ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ରାଜଭବନକୁ ପ୍ରଦାନ କରିଛନ୍ତି। ନିର୍ବାଚନରେ ୨୪୩ ଆସନରୁ ଏନ୍‌ଡିଏ ମେଣ୍ଟ ୨୦୨ଟିରେ ବିଜୟୀ ହୋଇଛି। ଏଥିରେ ବିଜେପି ୮୯, ଜେଡିୟୁ ୮୫, ଏଲ୍‌ଜେପି ୧୯, ଏଚ୍‌ଏଏମ୍‌ର ୫, ଆରଏଲ୍‌ଏମ୍‌ର ୪ ଆସନରେ ବିଜୟୀ ହୋଇଛନ୍ତି।



## ମୁଦ୍ରା ବିନିମୟ ମୂଲ୍ୟ




ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୫୦ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୪,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୬୭,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୯୫୦.୦୦
- ନିଫ୍ଟି ୨୬,୦୧୩. ୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ସଙ୍କଟରେ ଭାରତର ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା**

# ପ୍ରତି ୬ ଜଣରେ ଜଣେ ମଧୁମେହରେ ପୀଡ଼ିତ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି)

ବର୍ତ୍ତମାନର ବ୍ୟସ୍ତ ବହୁଳ ଜୀବନରେ ଆପଣ କ'ଣ କ୍ଲାନ୍ତ ଅନୁଭବ କରୁଛନ୍ତି? ଚାପ ଆପଣଙ୍କ ଜୀବନର ଏକ ଅଂଶ ପାଲଟିଛି କି ? ଯଦି ହଁ, ତେବେ ଆପଣ ଏକା ନୁହଁନ୍ତି। ସଙ୍କଟରେ ଏବେ ଭାରତର ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା। ଦେଶର ପ୍ରମୁଖ ବୀମା କମ୍ପାନୀ ଆଇସିଆଇସିଆଇ ଲୋମ୍ବାର୍ଡ ସମ୍ପ୍ରତି ଏକ ଆଶ୍ଚର୍ଯ୍ୟଜନକ ପରିସଂଖ୍ୟାନ ସହିତ ଏକ ରିପୋର୍ଟ ପ୍ରକାଶ କରିଛି। ବିଶ୍ୱ ମଧୁମେହ ଦିବସ ଅବସରରେ ପ୍ରକାଶିତ ଏହି ରିପୋର୍ଟ କେବଳ ଭାରତୀୟଙ୍କ ଅବନତିଶୀଳ ସ୍ୱାସ୍ଥ୍ୟ ବିଷୟରେ ଅନ୍ଧକାର ସତ୍ୟ ପ୍ରକାଶ କରେ ନାହିଁ, ବରଂ ଏହା ମଧ୍ୟ ପ୍ରକାଶ କରେ ଯେ ଭାରତରେ ପ୍ରତି ୬ଜଣରେ ଜଣେ ବର୍ତ୍ତମାନ ମଧୁମେହ ରୋଗରେ ପୀଡିତ। ଆଇସିଆଇସିଆଇ ଲୋମ୍ବାର୍ଡର ଇଣ୍ଡିଆ ୱେଲନେସ୍ ଇଣ୍ଡେକ୍ସ ୨୦୨୫ ଅନୁଯାୟୀ, ଚାପ, ଗଣ୍ଠି ଯନ୍ତ୍ରଣା ଏବଂ ଉଚ୍ଚ ରକ୍ତଚାପ ପରେ ମଧୁମେହ ଦେଶର ଶ୍ରେଷ୍ଠ ୫ଟି ରୋଗ ମଧ୍ୟରୁ ଗୋଟିଏ ହୋଇଗଲାଣି।

- ଆଇସିଆଇସିଆଇ ଲୋମ୍ବାର୍ଡ ରିପୋର୍ଟ
- କ୍ରମାଗତ ଭାବରେ ଚାପ ଓ ଥକାପଣର ଶିକାର



ଏହି ରିପୋର୍ଟ ଦେଶର ୧୯ଟି ପ୍ରମୁଖ ସହରର ୨୦୦୦ ଲୋକଙ୍କ ଉପରେ କରାଯାଇଥିବା ଏକ ସର୍ଭେ ଉପରେ ଆଧାରିତ। ଏଥିରେ ସବୁଠାରୁ ଚିନ୍ତାଜନକ କଥା ହେଉଛି ଏହି ରୋଗ ଆଉ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ନୁହେଁ। ମିଲେନିୟାଲ୍ସ ଏବଂ କର୍ପୋରେଟ୍ କର୍ମଚାରୀଙ୍କ ମଧ୍ୟରେ ମଧ୍ୟ ଏହାର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାର ମୁଖ୍ୟ କାରଣ ହେଉଛି ଆମେ ସମସ୍ତେ ସମ୍ମୁଖୀନ ହେଉଥିବା ସମାନ - ଖରାପ ଖାଦ୍ୟ, ଶାରୀରିକ ନିଷ୍କ୍ରିୟତା ଏବଂ ଅତ୍ୟଧିକ ଚାପ। ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ହୃଦରୋଗ କିମ୍ବା ମଧୁମେହ ଥିବା ଲୋକଙ୍କର ସାଧାରଣ ଜନସଂଖ୍ୟା (୭୯) ତୁଳନାରେ ଯଥେଷ୍ଟ କମ୍ ସୁସ୍ଥତା ସ୍କୋର (୭୦) ଥାଏ। ପ୍ରାୟତଃ ଏହା ଅନୁମାନ କରାଯାଏ ଯେ ଯୁବପିଢ଼ିର ଅର୍ଥ ପ୍ରଚୁର ଶକ୍ତି, କିନ୍ତୁ ଏହି ରିପୋର୍ଟ ଏକ ଭିନ୍ନ କାହାଣୀ କୁହେ। ଭାରତର ଯୁବପିଢ଼ି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଏହି ପିଢ଼ି ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରତ୍ୟେକ କ୍ଷେତ୍ରରେ ପଛରେ ପଡ଼ିଛି। ଟାୟାର-୧ ସହରରେ ରହୁଥିବା ଯୁବପିଢ଼ି ବିଶେଷ ଭାବରେ ଦୁର୍ବଳ। ଅନ୍ୟପକ୍ଷରେ, କର୍ପୋରେଟ୍ ଜଗତରେ ପରିସ୍ଥିତି ଆହୁରି ଭୟଙ୍କର। ସର୍ଭେରେ ସାମିଲ ହୋଇଥିବା ପ୍ରତି ତିନି ଜଣଙ୍କ ମଧ୍ୟରୁ ଜଣେ ସ୍ୱୀକାର କରିଛନ୍ତି ଯେ ସେମାନେ ଦୈନନ୍ଦିନ ଚାପ ଅନୁଭବ କରୁଛନ୍ତି, ଯେତେବେଳେ ୪୧% ଲୋକ ନିରନ୍ତର କ୍ଲାନ୍ତ ଅନୁଭବ କରୁଛନ୍ତି। ଅଫିସ୍ କର୍ମଚାରୀଙ୍କ ଶାରୀରିକ ସ୍ୱାସ୍ଥ୍ୟ ସାଧାରଣ ଲୋକଙ୍କ ତୁଳନାରେ ବହୁତ ଖରାପ। କାର୍ଯ୍ୟ-ଜୀବନ ସନ୍ତୁଳନର ଅଭାବ, ଢ଼ଳନ ଏବଂ ପରିବାରକୁ ସମୟ ଦେଇ ନ ପାରିବା ପାଇଁ ଦୋଷୀ ପ୍ରାୟ ଦୁଇ-ତୃତୀୟାଂଶ କର୍ମଚାରୀଙ୍କୁ ଗ୍ରାସ କରୁଛି। ତଥାପି, ଭଲ ଖବର ହେଉଛି ଯେ ଜେନେରେସନ୍ ଏକ୍ସ ଏବଂ ମହିଳାମାନେ ସେମାନଙ୍କ ସ୍ୱାସ୍ଥ୍ୟ, ଆର୍ଥିକ ବୁଝାମଣା ଏବଂ କର୍ମକ୍ଷେତ୍ର ସନ୍ତୁଳନରେ ଉନ୍ନତି ଦେଖାଇଛନ୍ତି।

# ଅରୁନ୍ଧତୀ ଜୁଏଲର୍ସର 'ବିବାହ ମହୋତ୍ସବ' ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ



ଭୁବନେଶ୍ୱର,୧୭।୧୧(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ଚଳିତ ବିବାହ ଋତୁ ପାଇଁ ଗ୍ରାହକଙ୍କ ପସନ୍ଦକୁ ଆଖି ଆଗରେ ରଖି ଗତକାଲି ଅରୁନ୍ଧତୀ ଜୁଏଲର୍ସ ପୁରୀ ଶାଖାଠାରେ ବିବାହ ମହୋତ୍ସବର ଜୁଏଲାରୀ ପ୍ରଦର୍ଶନୀ ଆରମ୍ଭ କରିଛି। ବିବାହ ଅବସର ପାଇଁ ବିଶେଷ ଭାବରେ ପ୍ରସ୍ତୁତ, ପାରମ୍ପରିକ ସୁନା ଗହଣାର କମ୍ ଓଜନ ଯୁକ୍ତି ସର୍ବୋତମ ଡିଜାଇନ୍ ଓ କଲେକ୍ସନ ପ୍ରସ୍ତୁତ କରାଯାଇଛି। ଏହି ବିବାହ ଋତୁକୁ ଆଖିଆଗରେ ରଖି ଅରୁନ୍ଧତୀ ଜୁଏଲର୍ସ ତରଫରୁ ବଜାରର ସର୍ବଶ୍ରେଷ୍ଠ ଅଫର ଘୋଷଣା କରିଛି, ଯେଉଁଥିରେ ୫୦ଗ୍ରାମ ରୁ ଉର୍ଦ୍ଧ ସୁନା ଗହଣା କ୍ରୟଉପରେ ଫ୍ଲାଟ ୫୦% ରିଆତି, ୨୫ ରୁ ୫୦ ଗ୍ରାମ୍ ଭିତରେ ଯେତିକି ଗ୍ରାମ୍ ସୁନା ଗହଣା କ୍ରୟ କରିବେ ସେତିକି ପ୍ରତିଶତ ଗଢ଼ାମଜୁରି ରେ ରିହାତି ସହ ପ୍ରତି କ୍ୟାରେଟ ହୀରା ମୂଲ୍ୟରେ ୨୦,୦୦୦ ଟଙ୍କାର ମହାବଚତ ରିଆତି ପାଇପାରିବେ ଏବଂ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ମଧ୍ୟ ପାଇପାରିବେ। ସୁନା ଗହଣା ପରି ରୁପଗହଣା ରେ ମଧ୍ୟ ସମାନ ପ୍ରକାରର ଅଫର ରହିଛି। ଏହି ଅଫର ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଉପଲବ୍ଧ।

# କୋମାକି ଇଲେକ୍ଟ୍ରିକ୍‌ର ଏମ୍ଏକ୍ସ-୧୬ ପ୍ରୋ ବଜାରରେ



ନୂଆଦିଲ୍ଲୀ, ୧୭।୧୧(ସମିସ): କୋମାକି ଇଲେକ୍ଟ୍ରିକ୍ ଆଜି ନିଜର ନୂଆ କ୍ରୁଜର୍ ଇଲେକ୍ଟ୍ରିକ୍ ବାଇକ୍ ଏମ୍ଏକ୍ସ୧୬ ପ୍ରୋର ବଜାର ପ୍ରବେଶ କରାଇଛି। ଶକ୍ତିଶାଳୀ ମେଟାଲ୍ ବୋଡି, ଆଧୁନିକ ଇଭି ଟେକ୍ନୋଲୋଜି ଓ ପ୍ରିମିୟମ୍ ଡିଜାଇନ୍ ସହିତ ଏହି ବାଇକ୍ ୧,୬୯,୯୯୯ ଟଙ୍କାର ଆରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହା ଡୁଆଲ୍ ଟୋନ୍‌ଞ୍ଜ ଓ ଜେଟ୍ ବ୍ଲାକ୍ ଏହି ଦୁଇଟି ରଙ୍ଗରେ ଉପଲବ୍ଧ, ଯାହା ଏହାର କ୍ରୁଜର୍ ଆକର୍ଷଣକୁ ଆଉ ବଢ଼ାଇଦେଇଛି। ଅଧା ମୂଲ୍ୟରେ ବେଶି ପରଫର୍ମାନ୍ସରେ କୌଣସି ସମଝୋତା କରାଯାଇନି। ଗୋଟିଏ ଥର ଚାର୍ଜରେ ୧୬୦–୨୨୦ କି.ମି.ର ରେଞ୍ଜ ଏବଂ ୨୦୦ କି.ମି. ଚାଲିବାର ଖର୍ଚ୍ଚ ମାତ୍ର ୧୫–୨୦ ଟଙ୍କା। ପେଟ୍ରୋଲ୍ ବାଇକ୍ ତୁଳନାରେ ୫ ଗୁଣା ଶସ୍ତା। ଏହାର ସର୍ବାଧିକ ଗତି: ୮୦ କି.ମି./ଘଣ୍ଟା ସୁରକ୍ଷା ଓ ସୁବିଧାର ସଠିକ୍ ସମନ୍ୱୟ।

# ବେଦାନ୍ତ ଝାରସୁଗୁଡା- ଏମ୍‌ସିଏଲ୍ ସହଭାଗିତା



ଭୁବନେଶ୍ୱର,୧୭।୧୧(ସମିସ): ବେଦାନ୍ତ ଆଲୁମିନିୟମ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ସହଯୋଗରେ ଲଖନପୁର ରେଳ ସାଇଡିଂରେ ଆୟୋଜିତ ଏକ ଗଣ ସୁରକ୍ଷା ସଚେତନତା ପଦକ୍ଷେପ, ସୁରକ୍ଷା ସମ୍ପର୍କ ମାଧ୍ୟମରେ ସୁରକ୍ଷା ଏବଂ ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଅଟଳ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଏହି ଶିଳ୍ପ-ପ୍ରଥମ ଅଭିଯାନ ଲଜିଷ୍ଟିକ୍ସ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ରେଳ ସାଇଡିଂ ଇକୋସିଷ୍ଟମକୁ ବେଦାନ୍ତର ସୁରକ୍ଷା ହସ୍ତକ୍ଷେପର ପରିସରକୁ ବିସ୍ତାର କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଚିହ୍ନିତ କରିଥିଲା। କମ୍ପାନୀର ପୂର୍ବ ସୁରକ୍ଷା ସାରଥି ପ୍ରୟାସର ପରିସରକୁ ବିସ୍ତାର କରି ଯାହା ସମଲେଶ୍ୱରୀ,ଗର୍ଜନବାହାଲ ଏବଂ ଲଖନପୁର ଖଣିରେ ବ୍ୟାପକ ସଡ଼କ ସୁରକ୍ଷା ସଚେତନତା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅଭିଜ୍ଞତାମୂଳକ ଶିକ୍ଷା ଏବଂ ମାନବିକ ସମ୍ପର୍କ ମାଧ୍ୟମରେ ରେଳ ସାଇଡିଂ ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା-ସଚେତନ ଅଭ୍ୟାସ ଏବଂ ଆଚରଣଗତ ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି।

**ବିଦ୍ୟୁତ୍ ଚୋରି ଯୋଗୁଁ ପ୍ରଭାବିତ ହେଉଛନ୍ତି ସଚ୍ଚୋଟ ଉପଭୋକ୍ତା**

# କଠୋର ହେଲା ଏନଫୋର୍ସମେଣ୍ଟ ଟିମ୍

ଭୁବନେଶ୍ୱର,୧୭।୧୧(ସମିସ): ଅବୈଧ ହୁକିଂ, ମିଟର୍ ଟ୍ୟାମ୍ପରିଂ ଓ ଅନଧିକୃତ ବିଦ୍ୟୁତ ବ୍ୟବହାର ଆଦି ବିଭିନ୍ନ ଉପାୟରେ ବିଦ୍ୟୁତ୍ ଚୋରି ବହୁ ଅଞ୍ଚଳରେ ବଣ୍ଟନ କ୍ଷେତ୍ରରେ କ୍ଷତିର ଏକ ପ୍ରମୁଖ କାରଣ। ଏହି କ୍ଷତି ବିଦ୍ୟୁତ୍ କ୍ଷେତ୍ର ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ସହିତ ପରୋକ୍ଷ ଭାବରେ ସଚ୍ଚୋଟ ଭାବେ ବିଲ୍ ଦେଉଥିବା ଉପଭୋକ୍ତାମାନଙ୍କୁ ପ୍ରଭାବିତ କରେ। ଏଥିପାଇଁ ସେମାନଙ୍କୁ ଅଧିକ ସିଷ୍ଟମ୍ ଖର୍ଚ୍ଚ ଦେବାକୁ ପଡୁଥିବାବେଳେ ଉନ୍ନତ ସେବା ପାଇବାରେ ବିଳମ୍ବ ମଧ୍ୟ ହୋଇଥାଏ। ଯେତେବେଳେ କେହି ଅବୈଧ ଭାବେ ବିଦ୍ୟୁତ ବ୍ୟବହାର କରନ୍ତି, ଏଭଳି କ୍ଷେତ୍ରରେ ଠିକ ସମୟରେ ବିଲ୍ ପେମେଣ୍ଟ କରୁଥିବା ପରିବାର ଓ ବ୍ୟବସାୟିକ ସଂସ୍ଥାକୁ ସେମାନଙ୍କର ଅନଧିକୃତ ବ୍ୟବହାରର ଭାର ବୋହିବାକୁ ପଡିଥାଏ । ଅବୈଧ ଓ ଅସୁରକ୍ଷିତ ଭାବରେ ବିଦ୍ୟୁତ ନେବା ଦ୍ୱାରା ଫିଡର୍ ଏବଂ ବଣ୍ଟନ ଟ୍ରାନ୍ସଫର୍ମର ଭାରାକ୍ରାନ୍ତ ହୋଇଥାଏ ଯାହାଦ୍ୱାରା ଭୋଲଟେଜରେ ପରିବର୍ତ୍ତନ,ବାରମ୍ବାର ଟ୍ରିପ୍ ଓ ଦୀର୍ଘ ସମୟ ଧରି ବିଦ୍ୟୁତ ବିଭ୍ରାଟ ଦେଖାଯାଇଥାଏ ଓ ଏହା ଯୋଗୁଁ ଅନେକ ଉପଭୋକ୍ତା ହଇରାଣ ହୋଇଥାନ୍ତି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E.Mail-rw_rourkela@yahoo.co.in
No.1471-O
TENDER CALL NOTICE
BID IDENTIFICATION NO. ONLINE-EERKL-19 of 2025-26

1. Name of the Work :- Road Works.
2. Total No. of works :- 05 (Five) Nos.
3. Estimated cost :- Rs.5.59 Lakhs to 9.32 Lakhs.
4. Class of contractor :- "D" & "C" Class
5. Period of completion :- 01 (One) Calendar months.
6. Type of Tender :- Single Cover
7. Other details :-

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-19 of 2025-26 | 18.11.2025 from 10.00 A.M. | 26.11.2025 upto 5.00 P.M. |

Further details can be seen from the website www.tendersodisha.gov.in.
Sd/- Executive Engineer
OIPR RW Division-II, Sundargarh

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
E-514
CONTRACTUAL APPOINTMENT (WALK-IN-INTERVIEW)
Advt. No : 6156 /DPMU Dt: 14.11.2025
Interested candidates may attend the **Walk-in-interview** for the post of Medical Officers at different SNCU, UHWCs & UPHCs, Puri on contractual basis as per the NHM norms.

| Sl No | Name of the Post | Vacancy | Mode of Interview |
|---|---|---|---|
| 01 | MO, MBBS | 08 | 29 .11.2025, 11.00AM (Walk In) |

The application format and details are available in the website https://puri.odisha.gov.in. The application should reach by Walk-In-interview to the undersigned.
-sd-
OIPR Chief District Medical & Public Health Officer, Puri

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Barpali Irrigation Division, Barpali
E-mail Id - ee.barpali.canal@gmail.com
No.875-A
'e' Procurement Notice No-07/2025-26
BID IDENTIFICATION NO-BID 07(01 to 04) / 2025-26
(ON-LINE) DATED 10.11.2025

1. Type of the work : Improvement to canal structures & Approach Road.
2. No of works : 04 (Four) Nos.
3. Class of contractor : "D" & "C"
4. Bid identification No. : BID 07 (01 to 04)/2025-26
5. Estimate cost : 8.97 Lakhs to 16.91 Lakhs
6. Period of completion : As per DTCN.
7. Date and time of availability of bid documents in the portal Dt.13.11.2025 at 11.00 A.M. to Dt.20.11.2025 upto 5.00 P.M.
8. Last date/ time for receipt of bids in the portal Dt.20.11.2025 upto 5.00 P.M.
9. Date of opening of Bid Dt.21.11.2025 at 11.00 A.M.
10. Date of Lottery Dt.27.11.2025 at 11.00 A.M.

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website-http://tenderodisha.gov.in.

Sd/- Superintending Engineer
OIPR Barpali Irrigation Division, Barpali

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା
No. RDM-LAB-GM-0015-2025- 20959 / R&DM, Dated. 11 JUN 2025

XII-13: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା–ଛଣମେରି, ଥାନା– ପାଟପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୦.୫୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା–୩୪୮୮୪, ତାରିଖ : ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ
୬. ଜମିର ବିବରଣୀ

ଜମିର ବିଶଦ ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଛଣମେରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୪୫ | ଏ. ୦.୫୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ–ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

ଛଣମେରି ଗ୍ରାମର ଜମିର ବିବରଣୀ
ମୌଜା - ଛଣମେରି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୭୩ | ୧୪୯୮ | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ଛଣମେରି ଗ୍ରାମବାସୀ ତରଫେ ଟ୍ରଷ୍ଟି | ୧.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୨୪୦ | |
| | ୧୫୨୮ | | ୦.୨୬୦ | | ୦.୦୩୦ | |
| | ୧୫୩୧ | | ୦.୫୮୦ | | ୦.୦୧୫ | |
| | ୧୫୩୭ | | ୦.୨୪୫ | | ୦.୦୫୦ | |
| | ୧୫୨୬ | | ୦.୧୩୫ | | ୦.୦୯୦ | |
| | ୧୫୨୭ | | ୦.୧୨୫ | | ୦.୮୫ | |
| | | | | | ମୋଟ - ୦.୫୧୦ ଏକର | |

Sd/-
Spl. L.A. Cum-R & R.O. (M.I.P),
Mahendragada, (Gajapati)

**ଟ୍ରମ୍ପ୍‌ଙ୍କ ଚାପରେ ଭାରତ**

# ୧୦% ଗ୍ୟାସ୍ ଆମେରିକାଠାରୁ କିଣିବ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଶୁଳ୍କ ବିବାଦ ମଧ୍ୟରେ, ଭାରତ ଏବଂ ଆମେରିକା ସେମାନଙ୍କର ପ୍ରଥମ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ, ଭାରତ ଆମେରିକାରୁ ପ୍ରାୟ ୨.୨ ନିୟୁତ ଟନ୍ ଏଲ୍‌ପିଜି କ୍ରୟ କରିବ। ଏହା ଭାରତର ବାର୍ଷିକ ଆବଶ୍ୟକତାର ୧୦%। ଏହି ଚୁକ୍ତି କେବଳ ଗୋଟିଏ ବର୍ଷ ପାଇଁ, ଅର୍ଥାତ୍ ୨୦୨୬ ପାଇଁ। ଏହି ଚୁକ୍ତି ଭାରତର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଇଣ୍ଡିଆନ ଅଏଲ୍ କର୍ପୋରେସନ), ଭାରତ ପେଟ୍ରୋଲିୟମ୍ କର୍ପୋରେସନ, ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ,- ଆମେରିକାର ଶକ୍ତି ଯୋଗାଣକାରୀ ଚେଭ୍ରନ୍, ଫିଲିପ୍ସ ୬୬ ଏବଂ ଏନର୍ଜିକ୍ ଟ୍ରେଡିଂ ସହିତ ସ୍ୱାକ୍ଷରିତ ହୋଇଛି।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଏଲ୍‌ପିଜି ଗ୍ରାହକ। ବର୍ତ୍ତମାନ, ଭାରତ ଏହାର ଏଲ୍‌ପିଜି ଆବଶ୍ୟକତାର ୫୦% ରୁ ଅଧିକ ଆମଦାନୀ କରେ, ଏଥିରୁ ଅଧିକାଂଶ ଯୋଗାଣ ପଶ୍ଚିମ ଏସୀୟ ବଜାରରୁ ଆସୁଛି। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ଚୁକ୍ତିକୁ ଐତିହାସିକ ବୋଲି କହିଛନ୍ତି। ସେ କହିଛନ୍ତି, ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ଏଲପିଜି ବଜାର ମଧ୍ୟରୁ ଗୋଟିଏ ଏବେ ଆମେରିକା ଯୋଗାଣ ପାଇଁ ଖୋଲା। ଭାରତର ଲୋକଙ୍କୁ ନିରାପଦ ଏବଂ ସୁଲଭ ଏଲପିଜି ଯୋଗାଇବା ପାଇଁ ଆମର ପ୍ରୟାସରେ, ଆମେ ଆମର ସୋର୍ସିଂକୁ ବିବିଧ କରୁଛୁ। ଏହି ଚୁକ୍ତି ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ – ୨୦୨୫' ଉଦ୍‌ଘାଟିତ




ନୂଆଦିଲ୍ଲୀ,୧୭।୧୧: ବର୍ତ୍ତମାନର ସମୟ ଏକବିଂଶ ଶତାବ୍ଦୀର ସମୟ । ଏହି ସମୟରେ ଆମ ଦେଶ ଭାରତ ବିକାଶ ଦିଗରେ ଅଗ୍ରସର ହେଉଥିବା ବେଳେ ଆମକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସୁଯୋଗର ସମ୍ପୂର୍ଣ୍ଣ ଲାଭ ନେବାକୁ ହେବ ବୋଲି ସୋମବାର ନୂଆଦିଲ୍ଲୀରେ ଆୟୋଜିତ 'ଏଆଇ ଇମ୍ପାକ୍ଟ ଫେଷ୍ଟିଭାଲ୍ - ୨୦୨୫'କୁ ଉଦ୍‌ଘାଟନ କରିବା ସହ ଏକାଧିକ ଏଆଇ ପଦକ୍ଷେପର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଇନଟେଲ ଦ୍ୱାରା ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ସେ କହିଥିଲେ ଏହି ପଦକ୍ଷେପ ଗୁଡ଼ିକ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ଆମ ଛାତ୍ରଛାତ୍ରୀଙ୍କ କଳ୍ପନା ଓ ନବସୃଜନକୁ ଆହୁରି ଅଧିକ ଗତି ଦେବ। ଭାରତବର୍ଷ ଏଆଇ ପ୍ରଦାନ କରୁଥିବା ସୁଯୋଗଗୁଡ଼ିକୁ ହାତଛଡ଼ା ନକରି ତାହାକୁ ଆପଣେଇ ନେଉଛି। ଭାରତର ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତାର ମିଳିତ ଶକ୍ତି ଏକ ବିକଶିତ ଭାରତ ଗଠନ କରିବ।

# ରାଷ୍ଟ୍ରପତିଙ୍କୁ ଷୋଡ଼ଶ ଅର୍ଥ ଆୟୋଗଙ୍କ ରିପୋର୍ଟ ପ୍ରଦାନ

ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି): ଭାରତୀୟ ସମ୍ବିଧାନର ଧାରା ୨୮୦ ର ଧାରା (୧) ଅନୁଯାୟୀ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଥିଲା। ଡକ୍ଟର ଅରବିନ୍ଦ ପାନଗାରିଆଙ୍କ ଅଧ୍ୟକ୍ଷତାରେ କମିଶନ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ଆୟୋଗଙ୍କ ଏହି ରିପୋର୍ଟ ୨୦୨୬-୩୧ ଆର୍ଥିକବର୍ଷ ନିମନ୍ତେ ଉର୍ଦ୍ଦିଷ୍ଟ। ଏହି ଅବସରରେ ଆୟୋଗର ସଦସ୍ୟ ଆନି ଜର୍ଜ ମାଥ୍ୟୁ, ଡକ୍ଟର ମନୋଜ ପଣ୍ଡା, ଟି. ରବି ଶଙ୍କର ଏବଂ ଡକ୍ଟର ସୌମ୍ୟକାନ୍ତି ଘୋଷ ଏବଂ ଆୟୋଗଙ୍କ ସଚିବ ଋତ୍ୱିକ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆୟୋଗ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ରିପୋର୍ଟର ଏକ ନକଲ ପ୍ରଦାନ କରିଛନ୍ତି। ସନ୍ଦର୍ଭର ସର୍ତ୍ତାବଳୀ (ଟିଓଆର୍) ଅନୁଯାୟୀ, ଆୟୋଗ ୨୦୨୬ ଏପ୍ରିଲ୍ ପହିଲାରୁ ଆରମ୍ଭ କରି ୫ ବର୍ଷ ପାଇଁ ଏହାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଟିକସର ନିଟ୍ ଆୟ ବଣ୍ଟନ, ରାଜ୍ୟମାନଙ୍କ ମଧ୍ୟରେ ଏପରି ପ୍ରାପ୍ତିର ସମ୍ପୃକ୍ତ ଅଂଶର ଆବଣ୍ଟନ ପାଇଁ ଆର୍ଥିକ ବ୍ୟବସ୍ଥାର ସମୀକ୍ଷା ଉପରେ ସୁପାରିଶ କରାଯାଇଥିଲା।

# ଗୌହାଟୀ ଯିବେ ନାହିଁ ଗିଲ୍

**କୋଲକାତା, ୧୭।୧୧(ଏଜେନ୍ସି):** ଦକ୍ଷିଣ ଆଫ୍ରିକାଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ଅନୁଭୂତ ହୋଇଥିଲା। ଭାରତର ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିବା ପରେ ଗିଲ୍ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବେକ ପଛପଟେ ଯନ୍ତ୍ରଣା ହେବାରୁ ସେ ଏହି ଟେଷ୍ଟରେ ଆଉ ଖେଳି ପାରି ନ ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଆଜି ତାଙ୍କୁ ମେଡିକାଲରୁ ଛାଡି ଦିଆଯାଇଛି। କିନ୍ତୁ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ଆଶଙ୍କା ରହିଛି। ଆସନ୍ତାକାଲି ବା ମଙ୍ଗଳବାର ଭାରତୀୟ ଦଳ ଇଡେନ୍‌ରେ ଅଭ୍ୟାସ କରିବ। ବୁଧବାର ସକାଳେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଗୌହାଟୀ ଯାତ୍ରା କରିବ। କିନ୍ତୁ ବେକରେ ଆଘାତ ଲାଗିଥିବା ବ୍ୟକ୍ତିଙ୍କୁ ବିମାନରେ ଯାତ୍ରା କରିବାର ନିୟମ ନାହିଁ। ଏବେ ସେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିଛନ୍ତି। ଯାହା ଫଳରେ ବୁଧବାର ଦଳ ସେ ଗୌହାଟୀ ଯାଇ ପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ସେ ଯଦି ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସମର୍ଥ ନ ହୁଅନ୍ତି, ତେବେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ବି. ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲଙ୍କ ମଧ୍ୟରୁ ଜଣେ ଖେଳିବାର ସୁଯୋଗ ପାଇପାରନ୍ତି। ଅନ୍ୟ ପକ୍ଷରେ ଗିଲ ଦ୍ୱିତୀୟ ଟେଷ୍ଟରେ ନ ଖେଳିଲେ, ତାଙ୍କ ସ୍ଥାନରେ ଆଉ ନୂଆ ଖେଳାଳିଙ୍କ ନିଆଯିବ କିମ୍ବା ଦଳରେ ଥିବା ବ୍ୟାଟରଙ୍କୁ ସାମିଲ କରାଯିବ ତାହା ଏବେଠାରୁ କହିବା କଷ୍ଟକର। ଦଳରେ ଥିବା ୨ ବ୍ୟାଟର ହେଲେ ବି. ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲ। ସୁଦର୍ଶନ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟ ଖେଳି ୮୭ ଓ ୩୯ ରନ୍ କରିଥିଲେ। କିନ୍ତୁ ସେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ୨ଟି ଟେଷ୍ଟର ୪ଟି ଇନିଂସରେ ୩୨ ରନ୍‌ର ସର୍ବାଧିକ ରନ୍ କରିଥିଲେ। ଘରୋଇ ମାଟିରେ ଇଂଲଣ୍ଡ ସହ ଖେଳିଥିବା ପାଡିକଲ ଅଷ୍ଟ୍ରେଲିଆରେ ଗୋଟିଏ ଟେଷ୍ଟ ଖେଳିଥିଲେ। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟରେ ସେ ୩ଟି ଇନିଂସରେ ଏକ ଅଙ୍କ ବିଶିଷ୍ଟ ଓ ଅନ୍ୟ ଗୋଟିକରେ ୨୪ ରନ୍ କରିଥିଲେ।



# ଇଡେନ୍ ପିଚ୍‌କୁ ନେଇ ବିତର୍କ ଜୋର୍‌ଦାର୍

**କୋଲକାତା,୧୭।୧୧(ଏଜେନ୍ସି):** ସ୍ଥାନୀୟ ଇଡେନ ଗାର୍ଡେନଠାରେ ଦକ୍ଷିଣ ଆଫ୍ରିକା ଠାରୁ ଭାରତ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ପିଚ୍‌କୁ ନେଇ ଆଲୋଚନା, ସମାଲୋଚନା ଓ ବିତର୍କ ଜୋର ହୋଇଛି। ଦଳର ପରାଜୟ ପରେ ମଧ୍ୟ ଏହି ପିଚ୍‌କୁ ଭାରତୀୟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ସୁସ୍ଥ ହେବା ପରେ ଅଧିନାୟକ ଶୁବମନ ଗିଲ୍ ସମର୍ଥନ କରିଛନ୍ତି। ପିଚ୍ ନିର୍ମାତା ସୁଜନ ବାନାର୍ଜୀ ତାଙ୍କ ପରାମର୍ଶ ଅନୁଯାୟୀ ସହାୟତା ଯୋଗାଇଦେଇଛନ୍ତି। ଏଣୁ ପିଚ୍‌କୁ ଦୋଷ ଦେଇହେବ ନାହିଁ ବୋଲି ଗମ୍ଭୀର କହିଛନ୍ତି। ପ୍ରଥମ ଦିନରୁ ଇଡେନ୍ ପିଚ୍‌ରେ ଅନ୍ ଇଭିନ ବାଉନ୍ସ ହୋଇଥିଲା। ଯାହା ଫଳରେ ଭାରତୀୟ ପେସର ଫାଇଦା ଉଠାଇ ୭ଟି ୱିକେଟ ନେଇଥିଲେ। ଏହା ପରେ ଦ୍ୱିତୀୟ ଦିନରେ ଅନ୍‌ଇଭିନ ବାଉନ୍ସ ସାଙ୍ଗକୁ ପିଚ୍ ଟର୍ଣ୍ଣ ନେଇଥିଲା। ଯାହା ଫଳରେ ବ୍ୟାଟିଂ କରିବା କଷ୍ଟକର ହୋଇଥିଲା। ମ୍ୟାଚ୍‌ର ତୃତୀୟ ଦିନରେ ବଲ ଅଧିକ ଟର୍ଣ୍ଣ ହୋଇଥିଲା। ଯାହାକୁ ଭାରତୀୟ ବ୍ୟାଟର ମୁକାବିଲା କରି ପାରି ନ ଥିଲେ। ଶୁବମନ ଗିଲ ଅନୁପସ୍ଥିତ ଥିଲାବେଳେ ଅନ୍ୟ ୯ ଜଣଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାର ସ୍ପିନରମାନେ ୭ଟି ୱିକେଟ ନେଇଥିଲେ। ଏଣୁ ଟର୍ଣ୍ଣ ନେଉଥିବା ପିଚ୍‌ରେ ଭାରତୀୟ ବ୍ୟାଟର ଯେ ଖେଳିବାକୁ ଅସମର୍ଥ ତାହା ପୁଣିଥରେ ପ୍ରମାଣିତ ହୋଇଛି। କିଛି ଦିନ ଆଗରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପସ୍ଥିତି ସତ୍ତ୍ୱେ ଭାରତୀୟ ଟର୍ଣ୍ଣିଂ ପିଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ନିକଟରୁ କ୍ରମାଗତ ୩ଟି ମ୍ୟାଚ୍‌ରେ ହାରିଯାଇଥିଲା। ବିଶେଷ କରି ଡାହାଣହାତୀ ବ୍ୟାଟରଙ୍କୁ ବାମହାତୀ ସ୍ପିନର ଓ ବାମହାତୀ ବ୍ୟାଟରଙ୍କୁ ଅଫ୍ ସ୍ପିନର ଅତି ସହଜରେ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ କହିବାକୁ ଗଲେ ଟର୍ଣ୍ଣିଂ ପିଚ୍‌ରେ ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଥିଲା। ନିଜ ମାଟିରେ ଟେଷ୍ଟ ହାରିବା ସମର୍ଥକଙ୍କର ଆଦୌ ହଜମ ହେଉନାହିଁ। ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ ହୋଇଥିଲେ ମଧ୍ୟ ସ୍ପିନରଙ୍କୁ ମୁକାବିଲା କରିବାରେ ଦକ୍ଷତା ନ ଥିଲା। ଦ୍ୱିତୀୟ ଇନିଂସରେ ଅଧିନାୟକ ତେମ୍ବା ବଭୁମାଙ୍କ ଅପରାଜିତ ଅର୍ଦ୍ଧଶତକ ସବୁକିଛି ବଦଳାଇଦେଇଥିଲା। ଏବେ ଦୁଇଟି ପ୍ରଶ୍ନ ସମର୍ଥକଙ୍କୁ ଆନ୍ଦୋଳିତ କରୁଛି। ଗୋଟିଏ ହେଲା ଇଡେନ ପିଚ୍ ଟେଷ୍ଟ ଲାଗି ଏବଂ ଦ୍ୱିତୀୟଟି ହେଉଛି ଭାରତ ଲାଗି ଉପଯୁକ୍ତ କି ନୁହେଁ। ଭାରତ ଟେଷ୍ଟ ହାରିଯିବା ପରେ ଇଡେନ୍ ପିଚ୍‌କୁ ନେଇ ଦୀର୍ଘଦିନ ବିତର୍କ ଜାରି ରହିବ।

କିଟ୍ ରଣଜୀ ଲଢ଼େଇ

# ଅନିଲଙ୍କ ଶତକ; ଓଡ଼ିଶା ଇନିଂସ ଅଗ୍ରଣୀ

ଭୁବନେଶ୍ୱର, ୧୭ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୨୭୫ ରନ ଜବାବରେ ନାଗାଲାଣ୍ଡ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୧୪ ରନରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା କିନ୍ତୁ ଦ୍ୱିତୀୟ ଇନିଂସ ଆରମ୍ଭରୁ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୬.୫ ଓଭର ଖେଳି ୨ ୱିକେଟ ହରାଇ ୧୬ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ୯ ରନ କରି ଅପରାଜିତ ରହିଛନ୍ତି। ଓପନର୍ ଗୌରବ ଚୌଧୁରୀ ୭ ରନରେ ଆଉଟ୍ ହୋଇଛନ୍ତି। ସେହିଭଳି ଏଠାରେ ପଦାର୍ପଣ କରିଥିବା ୱିକେଟ୍‌କିପର ସାୱନ ପହରିୟା ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶ କରି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ପହରିୟା ମାତ୍ର ୧ ରନ କରିଥିଲେ। ଆଠ ୱିକେଟ ବଳକା ଥାଇ ଓଡ଼ିଶା ଏବେ ମୋଟ୍ ଉପରେ ୧୩୦ ରନରେ ଅଗ୍ରଣୀ ଲାଭ କରିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।



### ଅନିଲଙ୍କ ଶତକ; ବୋଲରଙ୍କ ମିଳିତ ସଫଳତା

ପୂର୍ବ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୩/୭ରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ନିଜର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଯୁବ ବ୍ୟାଟର ଅନିଲ ପରିଡ଼ା ୧୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି ୧୪ ଏବଂ ବାଦଲ ବିଶ୍ୱାଳ ଓ ତାପସ ଦାସ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ଅନିଲଙ୍କ ଏହା ପ୍ରଥମ ପ୍ରଥମଶ୍ରେଣୀ ଶତକ ଥିଲା। ଗତ ସିଜନରେ ସେ ସର୍ଭିସେସ ବିପକ୍ଷ ପଦାର୍ପଣ ମ୍ୟାଚରେ ଅପରାଜିତ ୯୯ ରନ କରିବା ସହ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ନାଗାଲାଣ୍ଡ ପକ୍ଷରୁ ରୋନିତ ମୋରେ, ଅଧିନାୟକ ରଙ୍ଗସେନ ଜୋନାଥନ ଓ ଲମଲିୱତି ଲେମତୁର ୩ଟି ଲେଖାଏ ୱିକେଟ୍ ନେଇଥିଲେ।

ଏହାପରେ ପ୍ରଥମ ପାଳି ଆରମ୍ଭ କରିଥିବା ନାଗାଲାଣ୍ଡ ଓପନିଂ ୱିକେଟରେ ୫୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୬୧ରେ ସୀମିତ ରହିଥିଲା। ଓପନର୍ ଡେଗା ନିଶ୍ଚଳ ସର୍ବାଧିକ ୭୨, ରୋନିତ ୨୫ ଓ ଜୋନାଥନ ୧୬ ରନ କରିଥିଲେ। ଘରୋଇ ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ୱିକେଟ୍ ନେଇ ଦଳକୁ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


### ସଂକ୍ଷିପ୍ତ ସ୍କୋର

**ଓଡ଼ିଶା ପ୍ରଥମ ଇନିଂସ:** ୨୭୫/୧୦, ୧୦୪.୪ ଓଭର।
**ନାଗାଲାଣ୍ଡ ପ୍ରଥମ ଇନିଂସ:** ୧୬୧/୧୦, ୫୭.୩ ଓଭର
**ଓଡ଼ିଶା ଦ୍ୱିତୀୟ ଇନିଂସ:** ୧୬/୨, ୬.୫ ଓଭର (ସ୍ୱସ୍ତିକ- ଅପରାଜିତ- ୯, ଗୌରବ- ୭, ଲେମତୁର- ୧/୪)

● ଏଟିପି ଫାଇନାଲ୍ସ

## ଟାଇଟଲ୍ ସହ ୪୪.୯ କୋଟି ଜିତିଲେ ସିନ୍ନର୍

**ତୁରିନ, ୧୭ ।୧୧ (ଏଜେନ୍ସି):** ପୁରୁଷ ଟେନିସ ଇତିହାସର ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ଏଥର ମଧ୍ୟ ଇଟାଲୀ ତାରକା ଜାନ୍ନିକ ସିନ୍ନର ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସିନ୍ନର ୭-୬ (୪), ୭-୫ ସେଟ୍‌ରେ ଶୀର୍ଷ ମାନ୍ୟତା କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିଛନ୍ତି। ଘରୋଇ ମାଟିରେ ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ରେକର୍ଡ ୫.୦୭୧ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୪ କୋଟି ୯୨ ଲକ୍ଷ) ପୁରସ୍କାର ବାବଦରେ ହାସଲ କରିଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ୨.୭ ମିଲିୟନ ଡଲାର (୨୩ କୋଟି ୯୫ ଲକ୍ଷ ଟଙ୍କା) ବିଜୟୀ ହୋଇଛନ୍ତି।



## ରୟାଲ୍ସର କୋଚ୍ ପଦକୁ ଫେରିଲେ ସାଙ୍ଗାକରା

**ଜୟପୁର, ୧୭ ।୧୧ (ଏଜେନ୍ସି):** ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର୍ କୁମାର ସାଙ୍ଗାକରା ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ପଦକୁ ଫେରିଛନ୍ତି। ୪୮ ବର୍ଷୀୟ ସାଙ୍ଗାକରାଙ୍କୁ ପୁନଃନିଯୁକ୍ତି କରାଯାଇଥିବା ନେଇ ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ରାହୁଲ ଦ୍ରାବିଡଙ୍କ ସ୍ଥାନରେ ସାଙ୍ଗାକରା ଆଗାମୀ ଆଇପିଏଲ୍-୧୯ରେ ରୟାଲ୍ସର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ।

## ଓଡ଼ିଶା ବୋଲର ନିରାଶ; ମହାରାଷ୍ଟ୍ର ୫୨୮

କୁଚ ବିହାର ଟ୍ରଫି

**କଟକ,୧୭।୧୧(ସମିସ):** ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଉଥିବା କୁଚବିହାର ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ମହାରାଷ୍ଟ୍ର ଦଳ ଦୃଢ଼ ସ୍ଥିତିରେ ରହିଛି। ମହାରାଷ୍ଟ୍ରର ପ୍ରଥମ ପାଳି ୫୨୮ ରନରେ ସୀମିତ ରହିବା ପରେ ସୋମବାର ମ୍ୟାଚର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ୱିକେଟ ହରାଇ ୧୩୪ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକି ରହିଛି। ଅସମାପ୍ତ ପ୍ରଥମ ପାଳି ୨୯୯/୫ରୁ ଆଜି ମହାରାଷ୍ଟ୍ର ବ୍ୟାଟିଂ ଆରମ୍ଭ କରିଥିଲା। ୪୮ ରନରେ ଅପରାଜିତ ଥିବା ଏସ୍ ଜଗତପ ୧୧୭ରନର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆରକମ୍ ସୟଦଙ୍କ ୬୨ରନ ଏବଂ ଶୁଭମ କଦମଙ୍କ ୪୮ରନ ଯୋଗୁଁ ମହାରାଷ୍ଟ୍ରର ସ୍କୋର ୫୦୦ ଟପିଥିଲା। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୫ଟି ୱିକେଟ ଦଖଲ କରିଥିଲେ।

ଜାତୀୟ ପାରା ସୁଇମିଂରେ ଚମକ

## ଦ୍ୱିତୀୟ ଦିନରେ ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୬ ପଦକ

**ଭୁବନେଶ୍ୱର,୧୭ ।୧୧(ସମିସ):** ହାଇଦରାବାଦ୍‌ରେ ଚାଲିଥିବା ୨୫ତମ ଜାତୀୟ ପାରା ସୁଇମିଂରେ ଓଡ଼ିଶାର ସନ୍ତରଣକାରୀଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଉଦ୍‌ଘାଟନୀ ଦିବସରେ ୭ଟି ପଦକ ଜିତିଥିବା ଓଡ଼ିଶା ସୋମବାର ଆଉ ୨୬ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଲିନା ସ୍ୱାଇଁ ୨ଟି ଏବଂ ନରହରି ବେହେରା ଓ ସଙ୍ଗୀତା ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ବିକାଶ ରଞ୍ଜନ ବରାଳ, ପ୍ରଦୀପ୍ତ କୁମାର ସ୍ୱାଇଁ, ଲିନା ସ୍ୱାଇଁ, ଆକାଶ ବାନଛୋର, ଗୋଲାପୀ ସିରକା, ଚୈତନ୍ୟ ମାରାଣ୍ଡି, ଭାନୁମତୀ ବେହେରା ଗୋଟିଏ ଲେଖାଏ ଏବଂ ରଞ୍ଜନ ହାଁସଦା ଓ କବିତା ଦଳାଇ ୨ଟି ଲେଖାଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରାମ ମୁର୍ମୁ, ଅନିତା ମୁଣ୍ଡା, ଭାନୁମତୀ, ସୁଜାତା ସାମଲ, ବିଜୁ ସିଂ, କମଳ ଟୁଡୁ ଓ ଶିବାନନ୍ଦ ବୈଦ୍ୟ କାଂସ୍ୟ ପଦକ ସଫଳତା ପାଇଥିଲେ।

ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର

## ସୁବ୍ରତ-ଆଶୁତୋଷ ଫାଇନାଲ

**ଭୁବନେଶ୍ୱର,୧୭।୧୧(ସମିସ):** ରାଜ୍ୟର ଦୁଇ ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ବିଲିଆର୍ଡ୍ସ ଟାଇଟଲ ଲାଗି ମୁକାବିଲା ହେବ। ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଚାଲିଥିବା ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ଚିରଞ୍ଜୀବ ସିଂହଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଆଶୁତୋଷ ଓ ସମୀର ଅଲିଙ୍କୁ ୩-୦ରେ ହରାଇ ସୁବ୍ରତ ବିଲିଆର୍ଡ୍‌ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କୁନାଲ ଅଗରୱାଲଙ୍କୁ ୨-୧ରେ ହରାଇ ଆଶୁତୋଷ ସେମିରେ ପ୍ରବେଶ କରିଥିଲେ। ଆସନ୍ତାକାଲି ଫାଇନାଲ୍ ଖେଳାଯିବ।

ଷ୍ଟେଟ-ଏ' ଟ୍ରଫି

## ଆସାମକୁ ହରାଇ ଓଡ଼ିଶାର ଚତୁର୍ଥ ବିଜୟ

**କଟକ,୧୭।୧୧(ସମିସ):** ଚଳିତ ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ (ଲିଷ୍ଟ-ଏ) ଟ୍ରଫିରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ଆଜି ବରୋଦାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅନ୍ତିମ ୱିକେଟରେ ଆସାମକୁ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ୍‌ରୁ ୪ଟି ବିଜୟ, ଗୋଟିଏ ପରାଜୟ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ୧୯ ତାରିଖରେ ମୁମ୍ବଇ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୮ ୱିକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ଓପନର ସୌରଭ ଡ଼ିଙ୍ଗିଆ ଅପରାଜିତ ୧୩୪ରନ କରିଥିଲେ। ଓଡ଼ିଶାର ମହମ୍ମଦ ଡାନିସ ଏବଂ ଆୟୁଷ ବାରିକ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ତେବେ ୪୯ ଓଭରରେ ୯ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଜଳ କୁମାର ସିଂହ ୫୪ବଲରୁ ୭୬ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ୬୭ରନ କରିଥିଲେ।



ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ଡୁଲେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୬୧୩୩୦ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍ ଉଦିତନଗର, ରାଉରକେଲା - ୭୬୯୦୦୨ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS